ବର୍ଷ-୨୬, ସଂଖ୍ୟା-୧୬୨
ଭୁବନେଶ୍ୱର
୧୮, ଜୁନ ୨୦୨୬ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 162
Bhubaneswar
18, June, 2026, Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat




ଗିଲ୍ଙ୍କ ଶତକ

# ଭାରତୀୟ ନାବିକଙ୍କ ଉପରେ ଆକ୍ରମଣ ପ୍ରସଙ୍ଗ ଉଠାଇଲେ ପ୍ରଧାନମନ୍ତ୍ରୀ




ନୂଆଦିଲ୍ଲୀ,୧୭।୬: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦ୍ୱିପାକ୍ଷିକ ବୈଠକରେ ଆଲୋଚନା କରିଛନ୍ତି। ଏହି ବହୁ ପ୍ରତୀକ୍ଷିତ ସାକ୍ଷାତ ସମୟରେ ଦୁଇ ନେତା ଉଭୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ କଥାବାର୍ତ୍ତା ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜି-୭ ଶିଖର ସମ୍ମିଳନୀ ଅବସରରେ ହର୍ମୁଜ୍ ପ୍ରଣାଳୀ ଅବରୋଧ ଏବଂ ଭାରତୀୟ ନାବିକଙ୍କ ଉପରେ ଆକ୍ରମଣ ପ୍ରସଙ୍ଗ ଉଠାଇଛନ୍ତି। ସେ କହିଛନ୍ତି ଯେ ହର୍ମୁଜ୍ ପ୍ରଣାଳୀକୁ ଖୋଲା ରଖିବା ବିଶ୍ୱ ଅର୍ଥନୀତି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥି ସହିତ ସେ କହିଛନ୍ତି, ଭାରତୀୟ ନାବିକଙ୍କ ସୁରକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣଫ ଆଶା କରୁଛଶ ଯେ ଇରାନ ସହିତ ଯେକୌଣସି ଶାନ୍ତି ଚୁକ୍ତିରେ ନାବିକଙ୍କ ସୁରକ୍ଷାକୁ ନିଶ୍ଚିତ ଭାବରେ ପ୍ରାଥମିକତା ଦିଆଯିବ।

ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଆମେରିକା ରାଷ୍ଟ୍ରପତି ପ୍ରଶଂସା କରିଛନ୍ତି। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦୀ ଦୃଶ୍ୟମାନ ଭାବରେ ଶାନ୍ତ କିନ୍ତୁ ଆଲୋଚନାରେ ବହୁତ କଠୋର। ଆମେ ଖୁବ୍ ଶୀଘ୍ର ଭାରତ ସହିତ ଏକ ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ କରିବୁ। ମୁଁ ଭବିଷ୍ୟତରେ କେବେ ଭାରତ ମଧ୍ୟ ଗସ୍ତ କରିବି। ମୋର ଭାରତ ପ୍ରତି ବହୁତ ସମ୍ମାନ ଅଛି।

ଫ୍ରାନ୍ସରେ ଅନୁଷ୍ଠିତ ଜି-୭ ଶିଖର ସମ୍ମିଳନୀ ଅବସରରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଛି। ସାରା ବିଶ୍ୱର ନଜର ରହିଥିବା ଏହି ହାଇ-ପ୍ରୋଫାଇଲ୍ ବୈଠକରେ ଉଭୟ ନେତା ବାଣିଜ୍ୟ, ପ୍ରତିରକ୍ଷା ସହଯୋଗ ଏବଂ ଭାରତ-ପ୍ରଶାନ୍ତ କ୍ଷେତ୍ରର ସୁରକ୍ଷା ଉପରେ ବ୍ୟାପକ ଆଲୋଚନା କରିଛନ୍ତି। ଏହି ବୈଠକର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ସମ୍ବେଦନଶୀଳ ଦିଗ ଥିଲା ସମୁଦ୍ର ମାର୍ଗରେ କାର୍ଯ୍ୟ କରୁଥିବା ଭାରତୀୟ ନାବିକଙ୍କ ସୁରକ୍ଷା। ବିଶ୍ୱର ବିଭିନ୍ନ ସାମୁଦ୍ରିକ ପଥରେ ଗମନାଗମନ କରୁଥିବା ଲକ୍ଷ ଲକ୍ଷ ଭାରତୀୟ ନାବିକଙ୍କ ଜୀବନର ସୁରକ୍ଷା ଭାରତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀ ମୋଦୀ ଟ୍ରମ୍ପଙ୍କ ସମ୍ମୁଖରେ ଦୃଢ଼ ଭାବେ ଉପସ୍ଥାପନ କରିଛନ୍ତି। ନିକଟରେ ମଧ୍ୟପ୍ରାଚ୍ୟରେ ସୃଷ୍ଟି ହୋଇଥିବା ସାମରିକ ଉତ୍ତେଜନା ମଧ୍ୟରେ ଭାରତୀୟଙ୍କ ସୁରକ୍ଷାକୁ ନେଇ ପ୍ରଧାନମନ୍ତ୍ରୀ ଏହି ଚିନ୍ତା ବ୍ୟକ୍ତ କରିଛନ୍ତି। ରାଷ୍ଟ୍ରପତି ଟ୍ରମ୍ପ ଭାରତର ଏହି ଦାବିକୁ ଗ୍ରହଣ କରିବା ସହ ଅନ୍ତର୍ଜାତୀୟ ସାମୁଦ୍ରିକ ସୁରକ୍ଷା ନିଶ୍ଚିତ କରିବା ଦିଗରେ ପୂର୍ଣ୍ଣ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ବୈଠକରେ ଭାରତକୁ ସମସ୍ତ ସୁରକ୍ଷା ପ୍ରସଙ୍ଗରେ ସହଯୋଗର ନିର୍ଭର ପ୍ରତିଶ୍ରୁତି ଦେଇ ଟ୍ରମ୍ପ କହିଛନ୍ତି, ଯଦି ଭାରତ ଉପରେ କେହି ଆକ୍ରମଣ କରେ ତେବେ ୱାସିଂଟନ ସର୍ବଦା ଭାରତ ସହିତ ଛିଡା ହେବ। ଭାରତ ପ୍ରତି ତାଙ୍କର ସମର୍ଥନକୁ ଦୋହରାଇ ସେ କହିଛନ୍ତି ସେ ଯେ ତାଙ୍କ ଶାସନ ସମୟରେ ୱାସିଂଟନ ଭାରତର ଏକ ଶକ୍ତିଶାଳୀ ସହଯୋଗୀ ଭାବେ ରହିବ। ଯେପର୍ଯ୍ୟନ୍ତ ମୁଁ ରାଷ୍ଟ୍ରପତି ଅଛି, ସେ ପର୍ଯ୍ୟନ୍ତ ହ୍ୱାଇଟ୍ ହାଉସରେ ଭାରତ ପାଇଁ ଜଣେ ଭଲ ବନ୍ଧୁ ଭାବେ ରହିବି ବୋଲି ସେ କହିଛନ୍ତି। ପଶ୍ଚିମ ଏସିଆ ପ୍ରସଙ୍ଗ ଉଲ୍ଲେଖ କରି ଟ୍ରମ୍ପ କହିଛନ୍ତି ଯେ ପଶ୍ଚିମ ଏସିଆରେ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ ଆଶା କରୁଛନ୍ତି। ବୈଠକ ପରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଭାରତ-ଆମେରିକା ମଧ୍ୟରେ ଥିବା ରଣନୈତିକ ସମ୍ପର୍କ ବର୍ତ୍ତମାନ ଏକ ନୂଆ ଶକ୍ତି ଓ ଗତି ହାସଲ କରୁଛି। ଅପରପକ୍ଷରେ, ରାଷ୍ଟ୍ରପତି ଟ୍ରମ୍ପ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ନିଜର ଜଣେ ଭଲ ବନ୍ଧୁ ଭାବେ ଅଭିହିତ ନିବିଡ଼ ସମ୍ପର୍କକୁ ପୁନର୍ବାର ପ୍ରଦର୍ଶନ କରିଛନ୍ତି।

ଆଜି ପ୍ରଧାନମନ୍ତ୍ରୀ ମୋଦୀ ଆମେରିକା ବ୍ୟତୀତ ୟୁରୋପୀୟ ୟୁନିଅନର ପ୍ରମୁଖ ନେତାମାନଙ୍କ ସହ ମଧ୍ୟ ବୈଠକ କରିଛନ୍ତି। ଏହି ଆଲୋଚନାରୁ ଏକ ବଡ଼ ସଫଳତା ମିଳିଛି, ଯେଉଁଠାରେ ଚଳିତ ବର୍ଷ ଶେଷ ସୁଦ୍ଧା ଭାରତ ଓ ୟୁରୋପୀୟ ୟୁନିଅନ ମଧ୍ୟରେ ଏକ ଐତିହାସିକ ମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହେବା ନେଇ ସହମତି ପ୍ରକାଶ ପାଇଛି। ଏହା ବ୍ୟତୀତ ପ୍ରଧାନମନ୍ତ୍ରୀ ମୋଦୀ ଜର୍ମାନୀ ଚାନ୍ସେଲର ଫ୍ରେଡ୍ରିକ୍ ମେର୍ଜଙ୍କ ସହ ଆର୍ଥିକ ସହଯୋଗ ବୃଦ୍ଧି ଏବଂ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କ ସହ ମଧ୍ୟ ପୃଥକ ଭାବେ ସାକ୍ଷାତ କରି ବିଶ୍ୱ ଶାନ୍ତି ଉପରେ ଆଲୋଚନା କରିଛନ୍ତି।

# ପାଠ୍ୟପୁସ୍ତକ ତ୍ରୁଟି ନେଇ ମୁଖ୍ୟମନ୍ତ୍ରୀଙ୍କ କଡ଼ା ଆଭିମୁଖ୍ୟ

## ତିନି ଜଣିଆ କମିଟି ଗଠିତ, ୭ ଦିନରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୭/୦୬: ପାଠ୍ୟ ପୁସ୍ତକ ତ୍ରୁଟି ପ୍ରସଂଗରେ ଲୋକସେବା ଭବନରେ ଗୁରୁତ୍ୱପୂର୍ଣ୍ଣ ବୈଠକ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଧ୍ୟକ୍ଷତାରେ ଏହି ବୈଠକ ବସିଛି । ଏଥିରେ ତୁରନ୍ତ ତ୍ରୁଟି ସୁଧାରିବା ସହ କାର୍ଯ୍ୟାନୁଷ୍ଠାନ ଲାଗି ନିଷ୍ପତ୍ତି ହୋଇଛି । ଏନେଇ ଉନ୍ନୟନ କମିଶନରଙ୍କ ନେତୃତ୍ୱରେ ଏକ ତିନି ଜଣିଆ କମିଟି ଗଠିତ । ସ୍କୁଲ ପାଠ୍ୟ ପୁସ୍ତକରେ ତ୍ରୁଟି ପାଇଁ କେଉଁ ଅଧିକାରୀ କିମ୍ବା ସଂସ୍ଥା ଦାୟୀ ତାହାଙ୍କୁ ଚିହ୍ନଟ କରି ୭ ଦିନରେ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ରିପୋର୍ଟ ଆଧାରରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ।

ବିରୋଧୀଙ୍କ ଜୋରଦାର ସମାଲୋଚନା ପରେ ପାଠ୍ୟପୁସ୍ତକ ତ୍ରୁଟି ପ୍ରସଂଗ ଲୋକସେଭା ଭାବନରେ ପହଞ୍ଚିଥିଲା । ମୁଖ୍ୟମନ୍ତ୍ରୀ ମହୋନ ଚରଣ ମାଝୀ ତୁରନ୍ତ ବୈଠକ ଡାକିଥିଲେ । ଏଥିରେ ଆଭାସୀ ମାଧ୍ୟମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ବିଭିନ୍ନ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

ପାଠ୍ୟପୁସ୍ତକ ପ୍ରସ୍ତୁତ ପାଇଁ ଯେତିକି ସମୟ ଆବଶ୍ୟକ ତାଠୁ ଢେର କମ୍ ସମୟରେ ପ୍ରସ୍ତୁତ ହେଲା । ଜାତୀୟ ସ୍ତରରେ ଏନ୍‌ସିଇଆରଟି ପାଠ୍ୟପୁସ୍ତକ ପ୍ରସ୍ତୁତ କରିବାକୁ ୩ ରୁ ୪ ବର୍ଷ ଲାଗୁଛି । ଓଡିଶାରେ ଏସସିଇଆରଟି ମାତ୍ର ୬ ମାସରେ ପାଠ୍ୟପୁସ୍ତକ ପ୍ରସ୍ତୁତ କରି ଛାପିବା ପାଇଁ ପଠାଇଦେଲେ । କେବଳ ସେତିକି ନୁହେଁ, ଚୂଡ଼ାନ୍ତ ସମୀକ୍ଷା ପାଇଁ କମିଟିର ସଦସ୍ୟମାନେ ପାଠ୍ୟପୁସ୍ତକକୁ ଆଣି ଦେଖିନାହାନ୍ତି । ଯେଉଁମାନେ ପାଠ୍ୟପୁସ୍ତକ ପ୍ରସ୍ତୁତି ପାଇଁ ନିୟୋଜିତ ହୋଇଥିଲେ ସେମାନଙ୍କୁ ଚାପ ଦିଆଯାଇ ତରତର କରି ବହି ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଗଲା । ଫଳ, ହେଲା ଏଇଆ । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଇଁ ଛପା ଯାଇଥିବା ବହିରେ ୧୬୭୮ଟି ଭୁଲ୍ ରହିଗଲା । ୨ କୋଟି ୯୮ ଲକ୍ଷ ବହି ପ୍ରସ୍ତୁତିରେ ପାଖାପାଖି ଦୁଇ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଛି । ବହି ଛାପିବା ପାଇଁ ଆହୁରି ୪୫ରୁ ୫୦ କୋଟି ଟଙ୍କା ଖର୍ଚ୍ଚ ହେବ । ସତେ ଯେମିତି ଏହା ବହି ଛପା ନୁହେଁ ତ ପିଲା ଖେଳ ।

# ଓଡ଼ିଶା-ସିଙ୍ଗାପୁର ସମ୍ପର୍କ ସୁଦୃଢ଼ ହେବ



ଭୁବନେଶ୍ୱର୧୭।୬(ମହାଭାରତ):: ଆଗାମୀ ଦିନରେ ଓଡିଶା ଓ ସିଙ୍ଗାପୁର ମଧ୍ୟରେ ଦ୍ୱିପାକ୍ଷୀକ ସମ୍ପର୍କ ଆହୁରି ସୁଦୃ ହେବାକୁ ଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ଆଜି ଭାରତରେ ଅବସ୍ଥାପିତ ସିଙ୍ଗାପୁରର ଉଚ୍ଚାୟୁକ୍ତ ସାଇମନ୍ ୱଙ୍ଗଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକରେ ଦ୍ୱିପାକ୍ଷିକ ପୁଞ୍ଜିନିବେଶ ପ୍ରକଳ୍ପଗୁଡ଼ିକର ସଫଳ ରୂପାୟନ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସିଙ୍ଗାପୁରର ସହରୀ ଯୋଜନା, ସ୍ୱଚ୍ଛ ଶକ୍ତି, ବନ୍ଦର ପରିଚାଳନା, ଓ ପ୍ରଯୁକ୍ତି କ୍ଷେତ୍ରରେ ଥିବା ଦକ୍ଷତା ଓଡ଼ିଶାର ବିକାଶମୂଳକ ଲକ୍ଷ୍ୟ ହାସଲ ଦିଗରେ ଖୁବ୍ ସହାୟକ ହେବ। ସମୃଦ୍ଧ ଓଡ଼ିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ ଲକ୍ଷ୍ୟ ହାସଲ ଦିଗରେ ସିଙ୍ଗାପୁର ଏକ ସ୍ୱାଭାବିକ ସହଯୋଗୀ ବୋଲି ସେ କହିଥିଲେ।

ସିଙ୍ଗାପୁର ନିବେଶକମାନଙ୍କୁ ସମ୍ପୂର୍ଣ୍ଣ ସହାୟତା, ସିଙ୍ଗଲ୍-ୱିଣ୍ଡୋ ବ୍ୟବସ୍ଥା ଓ ନିବେଶ ପ୍ରସ୍ତାବ ଉପରେ ତୁରନ୍ତ ନିଷ୍ପତ୍ତି ଗ୍ରହଣ ପାଇଁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଗତବର୍ଷ ଜାନୁଆରିରେ ସିଙ୍ଗାପୁର ରାଷ୍ଟ୍ରପତି ଡକ୍ଟର ଥରମାନ ସନମୁଗରତ୍ନମଙ୍କ ଓଡ଼ିଶା ଗସ୍ତ ସମୟରେ ୫ଟି ବିଭାଗ ସହ ୮ଟି ଏମ୍‌ଓୟୁ ହୋଇଥିଲା। ସିଙ୍ଗାପୁର ନିବେଶ ପାଇଁ ଏକ ସୁବ୍ୟବସ୍ଥିତ ବ୍ୟବସ୍ଥା ଗଠନ କରିବାକୁ ସେ ପ୍ରସ୍ତାବ ଦେଇଥିଲେ। ଏଥିସହିତ ସେ ସବୁଜ ଶକ୍ତି, ସହରୀ ବିକାଶ ଓ ଦକ୍ଷତା ବୃଦ୍ଧି କ୍ଷେତ୍ରରେ ସିଙ୍ଗାପୁରର ବ୍ୟବସାୟିକ ପ୍ରତିନିଧି ଦଳକୁ ଓଡ଼ିଶା ଆସିବାକୁ ଆମନ୍ତ୍ରଣ କରିଥିଲେ।

ସିଙ୍ଗାପୁର ଉଚ୍ଚାୟୁକ୍ତ ଶ୍ରୀ ୱଙ୍ଗ ଓଡ଼ିଶା ସରକାରଙ୍କ ଦୁଇ ବର୍ଷର ସଫଳ କାର୍ଯ୍ୟକାଳ ପୂରଣ ଅବସରରେ ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଓଡ଼ିଶାର ବିକାଶ ପ୍ରକ୍ରିୟାରେ ସିଙ୍ଗାପୁର ସହଯୋଗ କରିବ ବୋଲି ପ୍ରତିଶ୍ରୁତି ଦେବା ସହ ଆଗାମୀ ଦିନରେ ରାଜ୍ୟର ପ୍ରଗତି ଏବଂ ଅଭିବୃଦ୍ଧି ଯାତ୍ରାରେ ସେମାନେ ମିଳିତ ଭାବେ କାର୍ଯ୍ୟ କରିବେ ବୋଲି କହିଥିଲେ। ଏହି ଅବସରରେ ମୁଖ୍ୟ ସଚିବ ଅନୁ ଗର୍ଗ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା, ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ବିଶାଳ ଦେବ, ମୁମ୍ବାଇର କନସୁଲ୍-ଜେନେରାଲ୍ ଚଙ୍ଗ୍ ମିଙ୍ଗ୍ ଫୁଙ୍ଗ୍ ପ୍ରମୁଖ ଉପସ୍ଥିତ ଥିଲେ।

# ଉପବାଚସ୍ପତିଙ୍କ ଦସ୍ତଖତ ଜାଲ୍ କରି ଯନ୍ତ୍ରୀ ଗିରଫ

ଭୁବନେଶ୍ୱର, ୧୭।୬(ମହାଭାରତ):: ବିଧାନସଭା ଉପବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କ ଜାଲ୍ ଦସ୍ତଖତରେ ବଦଳି ମାମଲାରେ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମଣ ହେମ୍ବ୍ରମଙ୍କୁ ବୁଧବାର ଗିରଫ କରାଯାଇଛି। ତାଙ୍କୁ ଭୁବନେଶ୍ୱରର କ୍ୟାପିଟାଲ ଥାନା ପୁଲିସ ଗିରଫ କରିଛି। ଆଜି ତାଙ୍କୁ କେନ୍ଦୁଝରରୁ ଭୁବନେଶ୍ୱରକୁ ଆଣିଥିଲା କ୍ୟାପିଟାଲ ଥାନା ପୁଲିସ। ଏହି ମାମଲାରେ ଆଉ ଜଣେ ଯନ୍ତ୍ରୀ ଫେରାର ଅଛନ୍ତି। ତାଙ୍କ ନାଁ ମୋନାଲିସା ବେହେରା। ସେ ବାଂଶପାଳ ବ୍ଲକରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଛନ୍ତି। ସେ ଫେରାର ଥିବା ବେଳେ ତାଙ୍କୁ ଧରିବାକୁ ପୁଲିସ ପ୍ରୟାସ ଜାରି ରଖିଛି। ବିଧାନସଭା ଉପବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କ ନକଲି ଲେଟରପ୍ୟାଡ୍ ଓ ଜାଲ୍ ଦସ୍ତଖତରେ ଦୁହେଁ ବଦଳି ହୋଇଥିଲେ। ଉପବାଚସ୍ପତିଙ୍କ ବ୍ୟକ୍ତିଗତ ସଚିବଙ୍କ ଏତଲା ପରେ ଯନ୍ତ୍ରୀ ଲକ୍ଷ୍ମଣ ହେମ୍ବ୍ରମଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟ ଜଣଙ୍କୁ ଗିରଫ କରିବାକୁ ପ୍ରୟାସ କରୁଛି ପୁଲିସ। ଉପବାଚସ୍ପତିଙ୍କ ବ୍ୟକ୍ତିଗତ ସଚିବଙ୍କ ପକ୍ଷରୁ କ୍ୟାପିଟାଲ ଥାନାରେ ଦାଏର ଏଫଆଇଆରରେ ଦର୍ଶାଯାଇଛି ଯେ, ନିଜର ବଦଳି ପାଇଁ ଦୁଇ ଜଣ ସରକାରୀ କର୍ମଚାରୀ (ଇଞ୍ଜିନିୟର) ବିଧାନସଭାର ଉପବାଚସ୍ପତିଙ୍କ ଜାଲ୍ ଦସ୍ତଖତ ଓ ସରକାରୀ ପ୍ୟାଡକୁ ଅପବ୍ୟବହାରର କରିଛନ୍ତି।

# ମହାପ୍ରଭୁ ଜଗନ୍ନାଥଙ୍କୁ ନକଲି ଘିଅରେ ଭୋଗ !

ପୁରୀ, ୧୭।୬(ମହାଭାରତ): ଜଗତର ନାଥ ଜଗନ୍ନାଥ ଓ ଶ୍ରୀମନ୍ଦିର ପ୍ରତି ଗୋଟିଏ ପରେ ଗୋଟିଏ ଅବହେଳା କରାଯାଉଛି। ତିରୁମଲା ତିରୁପତି ଦେବସ୍ଥାନରେ ଗୋରୁ ଚର୍ବି ଅପମିଶ୍ରିତ ଘିଅରେ ବିଶ୍ୱପ୍ରସିଦ୍ଧ ଲଡୁ ଭୋଗ ନିର୍ମାଣ ହେଉଥିବା ଅଭିଯୋଗ ନେଇ ତମ୍ପି ତୁଫାନ ହୋଇଥିଲା। ବର୍ତ୍ତମାନ ବିଶ୍ୱର ଅନ୍ୟତମ ପ୍ରସିଦ୍ଧ ଧାର୍ମିକ ସ୍ଥଳ ପୁରୀ ଶ୍ରୀକ୍ଷେତ୍ରରେ ମହାପ୍ରଭୁ ଜଗନ୍ନାଥଙ୍କୁ ଅନୁରୂପ ଭାବେ ଅପମିଶ୍ରିତ ଘିଅରେ ଭୋଗ ରନ୍ଧା ଯାଉଥିବା ଜଣାଯାଇଛି।

ତିରୁମଲା ତିରୁପତି ଦେବସ୍ଥାନରେ ଅପମିଶ୍ରିତ ଭୋଗ ବିବାଦ ହେବା ପରେ ଶ୍ରୀମନ୍ଦିରରେ ସମସ୍ତ ଭୋଗସାମଗ୍ରୀ ନିମନ୍ତେ କେବଳ ଓମ୍‌ଫେଡ୍ ଘିଅ ବ୍ୟବହାର କରିବାକୁ କଠୋର ନିର୍ଦ୍ଦେଶ ଦିଆଯାଇଥିଲା। କାଳେ ଏଭଳି ଉତ୍ତମ ଘିଅ ବ୍ୟବହାର ହେଲେ ସୁଆରମାନଙ୍କ ଲାଭ କମିଯିବ ଆଶଙ୍କା କରି ଅବା ସହ ଅନ୍ୟାନ୍ୟ ଭୋଗସାମଗ୍ରୀର ଦର ମଧ୍ୟ ବଢାଇଥିଲା। କିନ୍ତୁ ଭକ୍ତ ଓ ଭଗବାନଙ୍କ ବିଶ୍ୱାସରେ ବିଷ ଦେଇ ନକଲି ଘିଅରେ ମହାପ୍ରଭୁଙ୍କ ଭୋଗ ରନ୍ଧା ଯାଉଛି। ମଙ୍ଗଳବାର ରାତିରେ ମହାପ୍ରଭୁଙ୍କ ରୋଷଘରକୁ ଘିଅ ଯାଉଥିବା ବେଳେ ୩୦ଟିଣ ନକଲି ଘିଅ ଜବତ ହୋଇଥିଲା। ଏହାପରେ ଏହି ଅନୀତି କଥା ପଦାରେ ପଡିଥିଲା। ସୂଚନାନୁରୁ ଜଣାଯାଇଛି, ସୁରକ୍ଷାକର୍ମୀମାନଙ୍କର ସନ୍ଦେହ ହେବାରୁ ସେମାନେ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଏହି ଘିଅ 'ବନସ୍ପତି'ର ଥିବା ଜଣାପଡିଥିଲା। ପରେ ଶ୍ରୀମନ୍ଦିର ପ୍ରଶାସନ ଏହି ସମସ୍ତ ଘିଅକୁ ଜବତ କରାଯାଇଛି। ତେବେ ସେବାୟତଙ୍କ ଚାପରେ ଶ୍ରୀମନ୍ଦିର ପ୍ରଶାସନ ଓ ପୁଲିସ ମୁହଁମାଡି ଚୁପ ବସିଥିବା ଅଭିଯୋଗ ହୋଇଛି।

ଖବରନେବାରୁ ଜଣାଯାଇଛି, ଆଗକୁ ରଥଯାତ୍ରା ଅଛି। ଏଣୁ ସୁଆରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଲେ ସୁଆରମାନେ ବିରୋଧ କରିବେ ଓ ରଥଯାତ୍ରା ପରିଚାଳନାରେ ସମସ୍ୟା ସୃଷ୍ଟିହେବା ଆଶଙ୍କା ରହିଛି। ଏଣୁ ସେହି ଭୟରେ ଶ୍ରୀମନ୍ଦିର ପ୍ରଶାସନ ଅଭିଯୁକ୍ତଙ୍କ ନାଁ କହିନାହିଁ।

ଶ୍ରୀମନ୍ଦିର ପ୍ରଶାସକ (ନୀତି)ପ୍ରିୟରଞ୍ଜନ ପୃଷ୍ଟି କହିଛନ୍ତି, ଓମ୍‌ଫେଡ୍ ବ୍ୟତୀତ ଅନ୍ୟ କେଣସି ଘିଅ ବ୍ୟବହାର ହେବ ନାହିଁ ବୋଲି ନିଷ୍ପତ୍ତି ହୋଇଛି। ଏହି ଘିଅ କିଏ ଆଣିଥିଲା ସେ ନେଇ ତଦନ୍ତ ଚାଲିଛି। ତିରୁପତି ଲଡୁରେ ଚର୍ବି ଥିବା ନେଇ ବିବାଦ ହେବା ପରେ ପରେ ଶ୍ରୀମନ୍ଦିରରେ ଶୁଦ୍ଧ ଓମ୍‌ଫେଡ୍ ଘିଅ ଯୋଗାଇବାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଚିଠି ଲେଖିଥିଲେ। ଦୈନିକ ମହାପ୍ରଭୁଙ୍କ କୋଠ ଭୋଗ, ବରାଦି ଅବା ଓ ଦିପ ପାଇଁ ଆବଶ୍ୟକ ହେଉଥିବା ଘିଅ ଯୋଗାଇବାକୁ ଓମ୍‌ଫେଡ୍ ପକ୍ଷରୁ ସର୍ତ୍ତ ହେବା ସହ ଯୋଗାଣ ଆରମ୍ଭ ହୋଇଥିଲା। ଓମ୍‌ଫେଡ୍ ଘିଅ ଅନ୍ୟ ଶସ୍ତା ଘିଅଠାରୁ ଅଧିକ ଦର ବୋଲି କହି ସୁଆରମାନେ ଅବା ସହ ଶୁଖିଲା ଭୋଗର ଦର ମଧ୍ୟ ବାଇ ଦେଇଥିଲେ। ଯେହେତୁ ସୁଦ୍ଧ ଘିଅରେ ଏ ସବୁ ପ୍ରସ୍ତୁତ ହେଉଥିଲା, ଭକ୍ତମଧ୍ୟ ପ୍ରତିବାଦ କରିନଥିଲେ। କିନ୍ତୁ ନିୟମିତ ନକଲି ଘିଅରେ ଅବା ଓ ଅନ୍ୟାନ୍ୟ ଭୋଗ ପ୍ରସ୍ତୁତ ହେଉଥିଲା।

# କନ୍ଧମାଳରେ ବିପୁଳ ମାଓ ଅସ୍ତ୍ରଶସ୍ତ୍ର ଜବତ

ଭୁବନେଶ୍ୱର,୧୭।୬(ମହାଭାରତ): କନ୍ଧମାଳ ପୁଲିସର ମିଳିତ ଅଭିଯାନରେ କ ମାଓଡମ୍ପ (ଗୁପ୍ତ ଆଡ୍ଡା) କୁ ଠାବ କରାଯାଇଛି। ଥିରୁ ବିପୁଳ ପରିମାଣରେ ଆଧୁନିକ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ଆଦି ଜବତ କରାଯାଇଛି।

ପୁଲିସ ଠାରୁ ମିଳିଥିବା ସୂଚନାନୁସାରେ, ଗୁଇନ୍ଦା ସୂଚନା ଆଧାରରେ, ଗତକାଲି (୧୬ ଜୁନ୍) କୋଟଗଡ଼, ବାଲିଗୁଡ଼ା ବଂ ତୁମୁଡ଼ିବନ୍ଧ ଥାନା ଅନ୍ତର୍ଗତ ସୀତାଗୁଡ଼ା, ଗଞ୍ଜୁଗୁଡ଼ା,




କୁଟିବାରହି, ଗୁଡ୍ରିକ୍ୟା ବଂ ଲାଞ୍ଜମ ଅଞ୍ଚଳରେ କନ୍ଧମାଳ ପୁଲିସ ପକ୍ଷରୁ କ ବହୁ-ଦଳୀୟ ଖୋଜ ଅଭିଯାନ କରାଯାଇଥିଲା।

ହି ଅଭିଯାନରେ ଦୁଇଟି ସ୍ପେଶାଲ ଅପରେସନ୍ସ ଗ୍ରୁପ୍ ଟିମ୍ ବଂ ଗୋଟି ଜିଲ୍ଲା ସ୍ୱେଚ୍ଛାସେବୀ ବାହିନୀ (ଡଠର) ଟିମ୍ ସାମିଲ ଥିଲେ। କୋଟଗଡ଼ ଥାନା ଅଞ୍ଚଳରେ ଲୁଚାଇ ରଖାଯାଇଥିବା ମାଓବାଦୀଙ୍କ ଗୁପ୍ତ ଆଡ୍ଡା ଠାବ କରିଥିଲେ। ଥିରେ ବୋମା ନିଷ୍କ୍ରିୟକାରୀ ଦଳ ମଧ୍ୟ ଯୋଗ ଦେଇଥିଲେ।

ଜବତ ହୋଇଥିବା ସାମଗ୍ରୀ ମଧ୍ୟରେ ଗୋଟି .୩୦୩ ରାଇଫଲ, ଦୁଇଟି ୧୨-ବୋର ବନ୍ଧୁକ, ଦୁଇଟି ସିଙ୍ଗଲ୍-ସଟ୍ ବନ୍ଧୁକ, କାଠ ବୁଟ୍ ଥିବା ଗୋଟି ୮ ମିମି ବନ୍ଧୁକ, ଗୋଟି .୩୦୩ ମ୍ୟାଗାଜିନ, ୧୮ ରାଉଣ୍ଡ .୩୦୩ ଗୋଳାବାରୁଦ, ୧୦ ରାଉଣ୍ଡ ୧୨-ବୋର କାର୍ଟିଜ୍, ୩୫ ରାଉଣ୍ଡ ୮ ମିମି ଗୋଳାବାରୁଦ, ୧୦ ମିଟର କୋଡେକ୍ସ ତାର, ପାଞ୍ଚଟି ବୈଦ୍ୟୁତିକ ଡେଟୋନେଟର ସହିତ ନୈନ୍ଦିନ ବ୍ୟବହାର୍ଯ୍ୟ ବିଭିନ୍ନ ସାମଗ୍ରୀ ବଂ ଫିଲ୍ଡ ଉପକରଣ ରହିଛି।

ଜବତ କରାଯାଇଥିବା ଅସ୍ତ୍ରଶସ୍ତ୍ର, ବିସ୍ଫୋରକ ବଂ ଅନ୍ୟାନ୍ୟ ଆପତ୍ତିଜନକ ସାମଗ୍ରୀ ମାଓବାଦୀ କ୍ୟାଡରଙ୍କର ବୋଲି ପୋଲିସ ନିଶ୍ଚିତ କରିଛି। ଯଦିଓ ଜାତୀୟ ମାଓ-ବିରୋଧୀ ରଣନୀତି ଅନୁଯାୟୀ କନ୍ଧମାଳ ଜିଲ୍ଲା ୩୧ ମାର୍ଚ୍ଚ ୨୦୨୬ ସୁଦ୍ଧା ସମ୍ପୂର୍ଣ୍ଣ ନକ୍ସଲମୁକ୍ତ ହୋଇଛି, ତଥାପି ସୁରକ୍ଷା ବାହିନୀ ଦୁର୍ଗମ ଜଙ୍ଗଲ ଅଞ୍ଚଳରେ ଲୁଚି ରହିଥିବା ପୁରୁଣା ମାଓବାଦୀ ଆଡ୍ଡାଗୁଡ଼ିକୁ ଜବତ କରିବା ଜାରି ରଖିଛନ୍ତି।

# ଓଡ଼ିଶାକୁ ମିଳିବ ୫୦ ହଜାର କୋଟିର ପ୍ରକଳ୍ପ

ଭୁବନେଶ୍ୱର,୧୭।୬(ମହାଭାରତ):: ରାଜ୍ୟରେ ବିଜେପି ସରକାରର ଦୁଇ ବର୍ଷ ପୂର୍ତ୍ତି, କେନ୍ଦ୍ରରେ ୧୨ ବର୍ଷ ପୂର୍ତ୍ତି ଅବସରରେ ରାଇରଙ୍ଗପୁରରେ ହେବାକୁ ଥିବା ରାଜ୍ୟସ୍ତରୀୟ ମେଗା ଉତ୍ସବରେ ଉଭୟ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ଦେବେ। ରାଷ୍ଟ୍ରପତି ୧୯ ତାରିଖରେ ଦୁଇଦିନିଆ ରାଇରଙ୍ଗପୁର ଗସ୍ତରେ ଆସିବାକୁ ଥିବାବେଳେ ପ୍ରଧାନମନ୍ତ୍ରୀ ୨୦ ତାରିଖରେ ଦିନିକିଆ ରାଇରଙ୍ଗପୁର ଗସ୍ତରେ ଆସିବେ। ତେଣୁ ଏହି ଦୁଇ ଶୀର୍ଷ ନେତାଙ୍କ କାର୍ଯ୍ୟକ୍ରମ ଯେପରି ଶୃଙ୍ଖଳିତ ଭାବେ ଆୟୋଜନ ହେବ ସେ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ପ୍ରସ୍ତୁତି ସମୀକ୍ଷା କରିଛନ୍ତି।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ଦେଶର ଦୁଇ ଶୀର୍ଷ ନେତାଙ୍କ ଏହି ଗସ୍ତ କେବଳ ଏକ ଉତ୍ସବରେ ସୀମିତ ନରହି ଓଡ଼ିଶାର ପ୍ରଗତି ପାଇଁ ଏକ ବଡ଼ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଗୋଟିଏ ମଞ୍ଚରୁ ଉଭୟ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ ମିଳିତ ଭାବେ ଓଡ଼ିଶା ଓ ମୟୂରଭଞ୍ଜ ଜିଲ୍ଲା ପାଇଁ ହଜାର ହଜାର କୋଟି ଟଙ୍କାର ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ। ଏହି ମିଳିତ ଗସ୍ତ ରାଜ୍ୟର ବିକାଶର ଗତିକୁ

ଆହୁରି ତ୍ୱରାନ୍ୱିତ କରିବ। ଲୋକସେବା ଭବନରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରୁ ଜଣାପଡିଛି ଯେ ଉଭୟ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ମୟୂରଭଞ୍ଜ ଓ ସାରା ଓଡିଶା ପାଇଁ ପ୍ରାୟ ୫୦ ହଜାର କୋଟି ଟଙ୍କାର ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରିବେ। ଏଥିରେ ବହୁ ପ୍ରତୀକ୍ଷିତ ମେଗା କୋଲ୍ ଗ୍ୟାସିଫିକେସନ୍ ପ୍ରକଳ୍ପ, ରେଳବାଇ ପ୍ରକଳ୍ପ ଓ ସଡକ ପ୍ରକଳ୍ପ ରହିଛି। ଝାରସୁଗୁଡା ଜିଲ୍ଲାର ଲଖନପୁରରେ ପ୍ରାୟ ୨୫ ହଜାର କୋଟି ନିବେଶରେ ନିର୍ମାଣ ହେବାକୁ ଥିବା ଭାରତ କୋଲ୍ ଗ୍ୟାସିଫିକେସନ୍ ଆଣ୍ଡ କେମିକାଲ୍‌ସ ଲିମିଟେଡ୍ (ବିସିଜିସିଏଲ୍)ର କୋଇଲାରୁ ଆମୋନିୟମ ନାଇଟ୍ରେଟ୍ ପ୍ରକଳ୍ପର ମୋଦୀ ଶିଳାନ୍ୟାସ କରିବେ।

ସେହିପରି ଓଡିଶା ସରକାର ଓ ନିତି ଆୟୋଗଙ୍କ ପକ୍ଷରୁ ପ୍ରସ୍ତୁତ ହୋଇଥିବା ଅର୍ଥନୈତିକ ଅଭିବୃଦ୍ଧି କରିଡର ବିସିପିଇଆର୍ (ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଞ୍ଚଳ)ର ଶିଳାନ୍ୟାସ କରିବେ। ଏହି ପ୍ରକଳ୍ପକୁ ସମୃଦ୍ଧ କରିବାକୁ ବିଭିନ୍ନ ଆନୁଷଙ୍ଗିକ ପ୍ରକଳ୍ପର ଶିଳାନ୍ୟାସ ହେବ। ଏହାସହ ନିକଟରେ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁର କରିଥିବା କୋଷ୍ଟାଲ୍ ହାଇୱେର ପ୍ରଥମ ପର୍ଯ୍ୟାୟ ରାମେଶ୍ୱରରୁ ପାରାଦୀପ ରାସ୍ତାର ଶିଳାନ୍ୟାସ ବି ମୋଦୀ କରିବେ। ଏହି ପ୍ରକଳ୍ପର ବ୍ୟୟ ଅଟକଳ ୮୩୦୦ କୋଟି ରହିଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଭୁବନେଶ୍ୱରରେ ୧୫୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ବାଇଓଗ୍ୟାସ୍ ପ୍ଲାଣ୍ଟର ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି। ଏହାବାଦ୍ ପ୍ରଧାନମନ୍ତ୍ରୀ ଯଖପୁରା-ବେତନଟୀ ନୂତନ ରେଳ ଲାଇନ୍ ଏବଂ ହିନ୍ଦୋଳ-ମେରାମଣ୍ଡଳୀ ନୂତନ ରେଳ ଲାଇନ୍‌କୁ ଲୋକାର୍ପଣ କରିବେ। ଏବେ ସୁଦ୍ଧା ଏତିକି ପ୍ରକଳ୍ପ ଚୂଡ଼ାନ୍ତ ହୋଇଥିବାବେଳେ ଆଉ କେଉଁ କେଉଁ ପ୍ରକଳ୍ପ ଉଦ୍‌ଘାଟନ ଓ ଶିଳାନ୍ୟାସ ହୋଇପାରିବ ତା'ର ତାଲିକା ପ୍ରସ୍ତୁତ ହେଉଛି। ଉଭୟ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ରାଜ୍ୟବାସୀଙ୍କୁ ପ୍ରାୟ ୫୦ ହଜାର କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପ ଭେଟି ଦେବାକୁ ଯୋଜନା ହେଉଛି।

# ଗ୍ରୀଷ୍ମଛୁଟି ଅବଧି ବଢ଼ାଇଲେ ଦୁଇ ଜିଲ୍ଲା

ଭୁବନେଶ୍ୱର,୧୭।୬(ମହାଭାରତ): ଗ୍ରୀଷ୍ମଛୁଟି ପରେ ଆସନ୍ତାକାଲିଠାରୁ ରାଜ୍ୟରେ ସ୍କୁଲଗୁଡିକ ଖୋଲୁଥିବା ବେଳେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲ୍ଲାରେ ବ?ିଲା ଗ୍ରୀଷ୍ମଛୁଟି ଅବଧି। ୨୦ ତାରିଖ ଯାଏଁ ବଢ଼ିଲା ଗ୍ରୀଷ୍ମଛୁଟି ଅବଧି। ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବ?ିଲା ଗ୍ରୀଷ୍ମଛୁଟି। ଜୁନ୍ ୨୨ ତାରିଖରେ ଗଞ୍ଜାମରେ ଖୋଲିବ ସ୍କୁଲ। ଜିଲ୍ଲା ପ୍ରଶାସନ ପକ୍ଷରୁ ହୋଇଛି ଏହି ନିଷ୍ପତ୍ତି।

ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସୁବର୍ଣ୍ଣପୁର ଓ ଅନୁଗୋଳ ଜିଲ୍ଲାରେ ଗ୍ରୀଷ୍ମଛୁଟିକୁ ଜୁନ୍ ୨୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଜୁନ୍ ୨୧ ତାରିଖ ରବିବାର ପଡୁଥିବାରୁ ଏହି ୨ ଜିଲ୍ଲାରେ ୨୨ ତାରିଖରେ ସ୍କୁଲ ଖୋଲିବ। ଉଭୟ ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲଗୁଡିକ ପାଇଁ ଏହି ନିର୍ଦ୍ଦେଶ ଜାରି କରାଯାଇଛି। ସୁବର୍ଣ୍ଣପୁର ଜିଲ୍ଲାରେ ସ୍କୁଲ, କଲେଜ, ବୈଷୟିକ ଶିକ୍ଷାନୁଷ୍ଠାନ ଓ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ସହିତ ସମସ୍ତ ଅଙ୍ଗନବାଡି କେନ୍ଦ୍ରଗୁଡିକ ପାଇଁ ଏହି ନିର୍ଦ୍ଦେଶ ଜାରି କରାଯାଇଛି।

ଅନ୍ୟପକ୍ଷରେ ନୂଆପଡା ଜିଲ୍ଲା ସ୍କୁଲ ସମୟରେ ପରିବର୍ତ୍ତନ କରାଯାଇଛି। ଆସନ୍ତାକାଲି (ଜୁନ୍ ୧୮) ରୁ ଜୁନ୍ ୨୦ ତାରିଖ ପର୍ଯ୍ୟନ୍ତ ଜିଲ୍ଲାରେ ସ୍କୁଲଗୁଡିକ ସକାଳୁଆ ହେବ। ସକାଳ ସାଢ଼େ ୬ରୁ ସାଢେ ୧୧ ପର୍ଯ୍ୟନ୍ତ ସ୍କୁଲ୍‌ଗୁଡିକୁ ଖୋଲିବା ପାଇଁ ଜିଲ୍ଲା ଶିକ୍ଷାଧିକାରୀ ନିର୍ଦ୍ଦେଶ ଜାରି କରିଛନ୍ତି। ଜିଲ୍ଲାର ସମସ୍ତ ସରକାରୀ ସମେତ ସରକାରୀ ଅନୁଦାନ ପ୍ରାପ୍ତ ଓ ଘରୋଇ ବିଦ୍ୟାଳୟଗୁଡିକ ପାଇଁ ଏହି ନିର୍ଦ୍ଦେଶ ଜାରି କରାଯାଇଛି।

## ଗଜା ମୁଗ ଚାଟ

ଗଜାମୁଗ ଖୁବ ସ୍ୱାସ୍ଥ୍ୟକର । ଏହାକୁ ଖାଇବାକୁ ମଧ୍ୟ ଖୁବ ଲୋକ ପସନ୍ଦ କରନ୍ତି । ଗଜାମୁଗକୁ ବହୁ ଝାଲ କରି ମଧ୍ୟ ଖାଇ ଥାଆନ୍ତି। ତେବେ ଆମେ ଆପଣଙ୍କୁ ଗଜାମୁଗର ଏକ ସ୍ୱତନ୍ତ୍ର ପ୍ରଣାଳୀରେ ଗଜାମୁଗ ଚାଟ ବିଷୟରେ କହିବାକୁ ଯାଉଛୁ । ଯାହାକୁ ପ୍ରସ୍ତୁତ କରିବା ଖୁବ ସହଜ ।

ଆବଶ୍ୟକୀୟ ସାମଗ୍ରୀ: ୧କପ ଗଜାମୁଗ, ୧ଚାମଚ ତେଲ,ଅଧାଚାମଚ ସୋରିଷ,ଅଧା ଚାମଚ ଜିରା,ଭୁର୍ସୁଙ୍ଗ ପତ୍ର, ୨ଟି କଟା ପିଆଜ, ୧ଚାମଚ ଅଦା ରସୁଣ ପେଷ୍ଟ,ଅଧା ଚାମଚ ଲଙ୍କା ଗୁଣ୍ଡ,ଏକ ଚୁଟକି ହଳଦୀ ଗୁଣ୍ଡ, ୧ଚାମଚ ଧନିଆ ଜିରାଗୁଣ୍ଡ,ଚାଟ ମସଲା,ଗୋଟିଏ କଟା ଟମାଟୋ,ଦହି,ଲୁଣ ସ୍ୱାଦ ଅନୁସାରେ,କଟା ଧନିଆ ।

ପ୍ରସ୍ତୁତି ପ୍ରଣାଳୀ: କଢାଇରେ ତେଲ ଗରମ କରି ଜିରା ସୋରିଷ ଫୁଟାନ୍ତୁ । ଏବେ ଏଥିରେ କଞ୍ଚାଲଙ୍କା ଏବଂ ଭୁର୍ସୁଙ୍ଗ ପତ୍ର ପକାନ୍ତୁ । ଏବେ ଏଥିରେ ଅଦା ରସୁଣ ପେଷ୍ଟ, ଲଙ୍କା ଗୁଣ୍ଡ, ଧନିଆ ଜିରାଗୁଣ୍ଡ, ହଳଦୀ ଗୁଣ୍ଡ ପକାନ୍ତୁ ।ଏହା ଉପରେ କଟା ଟମାଟୋ ପକାନ୍ତୁ। ମସଲା ଭଲ ଭାବେ କଷି ହେଲା



ପରେ ଏଥିରେ ଗଜା ମୁଗ ପକାଇ ସିଝିବା ପାଇଁ ଅଳ୍ପ ପାଣି ଓ ଲୁଣ ଦିଅନ୍ତୁ। ୪ରୁ ୫ମିନିଟ ସିଝାଇବା ପରେ ଅଳ୍ପ ଚାଟ ମସଲା ପକାଇ ଗ୍ୟାସ ବନ୍ଦ କରନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା। ଆପଣଙ୍କ ଗଜାମୁଗ ଚାଟ । ଏବେ ଏକ ପାତ୍ରକୁ କାଢି ତା ଉପରେ ଦହି ପକାନ୍ତୁ। କଟା ପିଆଜ,ଟମାଟୋ ଓ କଟା ଧନିଆ ପକାଇ ସଜାଇ ଦିଅନ୍ତୁ।ଏବେ ଗରମା ଗରମା ଖାଆନ୍ତୁ ଓ ଖୁଆନ୍ତୁ ।

## ଖବର

# ଫ୍ୟାନ୍ସଙ୍କୁ ସରପ୍ରାଇଜ ଦେଲେ ରାମଚରଣ ଏବଂ ଉପାସନା,



ପେଞ୍ଜୀ ଷ୍ଟାର ରାମଚରଣ ଏବଂ ପତ୍ନୀ ଉପାସନା କାମିନେନୀ କୋନିଡେଲା ନିଜର ୧୪ ତମ ବିବାହ ବାର୍ଷିକୀ ପାଳନ କରି ଫ୍ୟାନ୍ସଙ୍କୁ ସରପ୍ରାଇଜ ଦେଇଛନ୍ତି। ଦମ୍ପତି ସୋସିଆଲ ମିଡିଆରେ ଖାସ୍ ଫଟୋ ସେୟାର କରିଛନ୍ତି । ଫ୍ୟାନ୍ସଙ୍କ ସହିତ ଯାଆଁଳା ପିଲା ଶିବରାମ ଅନବୀରା ଦେବୀଙ୍କ ପ୍ରଥମ ଝଲକ ସେୟାର କରିଛନ୍ତି । ଏହାସହିତ ସୁନ୍ଦର କ୍ୟାପସନ ଲେଖିଛନ୍ତି ।ରାମଚରଣ ଏବଂ ପତ୍ନୀ ଉପାସନା ଇନଷ୍ଟାରେ ନିଜ ଟ୍ୱିନଙ୍କ ଫଟୋ ସେୟାର କରିଛନ୍ତି । ପିଲାଙ୍କ ଚେହେରା ଦେଖାଇବା ପାଇଁ କପଲ୍ ଏକ ସିମ୍ପଲ ଏବଂ ଇମୋସନାଲ ଫଟୋ ବାଛିଛନ୍ତି । ଏହି ଫଟୋରେ ୩ ପିଲାଙ୍କ ଛୋଟ ଛୋଟ ହାତ ଦେଖିବାକୁ ମିଳିଛି। ଏଥିରେ ବଡ଼ ଝିଅଙ୍କ ଫଟୋ ମଧ ସାମିଲ ରହିଛି । ଫଟୋ ସହିତ କପଲ୍ କ୍ୟାପସନ ଲେଖିଛନ୍ତି, ହାର୍ଟ ଇଜ୍ ଫୁଲ ଏହାସହିତ ଇନଫିନିଟ ଇମୋଜି ଲଗାଇଛନ୍ତି ।ରାମଚରଣ ଏବଂ ଉପାସନା ଚଳିତବର୍ଷ ଆରମ୍ଭରେ ଯାଆଁଳା ପିଲାକୁ ସ୍ୱାଗତ କରିଥିଲେ । ପୂର୍ବରୁ ଏମାନେ ପିଲା ଜନ୍ମ ନେଇ କଥା ଗୋପନ ରଖିଥିଲେ ।ତେବେ ଏମାନଙ୍କର ପୂର୍ବରୁ ଏକ ଝିଅ ରହିଛି। ଏମାନେ ପିଲା ରାମଚରଣ ଏବଂ ଉପାସନା ୨୦୧୨ରେ ବିବାହ କରିଥିଲେ ।ରାମଚରଣଙ୍କ ଫିଲ୍ମ ପେଦ୍ଦୀ ନିକଟରେ ରିଲିଜ ହୋଇଛି । ଏହି ଫିଲ୍ମ ବକ୍ସ ଅଫିସରେ ବେଶ୍ କମାଲ କରିଛି । ଭାରତରେ ଫିଲ୍ମ ଏଯାଏଁ ୨୧୬ କୋଟି ଟଙ୍କାର ନେଟ୍ ଆୟ କରିଛି ।

## ଖାଆନ୍ତୁ ପଦ୍ମନାଡ଼



ପଦ୍ମ ଫୁଲ ସମସ୍ତଙ୍କର ପସନ୍ଦ । ପଦ୍ମ ଫୁଲ ମାଆ ଲକ୍ଷ୍ମୀଙ୍କ ପାଖରେ ଲାଗେ ଏବଂ ପୂଜା ପର୍ବାଣୀରେ ଲାଗେ । ପୂଜା ପାଇଁ ଫୁଲକୁ ରଖି ଆମେ ପଦ୍ମର ନାଡ ଫିଙ୍ଗି ଦେଉ । ହେଲେ ଆପଣ ଜାଣନ୍ତି କି ଶରୀର ପାଇଁ ଏହି ନାଡ କେତେ ଜରୁରୀ । ପଦ୍ମର ନାଡ ଔଷଧ ପରି କାମ କରେ ।ଖାଆନ୍ତୁ ପଦ୍ମନାଡ଼ ଶରୀରରେ ବୃଦ୍ଧି ପାଉଥିବା ଓଜନକୁ କମାଏ। ପଦ୍ମନାଡ ଅଧିକ ସମୟ ଯାଏଁ ଭୋକ କରାଏ ନାହିଁ, ପେଟ ପୂରା ରଖିଥାଏ ତେଣୁ ଅଧିକ ଖାଇବାର ଆବଶ୍ୟକ ପଡେନି ତେଣୁ ଓଜନ ବଢିବାର ଆଶଙ୍କା ନଥାଏ ।ପଦ୍ମନାଡ ଶରୀରରେ ପାଚନ ପ୍ରକ୍ରିୟାକୁ ଭଲ ରଖିଥାଏ । ଏଥିରେ ଥିବା ଫାଇବର କୋଷ୍ଠକାଠିନ୍ୟ ଏବଂ ପେଟଫୁଲା ସମସ୍ୟାରୁ ମୁକ୍ତି ଦିଏ ।ପଦ୍ମନାଡ ନିୟମିତ ଖାଇବା ଦ୍ୱାରା ଶରୀରରେ ରକ୍ତର ଅଭାବ ଦୂର ହୁଏ । ବ୍ଲଡରେ ସୁଗାର ସହ କୋଲେଷ୍ଟ୍ରଲକୁ ନିୟନ୍ତ୍ରଣ ରଖେ ପଦ୍ମନାଡ । ଲିଭର, କିଡନୀ ସମସ୍ୟାର ଔଷଧ ରୂପେ ପଦ୍ମନାଡକୁ ସେବନ କରିହେବ।

# ଏହି ଗଛ ଲଗାଇଲେ ଘରୁ ଦୂର ହୋଇଥାଏ ବାସ୍ତୁଦୋଷ

ଘରେ ବାସ୍ତୁ ଦୋଷ ଦୂର କରିବା ପାଇଁ ସମସ୍ତେ ପୂଜା ପାଠ ଉପରେ ବିଶ୍ୱାସ କରିଥାନ୍ତି । କ'ଣ ଆପଣ ଜାଣିଛନ୍ତି କି ଘରେ ଗଛ ଲଗାଇବା ଦ୍ୱାରା ମଧ୍ୟ ବାସ୍ତୁ ଦୋଷ ଦୂର ହୋଇଥାଏ। କୁହାଯାଏ ଯେ,ଏମିତି କିଛି ଗଛ ରହିଛି ଯାହାକୁ ଲଗାଇବା ଦ୍ୱାରା ଘରେ ସକରାତ୍ମକ ପ୍ରଭାବ ପଡିଥାଏ । ତାହେଲେ ଜାଣନ୍ତୁ ଘରେ କେଉଁ ସବୁ ଗଛ ଲଗାଇଲେ ବାସ୍ତୁଦୋଷ ଦୂର ହୋଇଥାଏ।



ଅଶୋକ ଗଛ : ଘର ପାଖରେ ଅଶୋକ ଗଛ ଲଗାଇବା ଦ୍ୱାରା ବହୁ ଅଶୁଭ ଶକ୍ତିର ବିନାଶ ଘଟିଥାଏ । ଏହା ଘର ପାଇଁ ଶୁଭ ହୋଇଥାଏ । ଅଶ୍ୱଗନ୍ଧା : ଅଶ୍ୱଗନ୍ଧା ଗଛକୁ ଏକ ପ୍ରକାର ଔଷଧ ଭାବେ ମଧ୍ୟ ବ୍ୟବହାର କରାଯାଏ । ବାସ୍ତୁ ଅନୁସାରେ ଘରର ସୀମାରେ ଅଶ୍ୱଗନ୍ଧା ଗଛ ଲଗାଇଲେ ତାହା ଘର ପାଇଁ ଶୁଭ ହୋଇଥାଏ । ଏହା ଦ୍ୱାରା ଘରର ସୁଖ ସମୃଦ୍ଧି ବୃଦ୍ଧି ହୋଇଥାଏ ।

ନଡିଆ : ନଡିଆ ଗଛ ଘର ପାଖରେ ରହିଲେ ବହୁତ ଶୁଭ ହୋଇଥାଏ । ପରିବାର ସଦସ୍ୟଙ୍କ ମାନ ସମ୍ମାନ ବୃଦ୍ଧି ହେବା ସହ ଉନ୍ନତି ମଧ୍ୟ ହୋଇଥାଏ।

ଡାଳିମ୍ବ ଗଛ : ବାସ୍ତୁବିତ୍ ମାନଙ୍କ ମତରେ ଏହି ଗଛ ସଠିକ୍ ଦିଗରେ ଲଗାଇଲେ ଏହା ଶୁଭ ମାନା ଯାଇଥାଏ ।

ଜାମୁ ଗଛ : ଜାମୁ ଗଛ ଘର ପାଖରେ ଲଗାଇବା ଶୁଭ ହୋଇଥାଏ । ଏହାକୁ ଉତ୍ତର ଦିଗରେ ଲଗାଇବାକୁ ଭଲ ବୋଲି କୁହାଯାଏ ନାହିଁ । ଯଦି ଘରର ଉତ୍ତର ଦିଗରେ ଜାମୁ ଗଛ ଅଛି ତାହେଲେ ଏହାକୁ କାଟି ଦିଅନ୍ତୁ ।

# ସୋରିଷ ତେଲରେ ମାତ୍ର ଗୋଟିଏ ଜିନିଷ ମିଶାନ୍ତୁ ୨ ଦିନରେ କେଶ ଝଡ଼ିବା ହୋଇଯିବ ବନ୍ଦ



ଯଦି ଆପଣ କେଶ ଝଡିବା ସମସ୍ୟାରୁ ବହୁତ ଚିନ୍ତିତ ଅଛନ୍ତି ତେବେ ଏପରି ଘରୋଇ ଉପଚାର ବିଷୟରେ ଜାଣନ୍ତୁ ଯାହା ଆପଣଙ୍କ କେଶ ଝଡିବା ରୋକିବା ସହ କେଶ ବୃଦ୍ଧିରେ ସାହାଯ୍ୟ କରିଥାଏ । ଏହା ସହ ଆମେ ଆପଣଙ୍କୁ କିଛି ଏପରି ଉପାୟ ବିଷୟରେ ଜଣାଇବୁ ଯାହା ଆପଣଙ୍କୁ ପାଳନ କରିବାକୁ ପଡିବ । ତେବେ ଆସନ୍ତୁ ଜାଣିବା କିପରି ପ୍ରସ୍ତୁତ କରିବା ଏହି ଘରୋଇ ଉପକରଣ । କେବଳ ୨ଟି ଜିନିଷ ସାହାଯ୍ୟରେ ଆମେ ଏହି ଘରୋଇ ଉପଚାରକୁ ପ୍ରସ୍ତୁତ କରି ପାରିବା । ସର୍ବ ପ୍ରଥମେ ସୋରିଷ ତେଲ ନିଅନ୍ତୁ । ଏହା କେଶ ପାଇଁ ଖୁବ ଉପକାରୀ ଅଟେ । ଏହା ସହ ସୋରିଷ ତେଲ ଆପଣଙ୍କ କେଶ ପାଇଁ ବହୁତ ଭଲ ହୋଇଥାଏ । ସୋରିଷ ତେଲ କେଶ ଜନିତ ସବୁ ସମସ୍ୟା ତଥା କେଶ ଝଡିବା, କେଶ ଫାଟିବା ଓ କେଶ ଶୁଷ୍କ ହେବା ସମସ୍ୟାକୁ ଦୂର କରିଥାଏ । ଦ୍ୱିତୀୟ ଜିନିଷଟି ହେଲା ମେଥି । ଏହା ଆମ କେଶ ପାଇଁ ବହୁତ ଲାଭଦାୟକ ହୋଇଥାଏ । ଏହା କେଶ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ । ଏହି ମେଥିର ଦାନାକୁ ଗ୍ରାଇଣ୍ଡରରେ ବାଟି ଏହାର ପାଉଡର ବନାଇ ନିଅନ୍ତୁ । ତା ପରେ ଏକ ପ୍ୟାନ ନେଇ ସେଥିରେ ଅଧ ଡାଟିଆ ସୋରିଷ ତେଲ ନିଅନ୍ତୁ । ଏହା ପରେ କମ ଆଞ୍ଚରେ ଏହାକୁ ଗରମ କରନ୍ତୁ। ତେଲ ଗରମ ହେବା ପରେ ଅଧ ଚାମଚ ମେଥି ଗୁଣ୍ଡା ମିଶାନ୍ତୁ । ଏହି ପ୍ରକ୍ରିୟା ସମୟରେ ଗ୍ୟାସର ଆଞ୍ଚ କମ ରଖନ୍ତୁ । ଏହା ହାଲ୍କା ମାଟିଆ ରଙ୍ଗ ହେବା ପର୍ଯ୍ୟନ୍ତ ଏହାକୁ ଚାମଚରେ ଗୋଳାନ୍ତୁ । ୩-୪ ମିନିଟ ପର୍ଯ୍ୟନ୍ତ କମ ଆଞ୍ଚଏ ଏହାକୁ ପ୍ରସ୍ତୁତ କରନ୍ତୁ। ଏହା ପରେ ଗ୍ୟାସକୁ ବନ୍ଦ କରି ଥଣ୍ଡା ହେବା ପାଇଁ ଛାଡି ଏହାକୁ ଏକ ଛଣା ମାଧ୍ୟମରେ ଛାଣି ଦିଅନ୍ତୁ । ଯେପରି ଭାବେ ଆପଣ ନିଜ କେଶରେ ତେଲ ଲଗାଇଥାନ୍ତି ଠିକ ସେହିପରି ଆପଣଙ୍କୁ ଏହାକୁ ନିଜ କେଶରେ ଲଗାଇବେ । ଏବଂ ୨-୫ ମିନିଟ ଭଲ ଭାବରେ ମାଲିସ କରନ୍ତୁ । କାରଣ ଏହା କରିବା ଦ୍ୱାରା ତେଲ ଆପଣଙ୍କ କେଶ ମୂଳକୁ ଭଲ ଭାବରେ ଯିବ । ଯାହା ଦ୍ୱାରା ଆପଣଙ୍କ କେଶ ଜନିତ ସମସ୍ୟା ଓ କେଶରେ ଥିବା ରୂପୀ ସମସ୍ୟା ଶେଷ ହୋଇଯିବ । ଯଦି ଆପଣ ଏହାକୁ ରାତି ସମୟରେ ଲଗାଉଛନ୍ତି ତେବେ ସକାଳୁ ଆପଣ କୌଣସି ବି ସମ୍ପୁ ସାହାଯ୍ୟରେ ଏହାକୁ ଧୋଇ ଦିଅନ୍ତୁ । ଯଦି ଆପଣ ଏହି ତେଲକୁ ଦିନ ସମୟରେ ବ୍ୟବହାର କରିବେ ତେବେ ୨-୩ ଘଣ୍ଟା ପରେ ଆପଣ କେଶ ଧୋଇ ପାରିବେ ।

# ଘରେ ତିଆରି କରନ୍ତୁ ସ୍କର୍ବ

ନିଜ ତ୍ୱଚାକୁ ଚିକ୍କଣ ଏବଂ ସୁନ୍ଦର ରଖିବାକୁ ସମସ୍ତେ ଚାହାଁନ୍ତି। ଏଥିପାଇଁ ମହିଳା ଓ ଯୁବତୀମାନେ ବିଭିନ୍ନ ପ୍ରସାଧନ ସାମଗ୍ରୀ ମଧ ବ୍ୟବହାର କରନ୍ତି। ସେହିଭଳି ଏକ ସୌନ୍ଦର୍ଯ୍ୟ ସାମଗ୍ରୀ ହେଉଛି



ସ୍କ୍ରବ୍, ଯାହାକୁ ବ୍ଲାକ୍ ହେଡ୍ସ, ବ୍ରଣ ଆଦି ସମସ୍ୟା ଦୂର କରିବା ଲାଗି ବ୍ୟବହାର କରାଯାଏ । ତେବେ ବଜାରରେ ମିଳୁଥିବା ସ୍କ୍ରବ୍ ତୁଳନାରେ ଯଦି ଘରେ ପ୍ରାକୃତିକ ଉପାୟରେ ଏହାକୁ ପ୍ରସ୍ତୁତ କରାଯାଏ, ତେବେ ଏହା ଅଧିକ ଲାଭଦାୟକ ହୋଇପାରିବ। ଯଦି ଆପଣ ନିଜ ଘରେ ସ୍କ୍ରବ୍ ପ୍ରସ୍ତୁତ କରିବାକୁ ଚାହୁଁଛନ୍ତି, ତେବେ ଜାଣି ରଖନ୍ତୁ କେତୋଟି ଉପାୟ ।

ହନି-ଅରେଞ୍ଜ୍ ସ୍କ୍ରବ୍: ଦୁଇ ଚାମଚ କମଳା ଚୋପା ପାଉଡର ଏବଂ ଦୁଇ ଚାମଚ ଓଟ୍ ନେଇ ସେଥିରେ ଏକ ଚାମଚ ମହୁ ପକାନ୍ତୁ । ଏଥିରେ ଅଳ୍ପ ପାଣି ମିଶାଇ ଏକ ପ୍ୟାକ୍ ପ୍ରସ୍ତୁତ କରନ୍ତୁ । ବର୍ତ୍ତମାନ ସଫା ମୁହଁରେ ଏହି ପ୍ୟାକ୍‌କୁ ଲଗାଇ ହାତରେ ତଳୁ ଉପରକୁ ଗୋଲ ଗୋଲ କରି ମସାଜ କରନ୍ତୁ । ୨ ମିନିଟ୍ ଛାଡ଼ିବା ପରେ ମୁହଁ ଧୋଇଦିଅନ୍ତୁ । ପରେ ମୁହଁରେ ଟୋନର ଏବଂ ମଶ୍ଚରାଇଜର ଲଗାନ୍ତୁ ।

ବାନାନା ସ୍କ୍ରବ୍ : ଦୁଇଟି ପାଚିଲା କଦଳୀକୁ ଭଲ ଭାବେ ପେଷ୍ଟ କରିଦିଅନ୍ତୁ। ଏଥିରେ ଅଳ୍ପ ଚିନି ଏବଂ ଏକ ଚାମଚ ମହୁ ମିଶାଇ ସ୍କ୍ରବ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ୫ ମିନିଟ୍ ପର୍ଯ୍ୟନ୍ତ ହାଲୁକା ମସାଜ କରନ୍ତୁ ଏବଂ ଥଣ୍ଡ ପାଣିରେ ମୁହଁ ଧୋଇ ଦିଅନ୍ତୁ।

କର୍ଡ-ପପୟା ସ୍କ୍ରବ୍ : ଅଧା କପ୍ ପାଚିଲା ଅମୃତଭଣ୍ଡା ବଟାରେ ଦୁଇ ଚାମଚ ଦହି ମିଶାନ୍ତୁ । ଏଥିରେ ଏକ ଚାମଚ ମହୁ ଏବଂ ତିନି ବୁନ୍ଦା ଲେମ୍ବୁରସ ମିଶାଇ ସ୍କ୍ରବ୍ ପ୍ରସ୍ତୁତ କରନ୍ତୁ । ବର୍ତ୍ତମାନ ଏହାକୁ ମୁହଁରେ ଲଗାଇ ଧୀରେ ଧୀରେ ବୃତ୍ତାକାରରେ ଘଷନ୍ତୁ ଏବଂ ୫ ମିନିଟ୍ ପରେ ଥଣ୍ଡା ପାଣିରେ ଧୋଇଦିଅନ୍ତୁ ।

ଗ୍ରାଉଣ୍ଡ ଓଟ୍ସ-ଟମାଟୋ ସ୍କ୍ରବ୍ : ଏକ ପ୍ଲେଟ୍‌ରେ କିଛି ଗ୍ରାଉଣ୍ଡ ଓଟ୍ସ ଏବଂ ଅଳ୍ପ ଚିନି ଗୁଣ୍ଡ ନେଇ ଭଲ ଭାବେ ମିଶାଇ ଦିଅନ୍ତୁ । ବର୍ତ୍ତମାନ ଏକ ପାଚିଲା ଟମାଟୋକୁ ଗୋଲ ଗୋଲ କରି କାଟନ୍ତୁ । ଏଥିରେ ପୂର୍ବ ପ୍ରସ୍ତୁତ ମିଶ୍ରଣକୁ ନେଇ ମୁହଁରେ ବୃତ୍ତାକାରରେ ଧୀରେ ଧୀରେ ଘଷନ୍ତୁ । ଏହା ପରେ ବଳକା ଟମାଟୋ କଟାଗୁଡ଼ିକୁ ମୁହଁରେ ଲଗାଇ କିଛି ସମୟ ପାଇଁ ଛାଡ଼ି ଦିଅନ୍ତୁ । ଏହା ଦ୍ୱାରା ଟମାଟୋ ଆପଣଙ୍କ ତ୍ୱଚାକୁ ପ୍ରାକୃତିକ ଉପାୟରେ ବ୍ଲିଚ୍ କରିବା ସହ ଓଟ୍ସ ତ୍ୱଚାକୁ ମୁଲାୟମ କରିବାରେ ସାହାଯ୍ୟ କରିଥାଏ ।

# ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ପ୍ରସ୍ତୁତି ବୈଠକ




**ଭୁବନେଶ୍ୱର, ୧୭।୬ (ମହାଭାରତ):** ଆସନ୍ତା ୧୯ ଓ ୨୦ ତାରିଖରେ ରାଷ୍ଟ୍ରପତି ଏବଂପ୍ରଧାନମନ୍ତ୍ରୀଙ୍କଓଡ଼ିଶା ଗସ୍ତ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ଶନିବାର ପୂର୍ବାହ୍ଣରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷ ଠାରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧକ୍ଷତାରେ ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଗସ୍ତ କାର୍ଯ୍ୟକ୍ରମର ସୁଚାରୁ ରୂପେ ପରିଚାଳନା ଏବଂ ସମସ୍ତ ବ୍ୟବସ୍ଥାର ସଠିକ୍ କାର୍ଯ୍ୟାନ୍ୱୟନ ନେଇ ବୈଠକରେ ମୁଖ୍ୟ ଶାସନ ସଚିବ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରି ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ଲୋକସେବା ଭବନରେ ଅନୁଷ୍ଠିତ ବୈଠକରେ ଉନ୍ନୟନ ଆୟୁକ୍ତ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ଗୃହ,ଶିକ୍ଷ, ସୂଚନା ଓ ଲୋକ ସଂପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ପୁଲିସ ମହାନିର୍ଦ୍ଦେଶକ ଅଗ୍ନିଶମ ସେବା,ଡଃ ସୁଧାଂଶୁ ଷଡ଼ଙ୍ଗୀଙ୍କ ସମେତ ରାଜ୍ୟ ସରକାରଙ୍କ ସଂପୃକ୍ତ ବିଭିନ୍ନ ବିଭାଗରସଚିବ,କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତଙ୍କ ସମେତ ପୁଲିସ୍ ପ୍ରଶାସନର ଅନ୍ୟ ବରିଷ୍ଠ ପଦାଧିକାରୀ, ଦୂରଦର୍ଶନ, ଟେଲିକମ୍ ସେବା ଆଦି ସଂପୃକ୍ତ ସଂସ୍ଥାର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲାପାଳ, ମୟୂରଭଂଜ, ପୂର୍ବାଂଚଳ ପୁଲିସ୍ ଆଇଜି, ଆରକ୍ଷୀ ଅଧିକ୍ଷକ, ମୟୂରଭଂଜ ପ୍ରମୁଖ ଅନ୍ୟ ବରିଷ୍ଠ ଅଧିକାରୀମାନେ ଆଭାସୀମାଧ୍ୟମରେ ବୈଠକରେ ଯୋଗଦେଇଥିଲେ। ବୈଠକରେ ରାଷ୍ଟ୍ରପତି ଓ ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ସୁରକ୍ଷା ବ୍ୟବସ୍ଥା,ପ୍ରୋଟୋକଲ, କାରକେଡ୍ ପରିଚାଳନା, ହେଲିପ୍ୟାଡ୍ ପ୍ରସ୍ତୁତି, ଆୟୋଜିତ ସମସ୍ତ କାର୍ଯ୍ୟକ୍ରମର ସମନ୍ୱୟ, ବିମାନବନ୍ଦରେ ଆନୁଷଙ୍ଗିକ ବ୍ୟବସ୍ଥା, ଅତିଥିମାନଙ୍କ ସାମୟିକ ରହଣି, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା, ଅଗ୍ନିଶମ ସେବା, ନିରବଚ୍ଛିନ୍ନ ବିଦ୍ୟୁତ୍ ଓ ପାନୀୟ ଜଳ ଯୋଗାଣ, ଆବଶ୍ୟକ ସଡ଼କ ମରାମତି, ପରିମଳ ବ୍ୟବସ୍ଥା, ଟେଲିଯୋଗାଯୋଗ, ଗଣମାଧ୍ୟମ ପରିଚାଳନା ଆଦି ସଂପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ସମସ୍ତ ସମ୍ପୃକ୍ତ ବିଭାଗ ଏବଂ ଜିଲ୍ଲା ପ୍ରଶାସନକୁ ପରସ୍ପର ସମନ୍ୱୟ ରକ୍ଷା କରି ନିୟମିତ ତଦାରଖ କରିବା ସହ ସମୟସୀମା ମଧ୍ୟରେ ସମସ୍ତ ପ୍ରସ୍ତୁତି ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଗସ୍ତ କାର୍ଯ୍ୟକ୍ରମର ପ୍ରତ୍ୟେକ ପର୍ଯ୍ୟାୟରେ ସର୍ବୋଚ୍ଚମାନର ସୁରକ୍ଷା, ପ୍ରୋଟୋକଲ ବ୍ୟବସ୍ଥା ସହ ଆନୁଷଙ୍ଗିକ ପ୍ରସ୍ତୁତି ସୁନିଶ୍ଚିତ କରିବାକୁ ସେବୈଠକରେ ଗୁରୁତ୍ୱାରୋପ କରିଛନ୍ତି। ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆସନ୍ତା ଜୁନ୍ ୧୯ ତାରିଖରେ ରାଇରଙ୍ଗପୁରରେ ପହଁଚିବେ । ଏହାର ପରଦିନ ଜୁନ୍ ୨୦ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀରାଇରଙ୍ଗପୁରେ ପହଁଚିବେ । ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ ଉଭୟ ଜୁନ ୨୦ରେ ଓଡ଼ିଶା ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ରାଇରଙ୍ଗପୁସ୍ଥିତ ଦାଣ୍ଡବୋଷଠାରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମର ଉଦଘାଟନ ଓ ଭିତିଭୂମି ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କରିବା ସହ ଏକ ସାଧାରଣ ସଭାରେ ଜନସାଧାରଣଙ୍କୁ ଉଦବୋଧନ ଦେବେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀ ମଧ ଯୋଗଦେବେ। ସାଧାରଣ ସଭା ପୂର୍ବରୁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ମଧ ରାଇରଙ୍ଗପୁର ସ୍ଥିତ ପାହାଡ଼ପୁର ଯାଇ ସେଠାରେ ସ୍ଥାନୀୟ କାର୍ଯ୍ୟକ୍ରମରେ ଯୋଗଦାନ ସହ ଏକ ପ୍ରଦର୍ଶନୀ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି।

# ୨୦୪ଟି ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ

**ଭୁବନେଶ୍ୱର, ୧୭।୬ (ମହାଭାରତ):** ଓଡ଼ିଶାରେ ୍ରାଥମିକ ଶିକ୍ଷାର ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ଯୋଜନାର ଦ୍ୱିତୀୟ ପର୍ଯ୍ୟାୟରେ ରାଜ୍ୟର ୨୦୪ଟି ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭର୍ଚୁଆଲ ମାଧ୍ୟମରେ ଏହି ପ୍ରକଳ୍ପଗୁଡ଼ିକର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ କୋରାପୁଟ ଜିଲ୍ଲାର ମାଛକୁଣ୍ଡଠାରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଓଡ଼ିଶାର ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯୋଗଦେଇ ଶିକ୍ଷା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ।

ସେ କହିଥିଲେ ଯେ, ଶିକ୍ଷା ହେଉଛି ସମାଜର ସର୍ବାଙ୍ଗୀଣ ବିକାଶର ମୂଳ ଆଧାର। ଜ୍ଞାନର ଆଲୋକ ମାଧ୍ୟମରେ ଓଡ଼ିଶାର ଭବିଷ୍ୟତକୁ ଉଜ୍ଜ୍ୱଳ କରିବା ।ଇଁ ସରକାର ଦୃଢ଼ ସଂକଳ୍ପବଦ୍ଧ ଭାବେ କାର୍ଯ୍ୟ କରୁଛନ୍ତି। ଏହି ଯୋଜନା ସେହି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେ ବୋଲି ସେ ମତ ପ୍ରକାଶ କରିଥିଲେ।

ଡ. ମହାଲିଙ୍ଗ କହିଥିଲେ ଯେ, ଏକଦା ଉପାନ୍ତ ଅଂଚ ଳ ଭାବେ ରିଚିତ କୋରାପୁଟ ଜିଲ୍ଲା ଆଜି ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଯୋଗ ଏବଂ ନିଯୁକ୍ତି କ୍ଷେତ୍ରରେ ନୂତନ ସମ୍ଭାବନାର କେନ୍ଦ୍ରବିନ୍ଦୁ ପାଲଟିଛି। ଜାତୀୟ ଶିକ୍ଷା ନୀତି–୨୦୨୦କୁ ପ୍ରାଧାନ୍ୟ ଦେଇ ରାଜ୍ୟ ସରକାର ଶିକ୍ଷା ବ୍ୟବସ୍ଥାକୁ ଆଧୁନିକ ଏବଂ ଗୁଣାତ୍ମକ କରିବା ଦିଗରେ ପଦକ୍ଷେ ନେଉଛନ୍ତି।

ସେ ଆହୁରି କହିଥିଲେ ଯେ, ଆଜି ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବା ଆଦର୍ଶ ପ୍ରାଥମିକ ବିଦ୍ୟାଳୟଗୁଡ଼ିକ ଆଗାମୀ ପିଢ଼ିର ସ୍ୱପ୍ନକୁ ସାକାର କରିବା ସହିତ 'ବିକଶିତ ଭାରତ' ଏବଂ 'ବିକଶିତ ଓଡ଼ିଶା' ଗଠନରେ ଏକ ଦୃଢ଼ ମାଇଲଖୁଂଟ ସାବ୍ୟସ୍ତ ହେବ।

କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ରଘୁରାମ ମାଛ, ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ଏବଂ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ଭର୍ଚୁଆଲ ବାର୍ତ୍ତା କାର୍ଯ୍ୟକ୍ରମକୁ ଅଧିକ ପ୍ରେରଣାଦାୟକ ଏବଂ ସଫଳ କରିଥିଲା।

# ରାଜ୍ୟର କ୍ରୀଡ଼ା ବିକାଶ ପାଇଁ ଚିନ୍ତନ ଶିବିର

**ଭୁବନେଶ୍ୱର,୧୭।୬ (ମହାଭାରତ):** କ୍ରୀଡ଼ା କେବଳ, ମେଡାଲ, ରେକର୍ଡ କିମ୍ବା ଜୟ-ପରାଜୟ ମଧ୍ୟରେ ସୀମିତ ନୁହେଁ, ବରଂ ଏହା ଜୀବନରେ ଅନୁଶାସନ, ଟିମ୍ ୱାର୍କ ଏବଂ ପ୍ରତିକୂଳ ପରିସ୍ଥିତିର ସାମ୍ନା କରିବାକୁ ଧୈର୍ଯ୍ୟ ଶିଖାଇଥାଏ ବୋଲି କ୍ରୀଡ଼ା ଓ ଯୁବସେବା ବିଭାଗ ଦ୍ୱାରା ଆୟୋଜିତ ଦୁଇଦିନିଆ 'ଚିନ୍ତନ ଶିବିର'ର ଉଦ୍‌ଯାପନ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି। ଓଡ଼ିଶାରେ ପ୍ରଥମ ଥର ପାଇଁ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମ ଆଗାମୀ ଦିନରେ କ୍ରୀଡ଼ାର ବିକାଶ ପାଇଁ ଏକ ବଡ଼ ରୋଡ୍‌ମ୍ୟାପ୍ ଓ ଫ୍ରେମ୍‌ୱାର୍କ ପ୍ରସ୍ତୁତ କରିବାରେ ବିଶେଷ ସହାୟକ ହେବ ବୋଲି ସେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ ଗତକାଲି ଠାରୁ ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର କ୍ରୀଡ଼ା ବିଶେଷଜ୍ଞ, ପ୍ରଶାସକ, କ୍ରୀଡ଼ାବିତ୍ ପ୍ରମୁଖ ଯୋଗଦେଇ ଓଡ଼ିଶାରେ କ୍ରୀଡ଼ା ବିକାଶ ସମ୍ପର୍କରେ ଆଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶା ଏବେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର ସ୍ପୋର୍ଟ୍ସ ଇଭେଂଟ ସଫଳତାର ସହ ଆୟୋଜନ କରି ସାରା ବିଶ୍ୱରେ ସ୍ୱୀକୃତି ଲାଭ କରିଛି। ଆଗାମୀ ୨୦୨୮ ମସିହାରେ ଓଡ଼ିଶାରେ ବିଶ୍ୱ ଆଥ୍‌ଲେଟିକ୍ସ ଏବଂ ଏସିଆନ ଇନଡୋର ଆଥ୍‌ଲେଟିକ୍ସ ଚମ୍ପିଆନସିପ୍ ଆୟୋଜନ ହେବାକୁ ଯାଉଛି। ଗତବର୍ଷ ସଫଳତାର ସହ 'ୱାର୍ଲଡ ଆଥ୍‌ଲେଟିକ୍ସ କଂଟିନେଂଟାଲ୍ ଟୁର୍ ବ୍ରୋଞ୍ଜ୍' ପ୍ରତିଯୋଗୀତା ଆୟୋଜନ କରାଯାଇଥିବା ବେଳେ ଚଳିତ ବର୍ଷ ଏହାର ସିଲଭର୍ ସ୍ତରର ପ୍ରତିଯୋଗୀତା ଓଡ଼ିଶାରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗୋଠପାଟଣା ଠାରେ ପ୍ରାୟ ୧୦୦୦ କୋଟି ଟଙ୍କା ବିନିଯୋଗରେ ଏକ ମଲ୍ଟି ପରପୋଜ୍ ସ୍ପୋର୍ଟସ କମ୍ପ୍ଲେକ୍ସ ପ୍ରତିଷ୍ଠା କରିବାକୁ ପଦକ୍ଷେପ ନିଆଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କ୍ରୀଡ଼ାର ବିକାଶ ନ ହେଲେ ଯୁବ ପ୍ରତିଭାର ବିକାଶ ଅସମ୍ଭବ ବୋଲି ଦର୍ଶାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ତୃଣମୂଳ ସ୍ତରରେ କ୍ରୀଡ଼ା ଭିତ୍ତିଭୂମିକୁ ମଜବୁତ କରିବା ପାଇଁ ବ୍ଲକ ସ୍ତରରେ ୪ ହଜାର କୋଟିରୁ ଅଧିକ ଟଙ୍କାର ବିନିଯୋଗରେ ଅତ୍ୟାଧୁନିକ ବହୁମୁଖୀ ଷ୍ଟାଡିଅମ ନିର୍ମାଣ କରାଯାଉଛି।

# ଯୁବକମାନଙ୍କ ସଶକ୍ତୀକରଣ ଉପରେ ଧର୍ମେନ୍ଦ୍ରଙ୍କ ଆଲୋଚନା



**ଭୁବନେଶ୍ୱର, ୧୭।୬ (ମହାଭାରତ):** ଦେଶର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବିଗତ ୧୨ ବର୍ଷର ଯାତ୍ରା ସେବା, ସୁଶାସନ ଓ ଗରିବ କଲ୍ୟାଣର ସଫଳ ନିଦର୍ଶନ ବୋଲି ଆଜି ମଧ୍ୟପ୍ରଦେଶର ଭୋପାଳ ଗସ୍ତ ଅବସରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ସାମିଲ ହେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଗସ୍ତକାଳରେ ଶ୍ରୀ ପ୍ରଧାନ ପୃଥକ ପୃଥକ ଭାବରେ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ, ଜନପ୍ରତିନିଧି ଏବଂ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱର ସଫଳ ୧୨ ବର୍ଷ ଉପରେ ସମ୍ବାଦିକମାନଙ୍କ ସହ ଆଲୋଚନା କରିବା ସହିତ 'ଆତ୍ମନିର୍ଭର ମହିଳା ସମ୍ମାନ' ଓ 'ବିକଶିତ ଭାରତ ସଂକଳ୍ପ: ଏକ ବିକଶିତ ଭାରତ ଅଭିମୁଖେଟ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବିଶ୍ୱାସ, ବିକାଶ ଏବଂ ଜନକଲ୍ୟାଣର ୧୨ ବର୍ଷ ସଫଳତାର ସହ ପୂର୍ଣ୍ଣ ହୋଇଛି । ଏହି ଯାତ୍ରା ଦେଶର ପ୍ରତ୍ୟେକ ବର୍ଗକୁ ସାଙ୍ଗରେ ନେଇ ଆଗକୁ ବଢ଼ିବା ଏବଂ ସେବା ଓ ସୁଶାସନର ସଂକଳ୍ପକୁ ମଜବୁତ କରିବାର ଯାତ୍ରା ଅଟେ । ଅନ୍ତ୍ୟୋଦୟ ଭାବନା ସହ ଗରିବ, କୃଷକ, ମହିଳା ଏବଂ ଯୁବକମାନଙ୍କୁ କେନ୍ଦ୍ରରେ ରଖାଯାଇଛି । ଆବାସ ଯୋଜନା, ଉଜ୍ଜ୍ୱଳା ଯୋଜନା, ଜନଧନ ଯୋଜନା, ଲକ୍ଷପତି ଦିଦି, ପିଏମ କିଷାନ ସମ୍ମାନ ନିଧି, ଆୟୁଷ୍ମାନ ଭାରତ ଏବଂ ଷ୍ଟାର୍ଟଅପ୍ ଇଣ୍ଡିଆ ଭଳି ଅନେକ ଐତିହାସିକ ପଦକ୍ଷେପ ନିଆଯାଇଛି । ଆଜି ମହିଳା ନେତୃତ୍ୱାଧୀନ ବିକାଶ ଭାବନା ସହ ଦେଶର ନାରୀ ଶକ୍ତି କେବଳ ସହଭାଗୀ ନୁହେଁ, ବରଂ ପ୍ରଗତିର ଅଗ୍ରଣୀ ଶକ୍ତି ସାଜିଛନ୍ତି। 'ଆତ୍ମନିର୍ଭର ମହିଳା ସମ୍ମାନ' କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ଉପସ୍ଥିତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ଲକ୍ଷପତି ଦିଦିମାନଙ୍କ ସହ ସମ୍ବାଦ କରିଥିଲେ । ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀର ପ୍ରଦର୍ଶନୀ ବୁଲି ଦେଖିବା ସହ ସେମାନଙ୍କ ପରିଶ୍ରମ, ପ୍ରତିଭା ଓ ଆତ୍ମବିଶ୍ୱାସକୁ ଉଚ୍ଚ ପ୍ରଶଂସା କରିଥିଲେ । ଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ, ଆଜିର ନାରୀ ଶକ୍ତି ସ୍କିଲ ଓ ଇନୋଭେସନ ମାଧ୍ୟମରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରୁଛି । ମନ୍ଦିରର ବର୍ଜ୍ୟବସ୍ତୁରୁ ପୁଣି ଥରେ ଯୋଗ୍ୟ ସାମଗ୍ରୀ ପ୍ରସ୍ତୁତ କରିବା ସ୍ୱଚ୍ଛତା ଏବଂ ଆତ୍ମନିର୍ଭରତାର ଏକ ପ୍ରେରଣାଦାୟୀ ଉଦାହରଣ । ସେହିପରି କେନ୍ଦ୍ର ସରକାରଙ୍କ 'ଗୋବର୍ଦ୍ଧନ ଯୋଜନା' ବର୍ଜ୍ୟବସ୍ତୁକୁ ସମ୍ପଦରେ ପରିଣତ କରି ପରିବେଶ ସୁରକ୍ଷା ଓ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରୁଛି। ଲକ୍ଷପତି ଦିଦିମାନଙ୍କୁ ଶିକ୍ଷା ଏବଂ କୌଶଳର ଅଧିକ ସୁଯୋଗ ଯୋଗାଇଦେବା ପାଇଁ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ସହ ମିଶି ନୂଆ ପ୍ରୟାସ ଆରମ୍ଭ କରାଯିବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଘୋଷଣା କରିଛନ୍ତି। ଏହା ସହିତ ଏହି ଅଭିଯାନରେ ଆଇଆଇଏମ ଭଳି ପ୍ରତିଷ୍ଠିତ ଅନୁଷ୍ଠାନଗୁଡ଼ିକୁ ମଧ୍ୟ ଯୋଡ଼ାଯିବ, ଯାହାଦ୍ୱାରା ମହିଳାମାନଙ୍କୁ ଉଦ୍ୟମିତା ଓ ମ୍ୟାନେଜମେଣ୍ଟ କ୍ଷେତ୍ରରେ ନୂଆ ସୁଯୋଗ ମିଳିପାରିବ ବୋଲି ସେ କହିଛନ୍ତି। ଏହାବ୍ୟତୀତ ଭୋପାଳ ମହାନଗର ନିଗମର ନବନିର୍ମିତ ମୁଖ୍ୟାଳୟ 'ଅଟଳ ଭବନ'ରେ କର୍ପୋରେଟରମାନଙ୍କ ସହ ଆଲୋଚନା କରି ସହରରେ ପାଇପ୍ ପ୍ରାକୃତିକ ଗ୍ୟାସର ବ୍ୟବହାର ବଢ଼ାଇ ଶକ୍ତି ଓ ପରିବେଶ ସଂରକ୍ଷଣ ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ । ଶେଷରେ ସେ କହିଛନ୍ତି ଯେ, 'ସବକା ସାଥ୍, ସବକା ବିକାଶ, ସବକା ବିଶ୍ୱାସ ଏବଂ ସବକା ପ୍ରୟାସ' ମନ୍ତ୍ର ସହିତ ଭାରତ ଆଜି ଆତ୍ମବିଶ୍ୱାସର ସହ ବିକଶିତ ଭାରତ ୨୦୪୭ ର ସଂକଳ୍ପକୁ ସାକାର କରିବା ଦିଗରେ ଅଗ୍ରସର ହେଉଛି ଏବଂ ଏଥିରେ ଆମ ମାତୃଶକ୍ତିର ଭାଗିଦାରୀ ହିଁ ଦେଶର ପ୍ରଗତିର ମୂଳ ଆଧାର। ଗସ୍ତ ସମୟରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଡା. ମୋହନ ଯାଦବଙ୍କ ସହ ଏକ ସୌଜନ୍ୟମୂଳକ ସାକ୍ଷାତକାର କରିଥିଲେ ।

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସଫଳତା ପୁସ୍ତିକା ଲୋକାର୍ପିତ



**ଭୁବନେଶ୍ୱର, ୧୭।୬ (ମହାଭାରତ):** ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀଙ୍କ କରକମଳରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଦୁଇ ବର୍ଷର ସଫଳତା ପୁସ୍ତିକା ଏବଂ ଭିଡ଼ିଓର ଉନ୍ମୋଚନ ତଥା ଲୋକାର୍ପଣ ହୋଇଯାଇଛି । ଏହି ଅବସରରେ ପୁସ୍ତିକା ଉନ୍ମୋଚନ କରି ମନ୍ତ୍ରୀ ଶ୍ରୀ ପୂଜାରୀ ତହସିଲରୁ ନେଇ ରାଜ୍ୟ ପର୍ଯ୍ୟନ୍ତ ବିଭାଗର ପ୍ରତ୍ୟେକ ଅଧିକାରୀ ଏବଂ କର୍ମଚାରୀଙ୍କ କର୍ତବ୍ୟନିଷ୍ଠା ତଥା ନିରବଚ୍ଛିନ୍ନ ପ୍ରୟାସକୁ ସାଧୁବାଦ ଜଣାଇବା ସହ ବିଗତ ଦୁଇ ବର୍ଷର ସଫଳତା ଏବଂ ଉପଲବ୍ଧିକୁ ପାଥେୟ କରି ଆଗାମୀ ଦିନରେ ରାଜସ୍ୱ ବିଭାଗ ଲୋକସେବାର ଶୀର୍ଷ ସୋପାନରେ ପହଁଚିବ ବୋଲି ଆଶାବ୍ୟକ୍ତ କରିଛନ୍ତି । ଚଳିତ ବର୍ଷ ରାଜ୍ୟ ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତ୍ତି ଅବସରରେ ଶୀର୍ଷକ ରହିଛି, 'ବିକାଶର ଧାରା, ଓଡ଼ିଶା ସାରା' । ଏହି ପରିପ୍ରେକ୍ଷୀରେ ଉନ୍ମୋଚିତ ସଫଳତା ପୁସ୍ତିକାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସମସ୍ତ ସଂସ୍କାରମୂଳକ ପଦକ୍ଷେପ, ଲୋକାଭିମୁଖୀ ଯୋଜନା ଏବଂ ସେସବୁର ସଫଳ କାର୍ଯ୍ୟକାରିତା ତଥା ଆଗାମୀ ଦିନରେ ବିଭାଗର ନୂତନ କାର୍ଯ୍ୟପନ୍ଥା ସଂକଳିତ ହୋଇଛି । କଲମ୍ ୨ ବା ପ୍ରଜା ଖାତା ୨ ଖାନା ସଂଶୋଧନ, ଓଆରଟିପିଏସ୍ ଅଧୀନରେ ୨.୫ କୋଟିରୁ ଊର୍ଦ୍ଧ୍ୱ ରାଜସ୍ୱ ସେବା ପ୍ରଦାନ, ଜମିର କିସମ ହ୍ରାସ, ଶ୍ରୀଜଗନ୍ନାଥ ମହାପ୍ରଭୁ ଲ୍ୟାଣ୍ଡ ସେଲ୍ ପ୍ରତିଷ୍ଠା, ୧୦୮ ନୂତନ ସବ୍ ରେଜିଷ୍ଟ୍ରାର୍ କାର୍ଯ୍ୟାଳୟ, ଜମିଜମା ମାମଲାର ସରଳ ଏବଂ ଶୀଘ୍ର ବନ୍ଦୋବସ୍ତ, ଜନଗଣନା, ତ୍ୱରିତ ବିପର୍ଯ୍ୟୟଜନିତ କ୍ଷତିପୂରଣ ପ୍ରଦାନ, ବାତ୍ୟା ଦାନା ଏବଂ ମନ୍ଥାରେ ଜିରୋ କାଜୁଆଲିଟି ସହ ସଫଳ ପରିଚାଳନା ପରି ଉଲ୍ଲେଖନୀୟ ସଫଳତା ରାଜସ୍ୱ ବିଭାଗକୁ ସାଧାରଣଜନତାଙ୍କ ନିକଟରେ ପହଞ୍ଚାଇଛି । ସେହିପରି ଆଗାମୀ ଦିନରେ 'ଆମ ଗାଆଁରେ ଆମ ତହସିଲ୍' କାର୍ଯ୍ୟକ୍ରମ, ବିପର୍ଯ୍ୟୟ ପରିଚାଳନାକୁ ସୁନିଶ୍ଚିତ କରିବା ନିମନ୍ତେ ରାଜ୍ୟ ବିପର୍ଯ୍ୟୟ ପ୍ରତିରୋଧୀ ପ୍ରତିଷ୍ଠାନ) ସ୍ଥାପନା, ନୂତନ ପୁନର୍ବାସ ଓ ଥଇଥାନ ଆଇନ୍ ଆଦି ଅନେକ ପଦକ୍ଷେପମାନ ଖୁବ୍ ଶୀଘ୍ର ସୂର୍ଯ୍ୟାଲୋକ ଦେଖିବାକୁ ଯାଉଛି । ଲୋକସେବାକୁ ସହଜଲବ୍ଧ ଏବଂ ସୁନିଶ୍ଚିତ କରିବା ନିମନ୍ତେ ରାଜସ୍ୱ ବିଭାଗର ନିରବଚ୍ଛିନ୍ନ ଉଦ୍ୟମ ଅବ୍ୟାହତ ରହିବ ବୋଲି ମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ସେହିପରି ବ୍ରିଟିଶ୍ ଅମଳରୁ ପ୍ରଚଳିତ ଓଡ଼ିଆ ସ୍ଥାନମାନଙ୍କର ଇଂରାଜୀ ଉଚ୍ଚାରଣ ଅନୁଯାୟୀ ଭୁଲ୍ ବନାନ୍ ମାନଙ୍କର ସଂଶୋଧନ ରାଜସ୍ୱ ବିଭାଗର ଅନ୍ୟତମ ସଫଳତା ବୋଲି ମନ୍ତ୍ରୀ ଅଭିହିତ କରିଛନ୍ତି। ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ସ୍ୱତନ୍ତ୍ର ସହାୟତା ଆୟୁକ୍ତ ଶ୍ରୀ ରାଜେଶ୍ ପ୍ରଭାକର ପାଟିଲ୍ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସମସ୍ତ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

# ତୈଳ ଓ ରନ୍ଧନ ଗ୍ୟାସ ଦରବୃଦ୍ଧି ବୋଝ ଉପରେ ଲଳିତା ବିଡ଼ା

**ଭୁବନେଶ୍ୱର, ୧୭।୬ (ମହାଭାରତ):** ଆନ୍ତର୍ଜାତିକ ସ୍ତରରେ ଅଶୋଧିତ ତୈଳର ମୂଲ୍ୟ ହ୍ରାସ ପାଇଥିବା ବେଳେ ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର କ୍ରମାଗତ ଦରବୃଦ୍ଧି ନେଇ ଉଦ୍‌ବେଗ ପ୍ରକାଶ କରିବା ସହିତ ଡବଲ ଇଞ୍ଜିନ ସରକାରଙ୍କୁ କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ, ଗତ କିଛି ବର୍ଷ ମଧ୍ୟରେ ଘରୋଇ ଏଲପିଜି ସିଲିଣ୍ଡରର ମୂଲ୍ୟ ଦୁଇଗୁଣା ବୃଦ୍ଧି ପାଇଛି । ୨୦୧୪ ମସିହାରେ ଘରୋଇ ସିଲିଣ୍ଡରର ମୂଲ୍ୟ ପ୍ରାୟ ୪୧୫ ଟଙ୍କା ଥିଲା, ବର୍ତମାନ ତାହା ୯୬୮ ଟଙ୍କାରେ ପହଂଚିଛି। ସେହିପରି ପେଟ୍ରୋଲ, ଡିଜେଲ ଓ କମର୍ସିଆଲ ଗ୍ୟାସ ସିଲିଣ୍ଡରର ଦର ମଧ ଅସ୍ୱାଭାବିକ ଭାବେ ବୃଦ୍ଧି ପାଉଥିବାରୁ ସାଧାରଣ ଜନତାଙ୍କ ହାଣ୍ଡିଶାଳ ଉପରେ ଚଡ଼କ ପଡ଼ିଛି କହି ସରକାରଙ୍କୁ କଡ଼ା ନିନ୍ଦା କରିଥିଲେ ।

ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ କହିଥିଲେ, ଦରବୃଦ୍ଧି ଯୋଗୁଁ ନିମ୍ନ ଓ ମଧ୍ୟବିତ ପରିବାର, କ୍ଷୁଦ୍ର ବ୍ୟବସାୟୀ, ଚା' ଦୋକାନୀ ଓ ହୋଟେଲ ବ୍ୟବସାୟୀଙ୍କ ଉପରେ ଗଭୀର ପ୍ରଭାବ ପଡୁଛି। ରନ୍ଧନ ଗ୍ୟାସର ଦର କ୍ରମାଗତ ଭାବେ ବୃଦ୍ଧି ପାଉଥିବା ଯୋଗୁଁ ସାଧାରଣ ଲୋକଟିଏ ପରିବାର ଚଳାଇବା କଷ୍ଟକର ହୋଇପଡ଼ିଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧୀତ ତୈଳର ଦର ହ୍ରାସ ପାଇଥିବା ସତ୍ତ୍ୱେ ତାହାର ସୁଫଳ ସାଧାରଣ ଲୋକଙ୍କୁ ମିଳୁନାହିଁ । କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଉପରେ ଅତ୍ୟଧିକ ଟ୍ୟାକ୍ସ କମାଇ, ଦରବୃଦ୍ଧି ଯୋଗୁଁ ହନ୍ତସନ୍ତ ହେଉଥିବା ସାଧାରଣ ଜନତାଙ୍କ ପ୍ରତି ସମ୍ବେଦନଶୀଳ ହୁଅନ୍ତୁ । ପେଟ୍ରୋଲ ଓ ଡିଜେଲକୁ ଜିଏସ୍‌ଟି ଅନ୍ତର୍ଭୁକ୍ତ କରନ୍ତୁ, ଏହାଦ୍ୱାରା ତୈଳ ମୂଲ୍ୟ ହ୍ରାସ ପାଇବା ସହ ସାଧାରଣ ଲୋକଙ୍କ ଉପରେ ଆର୍ଥିକ ବୋଝ କମିପାରିବ । ଶ୍ରୀମତୀ ଛୁରିଆ ଆହୁରି କହିଥିଲେ, ବିଜେପି ସରକାରରେ ମହିଳା ହିଂସା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ରାଜ୍ୟରେ ଦୁଷ୍କର୍ମ, ଗଣଦୁଷ୍କର୍ମ, ନାରୀ ନିର୍ଯାତନା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଥିବା ବେଳେ ସରକାର ନିରବଦ୍ରଷ୍ଟା ସାଜିଛନ୍ତି । ମହିଳାଙ୍କ ସୁରକ୍ଷା ପ୍ରତି ସମ୍ପୂର୍ଣ୍ଣ ଆଖି ବୁଜି ଦେଇଛନ୍ତି ସରକାର । ମହିଳାଙ୍କ ସୁରକ୍ଷା ଓ ନ୍ୟାୟ ସୁନିଶ୍ଚିତ କରିବା ସରକାରଙ୍କ ପ୍ରାଥମିକ ଦାୟିତ୍ୱ, କିନ୍ତୁ ସରକାର ନିଜ ଦାୟିତ୍ୱରୁ ବିମୁଖ ହୋଇ ଉତ୍ସବ ମନାଇବାରେ ବ୍ୟସ୍ତ ରହୁଛନ୍ତି । ରାଜ୍ୟ ସରକାର ପେଟ୍ରୋଲ, ଡିଜେଲ ଓ ଗ୍ୟାସର ଦରକୁ ହ୍ରାସ କରି ସାଧାରଣ ଜନତାଙ୍କ ଆର୍ଥିକ ବୋଝକୁ କମ୍ କରନ୍ତୁ।

# ମହେନ୍ଦ୍ରଗିରି ମେଳାରେ ଯୋଗଦେଲେ ରାଜ୍ୟପାଳ



**ଭୁବନେଶ୍ୱର, ୧୭।୬ (ମହାଭାରତ):** ରାଜ୍ୟପାଳ ଡଃ ହରି ବାବୁ କମ୍ଭମପାଟି ଗଜପତି ଜିଲ୍ଲାର ଜିରାଙ୍ଗସ୍ଥିତ ଶାନ୍ତ ପରିବେଶରେ ଅବସ୍ଥିତ ବୌଦ୍ଧ ମଠ ପରିଦର୍ଶନ କରି ଭଗବାନ ବୁଦ୍ଧଙ୍କୁ ପ୍ରାର୍ଥନା କରି ବିଶ୍ୱଶାନ୍ତି, ସମୃଦ୍ଧି ଏବଂ ସମସ୍ତଙ୍କ ମଙ୍ଗଳ କାମନା କରିଛନ୍ତି। ଏହି ଅବସରରେ ମଠର ସାଧୁସନ୍ଥ ଓ ସ୍ଥାନୀୟ ବାସିନ୍ଦାମାନେ ରାଜ୍ୟପାଳଙ୍କୁ ସ୍ୱାଗତ ଜଣାଇଥିଲେ। ଏହି ପରିଦର୍ଶନ ସମୟରେ ରାଜ୍ୟପାଳ ମଠ ସଦସ୍ୟ ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ସେମାନଙ୍କର ମତାମତ ଓ ସମସ୍ୟା ଶୁଣିଥିଲେ। ଭିଏତନାମରୁ ଭଗବାନ ବୁଦ୍ଧଙ୍କ ପବିତ୍ର ଅସ୍ଥି ଭାରତକୁ ଆଣିବାରେ ନିଜର ଭୂମିକାକୁ ସ୍ମରଣ କରାଇ ରାଜ୍ୟପାଳ କହିଥିଲେ ଯେ, ଏହି ପରିଦର୍ଶନ ତାଙ୍କ ପାଇଁ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ। ମଠର ସାଧୁସନ୍ଥଙ୍କର ଭକ୍ତି, କରୁଣା, ସମ୍ପ୍ରୀତି ଓ ଆଧ୍ୟାତ୍ମିକ ଜ୍ଞାନର ମୂଲ୍ୟବୋଧ ପ୍ରତି ପ୍ରତିବଦ୍ଧତାକୁ ରାଜ୍ୟପାଳ ପ୍ରଶଂସା କରିଥିଲେ।ଶାନ୍ତି, ସାଂସ୍କୃତିକ ବୁଝାମଣା ଏବଂ ଭଗବାନ ବୁଦ୍ଧଙ୍କ ଉପଦେଶ ପ୍ରଚାର ଓ ସଂରକ୍ଷଣରେ ମଠର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ମଧ ରାଜ୍ୟପାଳ ପ୍ରଶଂସା କରିଥିଲେ। ରାଜ୍ୟପାଳ କହିଥିଲେ ଯେ, ଭବିଷ୍ୟତ ପିଢ଼ି ପାଇଁ ବୁଦ୍ଧଙ୍କ ଉପଦେଶକୁ ଜୀବନ୍ତ ରଖିବାରେ ମଠର ସାଧୁସନ୍ଥଙ୍କ ଉତ୍ସର୍ଗ ପ୍ରେରଣାଦାୟକ।

# କୃଷି ଓ କୃଷକ ଶୀର୍ଷକ ସଚେତନତା କର୍ମଶାଳା



**ଭୁବନେଶ୍ୱର, ୧୭।୬ (ମହାଭାରତ):** ବିଶ୍ୱ ନିୟନ୍ତାଙ୍କ ସୃଷ୍ଟିରେ ପ୍ରକୃତିର ତାଣ୍ଡବକୁ କୌଣସି ଦିଗରେ ରୋକ ଲଗାଯାଇ ପାରିବ ନାହିଁ। ଆମ ପରିବେଶ ଓ ପ୍ରକୃତିକୁ ନେଇ ସର୍ବଦା ସଚେତନଶୀଳ ହେବା ଉଚିତ୍। ବିଗତ ତିନି ଦଶନ୍ଧି ଧରି ବିଭିନ୍ନ କାରଣରୁ ତାପମାତ୍ରା ବୃଦ୍ଧି ଜୀବଜଗତକୁ ଅଥୟ କଲାଣି। ଫଳରେ ଏହାର ଭବିଷ୍ୟତ କ'ଣ ହେବ ଏକ ଚିନ୍ତାର ବିଷୟ। ଏଥିପାଇଁ ବହୁ ବିଶିଷ୍ଟ ବୈଜ୍ଞାନିକ ଓ ପରିବେଶବିତ୍‌ମାନେ ବହୁମତ ରଖିଛନ୍ତି। ବିଶେଷ କରି ଅନିୟମିତ ଜଳବାୟୁ ପ୍ରଭାବରେ ଏବେଠାରୁ କୃଷି କ୍ଷେତ୍ରରେ ଯେଉଁ ପ୍ରଭାବ ପଡ଼ିଲାଣି ଲୋକସଂଖ୍ୟା ବୃଦ୍ଧି ଅନୁଯାୟୀ ଖାଦ୍ୟ ନିରାପତ୍ତା ଏକାନ୍ତ ଜରୁରୀ। ମାନବ ଜଗତ ତିଷ୍ଠି ରହିବା ପାଇଁ କୃଷି ଏକମାତ୍ର ବିକଳ୍ପ। ତେଣୁ କୃଷି କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇ କୃଷକମାନଙ୍କୁ ଅନିୟମିତ ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ ଅଧିକରୁ ଅଧିକ ସଚେତନ କରାଯିବାର ଆବଶ୍ୟକ ରହିଛି ବୋଲି ଜୁଲାଇ ୧୨ତାରିଖ ଦିନ ସମିତିର ବରମୁଣ୍ଡାସ୍ଥିତ କାର୍ଯ୍ୟାଳୟ ସଭାଗୃହରେ ଇଡକୋ, ଓଡ଼ିଶାଙ୍କ ସୌଜନ୍ୟତା କ୍ରମେ ଓଡ଼ିଶା ରାଜ୍ୟ କୃଷକ ବିକାଶ ସମବାୟ ସମିତି ଲିଃ, ଭୁବନେଶ୍ୱରଙ୍କ ତରଫରୁ ଅନୁଷ୍ଠିତ ଜଳବାୟୁ ପରିବର୍ତ୍ତନ ଦୃଶ୍ୟପଟରେ ଓଡ଼ିଶାର କୃଷି ଓ କୃଷକ ଶୀର୍ଷକ କୃଷକ ସଚେତନତା କର୍ମଶାଳାରେ ଓଡ଼ିଶା ଫଲୋଅପ୍‌ର ନିର୍ଦ୍ଦେଶକ ତଥା ବିଶିଷ୍ଟ ସମାଜସେବୀ ପରିବେଶବିତ୍ ଡ. ଡି.ବି.ହୃଦୟ ମୁଖ୍ୟ ଅତିଥି ରୂପେ ଯୋଗଦେଇ ବର୍ଷା, ଶୀତ ଓ ଉତ୍ତାପ ଉପରେ ହିଁ କୃଷି ସର୍ବଦା ନିର୍ଭରଶୀଳ। କିନ୍ତୁ ଏବେ ଦେଖାଯାଉଛି ଯେ କ୍ରମାଗତ ଭାବରେ ବର୍ଷା ଓ ଶୀତ କମିଯିବା ଏବଂ ଉତ୍ତାପ ବୃଦ୍ଧି ହେବା ସହିତ ଏହି ଋତୁଚକ୍ର ଅଧିକାଂଶ ବର୍ଷ ଏକ ଦୋଳାୟମାନ ପରିସ୍ଥିତି ଦେଇ ଗତି କରୁଛି। ଯାହା ଫଳରେ କୃଷି ଉପରେ ଏହାର ଗଭୀର ପ୍ରଭାବ ପଡୁଛି। ଏଥିରୁ ମୁକ୍ତି ପାଇବା ପାଇଁ ଏବେଠାରୁ ପରିବେଶ ମନସ୍କ ହେବା, ବୃକ୍ଷରୋପଣ କରିବା ସହିତ ଯନ୍ତ୍ର ସଭ୍ୟତାକୁ ଯଥା ସମ୍ଭବ ନିୟନ୍ତ୍ରିତ କରିବା ସର୍ବାଦୌ ଆବଶ୍ୟକ ବୋଲି କହିଥିଲେ। ସମିତିର ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମଶାଳାରେ ସମବାୟବିତ୍ ବୃନ୍ଦାବନ ଖଟେଇ, ନିର୍ଦ୍ଦେଶକ ପି. ଦେବେନ୍ଦ୍ର କୁମାର ରାଓ, ବ୍ରଜରାଜ ରାଉତ, ଗୋବିନ୍ଦ ପଟେଲ, ବିଶିଷ୍ଟ କୃଷିବିତ୍ ଧ୍ରୁବ ଚରଣ ପରିଡ଼ା ପ୍ରମୁଖ ଜଳବାୟୁ ପରିବର୍ତ୍ତନରେ ଚାଷକ୍ଷେତ୍ରରେ ପଡୁଥିବା ପ୍ରଭାବ ଚାଷୀକୁଳକୁ ଯେତିକି ବ୍ୟଥିତ କରୁଛି ଏହାର କାରଣ ଓ ନିରାକରଣ ଦିଗରେ ସରକାରଙ୍କ ପକ୍ଷରୁ ବରିଷ୍ଠ ପଦକ୍ଷେପ ନିଆଯିବା ପାଇଁ ପ୍ରସ୍ତାବ ରଖିଥିଲେ। ପ୍ରାରମ୍ଭରୁ ସମିତିର ଭାରପ୍ରାପ୍ତ ପରିଚାଳନା ନିର୍ଦ୍ଦେଶକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।









# ଅନୁପ୍ରବେଶକାରୀଙ୍କୁ ବିଦା

ଅନୁପ୍ରବେଶ ଏକ ଅନ୍ତର୍ଜାତୀୟ ସମସ୍ୟା ଏବଂ ବିଶ୍ୱର ସବୁ ଦେଶ ପାଇଁ ଏହା ଏକ ଚାଲେଞ୍ଜ। ପଡ଼ୋଶୀ ଦେଶରେ ଆର୍ଥିକ, ସାମାଜିକ ଏବଂ ରାଜନୈତିକ ସଙ୍କଟ, ଅସ୍ଥିରତା ସୃଷ୍ଟି ହେଲେ ସେହି ଦେଶର କିଛି ନାଗରିକ ପାଖ ପଡ଼ୋଶୀ ଦେଶକୁ ଆଶ୍ରୟ ନେବାକୁ ଚାଲିଆସୁଛନ୍ତି। କେବଳ ପଡ଼ୋଶୀ ଦେଶ ନୁହେଁ, ଅନେକ ସୁଦୂର ଆମେରିକା ଭଳି ସମୃଦ୍ଧ ରାଷ୍ଟ୍ରକୁ ଲୁଚିଛପି ଚାଲିଯାଉଛନ୍ତି। ବେଳେବେଳେ ଅନେକ ଜୀବନ ରକ୍ଷା ପାଇଁ ମଧ୍ୟ ବାଧ୍ୟ ହୋଇ ନିଜ ଦେଶ ଛାଡ଼ି ଅନ୍ୟ ଦେଶକୁ ଚାଲିଯାଉଛି। ଅର୍ଥ ରୋଜଗାର କରିବା ଏବଂ ଏକ ସ୍ୱଚ୍ଛଳ ଜୀବନ ଯାପନ କରିବାର ପ୍ରଲୋଭନ, ସ୍ୱପ୍ନ ମଧ୍ୟ ସେମାନଙ୍କୁ ଆମେରିକା ଭଳି ଦେଶକୁ ଚାଲିଯାଉଛନ୍ତି। କିଛି ଲୋକ ଶରଣାର୍ଥୀ ଭାବେ ପଡ଼ୋଶୀ ଦେଶକୁ ଚାଲିଯାଆନ୍ତି। ଆଉ କିଛି ଲୋକ ଲୁଚି ଛପି ଚୋରଙ୍କ ଭଳି ପଡ଼ୋଶୀ ଦେଶର ମୌଗଳିକ ସୀମାରେ ଅନୁପ୍ରବେଶ କରୁଛନ୍ତି। ଏହା ଏକ ଅପରାଧ। ଭାରତ ଗତ ୭୮ ବର୍ଷ ହେବ ଏହି ସମସ୍ୟା ସହ ମୁକାବିଲା କରି ଆସୁଛି। ବିଶେଷ କରି ବାଂଲାଦେଶରୁ ଅନେକ ବର୍ଷ ଧରି ବହୁ ଲୋକ ଅନୁପ୍ରବେଶ କରିଆସୁଛନ୍ତି। ୧୯୭୧ରୁ ଆଜି ପର୍ଯ୍ୟନ୍ତ ଭାରତରେ ୨ କୋଟିରୁ ଅଧିକ ବାଂଲାଦେଶୀ ଅନୁପ୍ରବେଶ କରିଛନ୍ତି ବା ଶରଣାର୍ଥୀ ଭାବେ ରହିଛନ୍ତି। ସେମାନଙ୍କ ପାଇଁ ଭାରତରେ ଅନେକ ସମସ୍ୟା ସୃଷ୍ଟି ହେଉଛନ୍ତି। ଦେଶର ଜନସଂଖ୍ୟା ବୃଦ୍ଧି ସହ ଖାଦ୍ୟାଭାବ ଏବଂ ଆର୍ଥିକ ସଙ୍କଟ ସୃଷ୍ଟି ହୋଇଛି। ଅନେକ ବାଂଲାଦେଶୀ ଭାରତ ବିରୋଧୀ ଷଡ଼ଯନ୍ତ୍ରରେ ସାମିଲ ହେଉଛନ୍ତି। କାରଣ ସେମାନେ ଭାରତରେ ଆଶ୍ରୟ ନେଲେ ମଧ୍ୟ ଏହାକୁ ସେମାନେ ନିଜର ଦେଶ ବୋଲି ବିଚାର କରନ୍ତି ନାହିଁ। ସେମାନଙ୍କ ମଧ୍ୟରୁ ଅନେକ ଅପରାଧୀ, ଆତଙ୍କବାଦୀ ଲୁଚି ରହିଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଏହି ଅନୁପ୍ରବେଶକାରୀଙ୍କୁ ରୋକିବା ବା ଦେଶରୁ ବିଦା କରିବା ପରିବର୍ତ୍ତେ ଅନେକ ରାଜନୈତିକ ଦଳ ସଂକୀର୍ଣ୍ଣ ଭୋଟ ରାଜନୀତି ପାଇଁ ସେମାନଙ୍କୁ ସୁରକ୍ଷା ପ୍ରଦାନ କରୁଛନ୍ତି। ଅନେକ ସେମାନଙ୍କୁ ଭାରତର ନାଗରିକତ୍ୱ ହାସଲରେ ସହାୟକ ହେଉଛନ୍ତି। ଏଥିରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସବୁଠାରୁ ବଡ଼ ଭୂମିକା ନେଉଛନ୍ତି। ପଶ୍ଚିମବଙ୍ଗରେ ବେଆଇନ ଭାବେ ବସବାସ କରୁଥିବା ବାଂଲାଦେଶୀ ନାଗରିକଙ୍କୁ ମମତା ବିଦା କରିବା ପରିବର୍ତ୍ତେ ସେମାନଙ୍କ ସପକ୍ଷରେ ଓକିଲାତି କରୁଛନ୍ତି। କାରଣ ଅନୁପ୍ରବେଶକାରୀଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ସଂଖ୍ୟାଲଘୁ ସମ୍ପ୍ରଦାୟର। ସେମାନଙ୍କ ଭୋଟରେ ମମତା ବାରମ୍ବାର ନିର୍ବାଚନରେ ବିଜୟୀ ହୋଇ କ୍ଷମତାସୀନ ହେଉଛନ୍ତି । କ୍ଷମତା ପାଇଁ ମମତା ମିଛ ଧର୍ମନିରପେକ୍ଷତା ଆଳରେ ଦେଶର କ୍ଷତି କରୁଛନ୍ତି। ଏବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ଦେଶର ସ୍ୱାର୍ଥ ରକ୍ଷା ନିମନ୍ତେ ଦେଶରୁ ବେଆଇନ ଭାବେ ବସବାସ କରୁଥିବା ପ୍ରବାସୀଙ୍କୁ ବିଦା କରୁଛନ୍ତି। ଏହା ଯଥାର୍ଥ। ଭାରତ ଏଥିରୁ ଶିକ୍ଷା ଲାଭ କରିବା ଉଚିତ ଏବଂ ଭାରତରୁ ମଧ୍ୟ ଅନୁପ୍ରବେଶକାରୀଙ୍କୁ ବିଦା କରାଯିବା ଉଚିତ। ଯେଉଁ ଭାରତୀୟମାନେ ବିଦେଶରେ ବେଆଇନ ଭାବେ ବସବାସ କରୁଛନ୍ତି, ସେମାନେ ମଧ୍ୟ ସ୍ୱଦେଶକୁ ଫେରିଆସିବା ଉଚିତ। ଭାରତ ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶ। ଦେଶର ଜନସଂଖ୍ୟା ଏବେ ୧୪୦କୋଟିରୁ ଅଧିକ ବୋଲି ଆକଳନ କରାଯାଉଛି। କେବଳ ସେତିକି ନୁହେଁ, ବିଶ୍ୱର କୋଣ ଅନୁକୋଣରେ, ପ୍ରତି ଦେଶରେ ଭାରତୀୟମାନେ ବସବାସ କରୁଛନ୍ତି। ଅନେକ ସେଠାକାର ନାଗରିକତ୍ୱ ଗ୍ରହଣ କରିସାରିଛନ୍ତି। ଆଉ କେତେକ ଶିକ୍ଷା ବା ପେଷା ପାଇଁ ବିଦେଶରେ ରହୁଛନ୍ତି। ଆମେରିକା, ଋଷିଆ, ବ୍ରିଟେନ, ଜର୍ମାନୀ, ଫ୍ରାନ୍ସ, ଜର୍ମାନୀ, କାନାଡ଼ା,ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ମଧ୍ୟପ୍ରାଚ୍ୟର ବିଭିନ୍ନ ଦେଶ ଏପରିକି ଚୀନରେ ମଧ୍ୟ ଅନେକ ଭାରତୀୟ ବସବାସ କରୁଛନ୍ତି। ଭାରତୀୟ ଛାତ୍ରମାନଙ୍କର ଏକ ସ୍ୱପ୍ନ ଥାଏ ଆମେରିକା ବା ବ୍ରିଟେନରେ ଯାଇ ପଢ଼ିବା।

# ଯକ୍ଷ୍ମାର ଆରୋଗ୍ୟ ସମ୍ଭବ

॥ ଡାକ୍ତର କାନ୍ତୀ ନାୟକ ॥

ରୋଗୀ କ'ଣ କରିବେ / କ'ଣ ନକରିବେ : ତିନି ସପ୍ତାହରୁ ଅଧିକ ଦିନ କାଶ ଲାଗି ରହିଲେ ଡାକ୍ତରଙ୍କୁ ଦେଖାନ୍ତୁ। ଔଷଧର ସଂପୂର୍ଣ୍ଣ କୋର୍ସ ନିୟମିତ ଭାବରେ ଖାଇ ପୂରଣ କରନ୍ତୁ। କାଶିବା ସମୟରେ ମୁହଁ ଓ ନାକ ନାପ୍‌କିନ୍‌ରେ ଘୋଡାଇ ରଖନ୍ତୁ। ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ବିଡ଼ି, ସିଗାରେଟ୍, ତମାଖୁ ଓ ମଦ ଆଦିରୁ ଦୂରେଇ ରୁହନ୍ତୁ। ତେବେ ଖୋଲା ସ୍ଥାନରେ ଛେପ ପକାନ୍ତୁ ନାହିଁ। କେବଳ ଏକ୍ସରେ ଉପରେ ଭରସା କରନ୍ତୁ ନାହିଁ କିମ୍ବା ଡାକ୍ତରଙ୍କୁ ନପଚାରି ଔଷଧ ବନ୍ଦ କରନ୍ତୁ ନାହିଁ। ଡଟ୍‌ସ ଅର୍ଥାତ ଡାଇରେକ୍ଟ୍ଲି ଆବ୍‌ଜର୍ଭଡ଼୍ ଟ୍ରିଟ୍‌ମେଣ୍ଟ ସର୍ଟ କୋର୍ସ ଯକ୍ଷ୍ମା ଚିକିତ୍ସା ଅଭିଯାନ।

ଯକ୍ଷ୍ମା ଜୀବାଣୁ ଜନିତ ରୋଗ। ଏହା ପବନ ଦ୍ୱାରା ଜଣେ ରୋଗୀ ଠାରୁ ଅନ୍ୟ ଜଣେ ସୁସ୍ଥ ଲୋକ ପାଖରେ ପହଞ୍ଚେ। ଏହା ସାଧାରଣତଃ ଫୁସ୍‌ଫୁସ୍‌ରୁ ଆରମ୍ଭ ହୁଏ। ଫୁସ୍‌ଫୁସ୍ ଯକ୍ଷ୍ମା ସବୁଠାରୁ ସାଧାରଣ ଯକ୍ଷ୍ମା ହୋଇଥିଲେ ମଧ୍ୟ ମସ୍ତିଷ୍କ, ଗର୍ଭାଶୟ, ପାଟି ଯକୃତ, ବୃକକ୍, ଗଳା ଏବଂ ହାଡ଼ ଆଦି ଶରୀରର କୌଣସି ସ୍ଥାନରେ ମଧ୍ୟ ଯକ୍ଷ୍ମା ସଂକ୍ରମଣ ହୋଇପାରେ। ଯକ୍ଷ୍ମା ଜୀବାଣୁ ପବନ ଦ୍ୱାରା ବ୍ୟାପେ। କାଶିବା, ଛିଙ୍କିବା ଦ୍ୱାରା ମୁହଁରୁ ବାହାରୁଥିବା ଛୋଟ ଛୋଟ ଛେପବୁନ୍ଦା ଏହି ସଂକ୍ରମଣ ବଢ଼ାଏ। ଯକ୍ଷ୍ମାରୋଗୀର ଖୁବ୍ ନିକଟରେ ବସି କଥାବାର୍ତ୍ତା କରିବା ଦ୍ୱାରା ମଧ୍ୟ ଏହି ସଂକ୍ରମଣ ହୋଇପାରେ। ତେବେ ଫୁସ୍‌ଫୁସ୍ ବ୍ୟତୀତ ଅନ୍ୟ କୌଣସି ଯକ୍ଷ୍ମା ଜଣକ ଠାରୁ ଅନ୍ୟଜଣକୁ ବ୍ୟାପେନାହିଁ। ଏହା ବ୍ୟତୀତ ଯକ୍ଷ୍ମା ବଂଶାନୁକ୍ରମିକ ରୋଗ ନୁହେଁ। ଯକ୍ଷ୍ମା ଜୀବାଣୁ ଶରୀରର ଯେଉଁ ଅଂଶରେ ଥାଏ ସେ ସେହି ଅଂଶର ଟିସୁଗୁଡ଼ିକୁ ସଂପୂର୍ଣ୍ଣ ନଷ୍ଟ କରିଦିଏ। ଫଳରେ ସେହି ଅଙ୍ଗର କାମ ପ୍ରଭାବିତ ହୁଏ। ଉଦାହରଣ ସ୍ୱରୂପ ଫୁସ୍‌ଫୁସ୍‌ରେ ଯକ୍ଷ୍ମା ହେଲେ ଏହା ଫୁସ୍‌ଫୁସ୍‌କୁ ଧୀରେ ଧୀରେ ନଷ୍ଟ କରିଦିଏ। ଗର୍ଭାଶୟରେ ହେଲେ ଏହା ପ୍ରଜନନ କ୍ଷମତା ନଷ୍ଟକରି ଦିଏ। ହାଡ଼ରେ ଯକ୍ଷ୍ମା ହେଲେ ହାଡ଼ ସଂପୂର୍ଣ୍ଣ ଭାବେ ସଢ଼ିଯାଏ। ମସ୍ତିଷ୍କରେ ହେଲେ ରୋଗୀକୁ ମସ୍ତିଷ୍କାଘାତ ହୁଏ ଏବଂ ଯକୃତରେ ହେଲେ ପେଟରେ ପାଣିଜମିଯାଏ।

ରୋଗର ଲକ୍ଷଣ : ଦୁଇ ସପ୍ତାହରୁ ଅଧିକ ଦିନ ପର୍ଯ୍ୟନ୍ତ କାଶ ଲାଗି ରହିଲେ, କାଶରେ କଫ ପଡ଼ିଲେ, ବେଳେବେଳେ କଫରେ ରକ୍ତ ଆସିଲେ, ଭୋକ ଲାଗିବା କମ୍ ହୋଇଗଲେ, ଲଗାତାର ଓଜନ କମ୍ ହେଲେ, ସନ୍ଧ୍ୟା ବା ରାତିରେ ଜ୍ୱର ଆସିଲେ, ଥଣ୍ଡାରେ ମଧ୍ୟ ଝାଳ ବାହାରିଲେ, ନିଶ୍ୱାସ ନେବା ବେଳେ ଛାତିରେ ଯନ୍ତ୍ରଣା ହେଲେ ଏହାକୁ ଯକ୍ଷ୍ମାର ଲକ୍ଷଣ ବୋଲି ସନ୍ଦେହ କରିପାରନ୍ତି। କିନ୍ତୁ ବେଳେ ବେଳେ ଉପରୋକ୍ତ କୌଣସି ଲକ୍ଷଣ ନଥାଇ ମଧ୍ୟ ଯକ୍ଷ୍ମା ସଂକ୍ରମଣ ହୋଇପାରେ। ଯକ୍ଷ୍ମାର ଅନେକ ଲକ୍ଷଣ କ୍ୟାନସର ଏବଂ ବ୍ରୋଙ୍କାଇଟିସ୍‌ର ଲକ୍ଷଣ ସହ ମେଳ ଖାଏ। ତେବେ ବ୍ରୋଙ୍କାଇଟିସ୍‌ରେ ନିଶ୍ୱାସ ନେବାକୁ କଷ୍ଟ ହୁଏ ଏବଂ ନିଶ୍ୱାସ ନେଲା ବେଳେ ସିଟି ବଜାଇବା ପରି ଶବ୍ଦ ହୁଏ। ଫୁସ୍‌ଫୁସ୍ କ୍ୟାନସର ହୋଇଥିଲେ ପାଟିରୁ ରକ୍ତ ବାହାରେ। ଓଜନ ମଧ୍ୟ କମି ଯାଏ। କିନ୍ତୁ ସାଧାରଣତଃ ଜ୍ୱର ହୁଏ ନାହିଁ। ଟିବି ହେଲେ ନିଶ୍ୱାସ ନେବାକୁ କଷ୍ଟହୁଏନି କିନ୍ତୁ ଜ୍ୱର ହୁଏ।

କାହାପାଇଁ ବିପଦ ଅଧିକ : ଯେଉଁମାନେ ଠିକ୍‌ରେ ଖାଇବା ପିଇବା କରନ୍ତି ନାହିଁ ସେମାନଙ୍କ ପ୍ରତି ଯକ୍ଷ୍ମାର ଆଶଙ୍କା ଅଧିକ। କାରଣ ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ହେଲେ ଜୀବାଣୁକୁ ପ୍ରତିରୋଧ କରିବା କଷ୍ଟକର ହୋଇଯାଏ। ଯେତେବେଳେ କମ୍ ସ୍ଥାନରେ ଅଧିକ ଲୋକ ରୁହନ୍ତି ସେତେବେଳେ ଯେକୌଣସି ସଂକ୍ରମଣ ଅଧିକ ବଢ଼େ। ଅନ୍ଧାରିଆ, ସନ୍ତସନ୍ତିଆ ଏବଂ ଶିଉଳି ଥିବା ସ୍ଥାନରେ ଯକ୍ଷ୍ମା ସଂକ୍ରମଣ ଅଧିକ ହୁଏ। କାରଣ ଏହା ଯକ୍ଷ୍ମା ଜୀବାଣୁ ବୃଦ୍ଧି ପାଇଁ ଉତ୍କୃଷ୍ଟ ପରିବେଶ। ଏହା ଯେ କୌଣସି ବ୍ୟକ୍ତିଙ୍କୁ ମଧ୍ୟ ହୋଇପାରେ। କାରଣ ଏହା ଏକ ବାୟୁବାହିତ ରୋଗ। ଏହା ବ୍ୟତୀତ ଧୂମପାନ କରୁଥିବା ବ୍ୟକ୍ତିମାନଙ୍କୁ ଯକ୍ଷ୍ମାର ଆଶଙ୍କା ସବୁଠାରୁ ଅଧିକ। ମଧୁମେହ ରୋଗୀ, ଷ୍ଟେରଏଡ୍ ନେଉଥିବା ବ୍ୟକ୍ତି ଏବଂ ଏଚ୍‌ଆଇଭି ରୋଗୀଙ୍କ ପ୍ରତି ଯକ୍ଷ୍ମାର ଅଧିକ ବିପଦ ରହିଛି। ମୋଟାମୋଟି କହିବାକୁ ଗଲେ ଯେଉଁମାନଙ୍କର ରୋଗ ପ୍ରତିରୋଧକ ଶକ୍ତି କମ୍ ସେମାନଙ୍କୁ ଯକ୍ଷ୍ମା ହେବାର ଆଶଙ୍କା ଅଧିକ।

ରୋଗ ଚିହ୍ନଟ : ଶରୀରର ଯେଉଁ ଅଂଶରେ ଯକ୍ଷ୍ମା ଅଛି ତାହା ଅନୁଯାୟୀ ପରୀକ୍ଷା କରାଯାଏ। ଫୁସ୍‌ଫୁସ୍ ଯକ୍ଷ୍ମା ପାଇଁ କଫ ପରୀକ୍ଷା କରାଯାଏ। ଏଥିପାଇଁ ପ୍ରାୟ ୨୦୦ଟଙ୍କା ଖର୍ଚ୍ଚ ହୁଏ। ସରକାରୀ ଡାକ୍ତରଖାନା ଏବଂ ଡଟ୍‌ସ ସେଣ୍ଟରରେ ଏହି ପରୀକ୍ଷା ମାଗଣାରେ କରାଯାଏ। କଫ ପରୀକ୍ଷାରୁ ଯକ୍ଷ୍ମା ଧରାନପଡ଼ିଲେ ଏଏଫ୍‌ବି କଲଚର କରିବାକୁ ହୁଏ।

ଚିକିତ୍ସା : ଯକ୍ଷ୍ମାର ସଂପୂର୍ଣ୍ଣ ଚିକିତ୍ସା ସମ୍ଭବ। ସରକାରୀ ଡାକ୍ତରଖାନା ଓ ଡଟ୍‌ସ ସେଣ୍ଟରରେ ମାଗଣା ଚିକିତ୍ସା କରାଯାଏ। ତେବେ ସବୁଠୁ ବଡ଼ କଥା ହେଉଛି ସଂପୂର୍ଣ୍ଣ ଆରୋଗ୍ୟ ହେବା ପର୍ଯ୍ୟନ୍ତ ଚିକିତ୍ସା ଜାରି ରଖିବା ଦରକାର। ମଝିରେ ଔଷଧ ଖାଇବା ବନ୍ଦ କରିଦେଲେ ରୋଗ ଜୀବାଣୁଗୁଡ଼ିକର ଔଷଧ ବିରୋଧରେ ପ୍ରତିରୋଧକ କ୍ଷମତା ବିକଶିତ ହୋଇଯାଏ। ଏହାଦ୍ୱାରା ଚିକିତ୍ସା କଷ୍ଟକର ହୁଏ, ସାଧାରଣ ଔଷଧ ପ୍ରଭାବଶାଳୀ ହୁଏ ନାହିଁ। ଏହି ସ୍ଥିତିକୁ ମଲ୍‌ଟି ଡ୍ରଗ୍ ରେଜିଷ୍ଟାଣ୍ଟ ଏବଂ ଏକ୍ସଟେନ୍‌ସିବୁଲ ଡ୍ରଗ ରେଜିଷ୍ଟାଣ୍ଟ କୁହାଯାଏ। ସାଧାରଣତଃ ପ୍ରତି ୧୦୦ଟି ଘଟଣାରେ ଦୁଇଟି ମାମଲା ଏମ୍‌ଡିଆର୍ ଏବଂ ଏମ୍‌ଡିଆର ମାମଲାରେ ୭ ପ୍ରତିଶତ ଏକ୍ସଡିଆର ସ୍ଥିତି ଥାଏ। ଏହା ଖୁବ୍ ବିପଜ୍ଜନକ ସ୍ଥିତି। ଏହି ରୋଗର ଚିକିତ୍ସା ଅଧିକ ମହଙ୍ଗା ନୁହେଁ। କିନ୍ତୁ ଏକ୍ସଡିଆର ଏବଂ ଏମ୍‌ଡିଆର ମାମଲାରେ ଚିକିତ୍ସା ମହଙ୍ଗା ହୋଇଯାଏ। ଦୀର୍ଘ ସମୟ ଅର୍ଥାତ୍ ୬ମାରୁ ୨ ବର୍ଷ ପର୍ଯ୍ୟନ୍ତ ଔଷଧ ଖାଇବାକୁ ପଡ଼େ। ସାଧାରଣ ଏବଂ ଗର୍ଭାଶୟ ଯକ୍ଷ୍ମାର ଚିକିତ୍ସା ୬ମାସ ପର୍ଯ୍ୟନ୍ତ, ଅସ୍ଥି ଏବଂ ବୃକକ୍ ଯକ୍ଷ୍ମା ପାଇଁ ୯ ମାସ ଏବଂ ଏମ୍‌ଡିଆର୍/ ଏକ୍ସଡିଆର ଚିକିତ୍ସା ପାଇଁ ଦୁଇବର୍ଷ ପର୍ଯ୍ୟନ୍ତ ଔଷଧ ଖାଇବାକୁ ହୁଏ। ଔଷଧ ଆରମ୍ଭ କରିବାର ଦୁଇ ସପ୍ତାହରୁ ଦୁଇମାସ ପର୍ଯ୍ୟନ୍ତ ଯକ୍ଷ୍ମା ରୋଗୀ ଦ୍ୱାରା ଅନ୍ୟକୁ ଯକ୍ଷ୍ମା ହେବାର ଆଶଙ୍କା ରହିଛି। କାରଣ ଔଷଧ ଖାଇଲେ ମଧ୍ୟ ସେ ସମୟ ମଧ୍ୟରେ ବ୍ୟାକ୍ଟେରିଆ ସକ୍ରିୟ ଥାଏ। ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ଥିଲେ ଏହି ଜୀବାଣୁ ଅଧିକ ସକ୍ରିୟ ହୋଇଯାଏ। ଅନେକ ସମୟରେ ଯକ୍ଷ୍ମାର ଜୀବାଣୁ ଶରୀରରେ ଥିଲେ ମଧ୍ୟ ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ ଥିଲେ ଏହା ସଂକ୍ରମିତ ହୋଇପାରେ ନାହିଁ। ରୋଗୀ ଭିଡ଼ ସ୍ଥାନରୁ, ଅନ୍ଧାର ଏବଂ ସନ୍ତସନ୍ତିଆ ସ୍ଥାନକୁ ନଯିବା ଉଚିତ। ଏହି ରୋଗୀକୁ ଅନ୍ୟମାନଙ୍କ ଠାରୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। ରୋଗୀକୁ ମାକ୍ସ ପିନ୍ଧାଇ ରଖନ୍ତୁ। ରୋଗୀକୁ ପବନ ଚଳାଚଳ କରୁଥିବା ଏବଂ ଭଲ ଆଲୋକ ପଡୁଥିବା କୋଠରୀରେ ରଖନ୍ତୁ। କିନ୍ତୁ ରୋଗୀ ଥିବା କୋଠରୀରେ ଏସି ଲଗାନ୍ତୁ ନାହିଁ। କାରଣ ଏସି ମଧ୍ୟରେ ଜୀବାଣୁ ରହି ଅନ୍ୟଙ୍କୁ ସଂକ୍ରମିତ କରିବେ।

ମହିଳାଙ୍କୁ ଯକ୍ଷ୍ମା : ମହିଳାଙ୍କ ଗର୍ଭାଶୟ ଯକ୍ଷ୍ମା ଆକ୍ରାନ୍ତ ହେଲେ ପ୍ରଜନନ କ୍ଷମତା ପ୍ରଭାବିତ ହୁଏ। ତେବେ ପ୍ରାଥମିକ ଅବସ୍ଥାରୁ ଉପଯୁକ୍ତ ଚିକିତ୍ସା ଦ୍ୱାରା ଏଥିରୁ ଆରୋଗ୍ୟ ସମ୍ଭବ। ଗର୍ଭବତୀ ମହିଳା ଯକ୍ଷ୍ମା ସଂକ୍ରମିତ ହୋଇଥିଲେ ସାଧାରଣତଃ ଏହି ରୋଗ ଶିଶୁ ପାଖକୁ ଯାଏ ନାହିଁ। ତେବେ ଏଭଳି କ୍ଷେତ୍ରରେ ଶିଶୁ ଜନ୍ମ ହେବା ପରେ ତୁରନ୍ତ ଯକ୍ଷ୍ମା ପ୍ରତିଷେଧକ ଔଷଧ ଦିଆଯାଏ।

ରୋଗୀ କ'ଣ କରିବେ / କ'ଣ ନକରିବେ : ତିନି ସପ୍ତାହରୁ ଅଧିକ ଦିନ କାଶ ଲାଗି ରହିଲେ ଡାକ୍ତରଙ୍କୁ ଦେଖାନ୍ତୁ। ଔଷଧର ସଂପୂର୍ଣ୍ଣ କୋର୍ସ ନିୟମିତ ଭାବରେ ଖାଇ ପୂରଣ କରନ୍ତୁ। କାଶିବା ସମୟରେ ମୁହଁ ଓ ନାକ ନାପ୍‌କିନ୍‌ରେ ଘୋଡାଇ ରଖନ୍ତୁ। ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ବିଡ଼ି, ସିଗାରେଟ୍, ତମାଖୁ ଓ ମଦ ଆଦିରୁ ଦୂରେଇ ରୁହନ୍ତୁ। ତେବେ ଖୋଲା ସ୍ଥାନରେ ଛେପ ପକାନ୍ତୁ ନାହିଁ। କେବଳ ଏକ୍ସରେ ଉପରେ ଭରସା କରନ୍ତୁ ନାହିଁ କିମ୍ବା ଡାକ୍ତରଙ୍କୁ ନପଚାରି ଔଷଧ ବନ୍ଦ କରନ୍ତୁ ନାହିଁ। ଡଟ୍‌ସ ଅର୍ଥାତ ଡାଇରେକ୍ଟ୍ଲି ଆବ୍‌ଜର୍ଭଡ଼୍ ଟ୍ରିଟ୍‌ମେଣ୍ଟ ସର୍ଟ କୋର୍ସ ଯକ୍ଷ୍ମା ଚିକିତ୍ସା ଅଭିଯାନ। ଏଥିରେ ଯକ୍ଷ୍ମା ରୋଗର ମାଗଣା ପରୀକ୍ଷା ଠାରୁ ଆରମ୍ଭ କରି ମାଗଣା ଚିକିତ୍ସା ଅନ୍ତର୍ଭୁକ୍ତ। ଏହି ଅଭିଯାନରେ ସ୍ୱାସ୍ଥ୍ୟକର୍ମୀ ରୋଗଙ୍କୁ ନିଜ ଆଗରେ ଔଷଧ ଖୁଆନ୍ତି। ଯଦ୍ଦ୍ୱାରା ରୋଗୀ ଔଷଧ ଖାଇବାକୁ ଭୁଲିନଯିବ। ସ୍ୱାସ୍ଥ୍ୟକର୍ମୀ ରୋଗୀ ଓ ପରିବାରର କାଉନ୍‌ସେଲିଂ କରନ୍ତି। ଏଥିସହ ଚିକିତ୍ସା ସଂପୂର୍ଣ୍ଣ ପରେ ମଧ୍ୟ ରୋଗୀ ଉପରେ ନଜର ରଖନ୍ତି। ଏହାଦ୍ୱାରା ୯୫ ପ୍ରତିଶତ ରୋଗୀ ସଂପୂର୍ଣ୍ଣ ଆରୋଗ୍ୟ ହୋଇପାରନ୍ତି। ତେବେ କୌଣସି ବ୍ୟକ୍ତି ନିଜ ଅସାବଧାନତା ଯୋଗୁଁ ଯକ୍ଷ୍ମା ରୋଗ ବଢ଼ାଇଲେ ଏଥିପାଇଁ ଆଇନ୍‌ରେ ଦଣ୍ଡ ବ୍ୟବସ୍ଥା ରହିଛି। ନିଜର ଠିକ୍ ଚିକିତ୍ସା ନ କରିବା ଏବଂ ଏହାକୁ ଅନ୍ୟମାନଙ୍କ ମଧ୍ୟରେ ସଂକ୍ରମଣ କରାଇବା ଅଭିଯୋଗରେ ୬ମାସ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ। ଏକ୍ସଡିଆର ଯକ୍ଷ୍ମା ସଂକ୍ରମଣ କରାଇବା ଦ୍ୱାରା ବର୍ଷେ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ। ଆଜି ବି ଲୋକମାନଙ୍କର ଧାରଣା ରହିଛି ଯକ୍ଷ୍ମା ଗରିବ ଲୋକମାନଙ୍କୁ ହିଁ ହୁଏ ଏବଂ ଏହାର ଚିକିତ୍ସା ସମ୍ଭବ ନୁହେଁ। ଯେଉଁ ଲୋକମାନେ ଆରୋଗ୍ୟ ହୁଅନ୍ତି ନାହିଁ ସେମାନଙ୍କ ମନରେ ଏହି ଧାରଣା ରହିଯାଏ। କିନ୍ତୁ ପ୍ରକୃତ କଥା ହେଉଛି ଯେଉଁମାନେ ଆରୋଗ୍ୟ ହୁଅନ୍ତି ନାହିଁ ସେମାନେ ମଝିରୁ ଔଷଧ ବନ୍ଦ କରିଥାଆନ୍ତି। ସୁପରଷ୍ଟାର ଅମିତାଭ ବଚ୍ଚନଙ୍କୁ ଯକ୍ଷ୍ମା ହେବା ସୂଚାଉଛି ଯେ କେବଳ ଗରିବ ନୁହେଁ ଯେ କୌଣସି ବ୍ୟକ୍ତିକୁ ଏହି ରୋଗ ଆକ୍ରମଣ କରିପାରେ। ତେବେ ଗରିବ ଲୋକଙ୍କର ଖାଇବା ପିଇବା ଠିକ୍ ନଥିବାରୁ ସେମାନଙ୍କର ପ୍ରତିରୋଧକ ଶକ୍ତି କମ୍ ଥାଏ ଏବଂ ଏହି ଜୀବାଣୁ ଶୀଘ୍ର ଆକ୍ରମଣ କରିନିଏ। ଅନେକ ବିଶ୍ୱାସ କରନ୍ତି ଗର୍ଭବତୀ ମହିଳା ଯକ୍ଷ୍ମା ଔଷଧ ଖାଇବା ଉଚିତ ନୁହେଁ। କିନ୍ତୁ ପ୍ରକୃତ କଥା ହେଉଛି ଏହି ଔଷଧ ଦ୍ୱାରା ଗର୍ଭସ୍ଥ ଶିଶୁ ଉପରେ କୌଣସି ଖରାପ ପ୍ରଭାବ ପଡ଼େନାହିଁ। ଆଉ କେତେକ ଲୋକ ମନେ କରନ୍ତି ସରକାରୀ କେନ୍ଦ୍ରର ଔଷଧ କାମ କରେନାହିଁ। ପ୍ରକୃତ କଥା ହେଉଛି ଯକ୍ଷ୍ମା ପ୍ରଥମ ସ୍ତରରେ ଥିଲେ ୯୫ ପ୍ରତିଶତ କ୍ଷେତ୍ରରେ ଶୀଘ୍ର ଆରୋଗ୍ୟ ସମ୍ଭବ ହୁଏ। କିନ୍ତୁ ଔଷଧ ଠିକ୍ ଭାବରେ ନଖାଇଲେ ଯକ୍ଷ୍ମା ଦ୍ୱିତୀୟ ସ୍ତରକୁ ଚାଲିଯାଏ ଏବଂ ଆରୋଗ୍ୟର ସମ୍ଭାବନା ୬୦ ପ୍ରତିଶତକୁ ଖସିଆସେ।

ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ,

# ବର ଓ କନ୍ୟାଙ୍କର ଘର ଏକ ସରଳ ରେଖାର ଦୁଇ ମୁଣ୍ଡ

॥ ଅଜୟ କୁମାର ବେହେରା ॥

ସରଳ ରେଖା ଓ ବକ୍ରରେଖା ଅତିକମରେ ରେଖାର ଦୁଇଧାରା, ଦିଗଦୃଷ୍ଟେ ଚାରି ଦିଗ ପାଇଁ ଚାରି ରେଖା। କୋଣ ଦୃଷ୍ଟେ ଚାରି ରେଖା ଏମିତି ଆଠ ରେଖା। ପ୍ରତ୍ୟେକଙ୍କ ଜନ୍ମ ସ୍ଥାନର ଅକ୍ଷାଂଶ ଓ ଦ୍ରାଘିମା ସମ୍ବନ୍ଧ ରହିଛି। ରେଖା ସରଳ ହେଲେ ବି ରାସ୍ତା ଉଭୟଙ୍କୁ ଉଭୟ ସ୍ଥାନରେ ପହଞ୍ଚିବାକୁ ବକ୍ର ପଥ ନିଶ୍ଚୟ ଥିବ। ଯେଉଁମାନେ ବରକନ୍ୟାଙ୍କର ବାସସ୍ଥାନର ଅକ୍ଷାଂଶ ଦ୍ରାଘିମା ଓ ତତବିଧି ଷ୍ଟାଣ୍ଡର୍ଡ ସମୟ ବା ସ୍ଥାନୀୟ ନେଇ କିଛି ସମୟ ଧାର୍ଯ୍ୟ ରଖି କୁଣ୍ଡଳୀ କରି କେବଳ ଚନ୍ଦ୍ର ଓ ନକ୍ଷତ୍ରରୁ ମେଳକ ଧାର୍ଯ୍ୟ କରି ଅଧିକ ଅଙ୍କର ମେଳକ ନେଉଛନ୍ତି ତାଙ୍କୁ ଅନେକ ବାକି କଥା ଛାଡ଼ି ଦେଉଛନ୍ତି।

କନ୍ୟାର ଜନ୍ମଦିନରେ ଚନ୍ଦ୍ରସ୍ଥିତ ରାଶି ଓ ୧ମ ରଜୋଦର୍ଶନ ଦିନର ତିଥି ବାର ନକ୍ଷତ୍ର ଯୋଗକରଣ ଲଗ୍ନଦି ବିବାହ ସୁଖ ପାଇଁ ବିଚାରକୁ ନେବା ଦରକାର ତାହା କରାଯାଉନାହିଁ। ବିଷ ପୁରୁଷ ଓ ବିଷ କନ୍ୟା ଦୁଇଟି ଗ୍ରହ ନକ୍ଷତ୍ର ସମ୍ବନ୍ଧରୁ ଧରାଯାଏ। ବିଷ ହିଁ ସାଂସାରିକ ଜୀବନରେ ଜ୍ୱଳା ଦିଏ। ଜ୍ୟୋତିଷମାନେ କେବଳ ଜାତକ ଜନ୍ମଦିନର ବିବରଣୀରୁ କରି ଦେଇ ପାଉଣା ନେଇଯାଆନ୍ତି ସିନା ଜଟିଳ ଜନ୍ମ ସମୟର କୌଣସି ବ୍ୟବସ୍ଥା କରନ୍ତି ନାହିଁ। ଯାହା ବିଷ ଦ୍ରୁମ ରୂପନେଇ ସାଂସାରିକ ଜୀବନ ଉଚ୍ଛନ୍ନ ପରେ କରାଏ। ବିବାହ ଦିନର ମାସ ସମ୍ବନ୍ଧ ନକ୍ଷତ୍ର ସମ୍ବନ୍ଧ ଯୋଗ ସମ୍ବନ୍ଧ କରଣ ସମ୍ବନ୍ଧ ପଞ୍ଚଶାଳକ ବିଦ୍ଧି ବି ଦେଖାଯାଇ ପାଞ୍ଜିରେ ବିବାହ ତିଥି କେବଳ ଲେଖାଯାଇଛି ଏଥର ଲଗ୍ନାଦି ୧୨ଶ ଭାବର ତତକାଳ ଜଟିଳତାକୁ କୌଣସି ଜ୍ୟୋତିଷୀ ତର୍ଜନା କରନ୍ତି ନାହିଁ ପୁରୋହିତମାନେ ଜ୍ୟୋତିଷ ଶାସ୍ତ୍ରରେ ଅଭିଜ୍ଞ ଏତେ ନୁହଁନ୍ତି ସେମାନେ ଅମୃତ, ମାହେନ୍ଦ୍ର ସମୟରେ ହିଁ ବିବାହ ଶେଷ ହାତଗଣ୍ଠି କରି ଦେଇ କାମ ଫତେ କରିଥାନ୍ତି। ପ୍ରକୃତରେ କେଉଁ ଲଗ୍ନରେ ବିବାହ କରାଯିବ ସେ ଦିନ ବିଚାରକୁ ନେବାକୁ ପଡ଼େ। ଯେଉଁ ସରଳ ରେଖାରେ ଦୁଇ ଜଣଙ୍କର ବାସ ସ୍ଥାନ ରହିଛି ବରାନୁଗମନରେ ମଙ୍ଗଳ କର୍ମ ପାଇଁ ବର ବାହାରେ ତାର ଯାତ୍ରା କଲ୍ୟାଣ ମଣ୍ଡପ ନୁହଁ କନ୍ୟା ଘର ଦିଗରେ ତିଥି ଯୋଗ୍ନୀ ବାଧା ଦେବ କି ? ଏହା ବିଚାର କରାଯାଉନାହିଁ ସେହିପରି କନ୍ୟା ବରଘରେ ପ୍ରବେଶ ବେଳକୁ ଯୋଗିନୀ ସ୍ଥିତି ସପକ୍ଷ କି ବିପକ୍ଷ ଦେଖାଯାଉନାହିଁ। ସ୍ୱାମୀ ସ୍ତ୍ରୀଙ୍କର ପ୍ରଥମ ମିଳନ ସମୟ ଉଭୟଙ୍କର ଘାତଲଗ୍ନ ୮ମ ଲଗ୍ନ ମାସଶୂନ୍ୟ ଲଗ୍ନ ତିଥି ଶୂନ୍ୟ ଲଗ୍ନ ଆଦି ବିଚାର କରାଯାଉନାହିଁ। ଏସବୁ ପ୍ରଚ୍ଛନ୍ନ ମଧ୍ୟରେ ବିଚାରକୁ ଅଣାଯିବା ସହିତ ପ୍ରତି ବିବାହ ଏବେ ପୋଲିଶ ଥାନାର ଅନୁମତି ଦରକାର ଯାହା ଜାତକ ଜାତିକାଙ୍କର ଜାତକର ମଙ୍ଗଳ ସ୍ଥିତି ଓ ତତକାଳ ଗୋଚର ମଙ୍ଗଳର ସ୍ଥିତିର ଶୁଭ ଅଛି କି ଅଶୁଭ ଅଛି ବୁଝାଯାଏନାହିଁ।

ଉଗ୍ର ଗ୍ରହମାନେ ୭ମରେ ରହିଲେ କ୍ଷତିକରେ ହେଲେ ଦିବା ବିବାହରେ ଅଭିଜିତ ମୁହୂର୍ତ୍ତ (ବୁଧବାର ବାଦ) ବ୍ରହ୍ମ ମୁହୂର୍ତ୍ତ, ଗୋଧୂଳୀ ସମୟ ପରି ମୁହୂର୍ତ୍ତରେ ଲଗ୍ନ ନମିଳିଲେ ବିବାହ ପ୍ରତିକାର ସହ କରାଯାଏ। କାମାତୁର ଯୋଡ଼ି ୧ମ ମିଳନରେ କାଳବେଶ କାଳରାତ୍ରୀ ବୋଧ କରିନଥାନ୍ତି। ପରେ କଳାମୟ ଯୌବନ ଭୋଗ ହୋଇପାରେ। ପ୍ରତି ଯୁବକ ବା ଯୁବତୀ ବିବାହ ପୂର୍ବରୁ ଗୁରୁଦୀକ୍ଷା ବା ଉପନୟନ ସଂସ୍କାର ହୋଇ ବିବାହ ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟ ଜୀବନ ରକ୍ଷା କରିବା ବିଧି ମାତ୍ର ବର୍ତ୍ତମାନ ବେପରୁଆ ଜୀବନ ଦାମ୍ପତ୍ୟ ଜୀବନ ଦୁର୍ବିସହ କରାଉଛି। ଅଗ୍ନୀ ସାକ୍ଷୀ ବିପ୍ରବାକ୍ୟ ପ୍ରିୟଜନ ମେଳରେ ବିବାହ ମୁହୂର୍ତ୍ତ ଥାଏ। ଏହାର ଶପଥ ବରକନ୍ୟା ଭୁଲିଯାଇ ପରସ୍ପର ଆରୋପରେ ଆସୁଛନ୍ତି। ଏହା ଧର୍ମଜ୍ଞାନ ହରାସ୍ଥିତି। ପୂର୍ବେ ଡାକଘରେ ଡାକ ପିଅନ ବେରିଂ ଚିଠି ନେଇ ଆସୁଥିଲେ। ପୋଷ୍ଟକାର୍ଡ଼ ଅର୍ନ୍ତଦେଶୀୟ ଚିଠି, ବରାମ ଚିଠି ନେଇ ଆସୁଥିଲେ। କୌଣସି ଅଘଟଣ ଝିଅଟିକୁ ଶାଶୁଘରେ ହେଲେ ଚିଠି ଟିଏ ପକାଇଲେ କିଛି ଦିନ ପରେ ମାଆ ବାପାଙ୍କୁ ମିଳୁଥିଲା। ବର୍ତ୍ତମାନ ଯୋଗାଯୋଗ ବିଦ୍ୟା ଏତେ ସମୃଦ୍ଧ ଯହିଁରେ କୌଣସି ଶାଶୁଘରରେ ବୋହୁ ଉପରେ କିଛି ଚାପ କଳିତର୍କ ହେଲେ ସାଥି ସାଥି ଟେଲିକାଷ୍ଟ ହୋଇ ଦୁଇ ପରିବାର ମଧ୍ୟରେ ଆଇନ ଆଶ୍ରା ହେଉଛି। ଯହିଁରେ ଉଭୟ ମିଥ୍ୟାରୋପ ଲଗାଉଛନ୍ତି। ଦମ୍ପତି କଳହ କିଛି ସମୟ ବ୍ୟବଧାନରେ ମିଟେ ହେଲେ ସମୟ କେହି କାହାକୁ ଦେଉନାହାଁନ୍ତି। ପୁରୁଷଙ୍କ ଧନ ଅର୍ଜନ ଓ ନାରୀର ବୟସ ଲୁଚାଯାଏ। ଏବେ ଅନେକ କ୍ୱାକ ଜ୍ୟୋତିଷ କମ୍ପ୍ୟୁଟରରେ କନ୍ୟାର ବୟସ ରାଶି ଆଦି ବଦଳାଯାଇ ମେଳକ ଯୋଗ୍ୟ କରୁଛନ୍ତି ଏହା ବି ଏକ ସମସ୍ୟା। ପୂର୍ବେ ବନ୍ଧୁବାନ୍ଧବ ପରିଜନ ସ୍ଥାନରେ କନ୍ୟାର ବିବାହ ଦିଆଯାଉଥିଲା ଏବେ ପରିଚିତରେ କଲେ ବରପକ୍ଷଙ୍କୁ କାଳେ ଯୌତୁକ ଧନ ନମିଳିବ ଏ ପାଇଁ ଅପରିଚିତ ସ୍ଥାନରେ ବିବାହ ସମ୍ବନ୍ଧ କରାଯାଉଛି ଏହାପରେ ମନ ମାଳିନ୍ୟର କାରଣ ହେଉଛି। ପାଠପଢ଼ିଲେ ବୁଦ୍ଧିଜ୍ଞାନ ବଢ଼େ ମାତ୍ର ପର ହେଉ ବା କନ୍ୟା ପାଠପଢ଼ି ଭୁଲ ପଥରେ ଯାଇ ସ୍ୱ ଜୀବନ ଯୌବନ ଉପଭୋଗ ସମୟ ନଷ୍ଟ କରୁଛନ୍ତି। ସବୁ ପ୍ରକାର ଜ୍ଞାନରେ ବିବାହ ସମ୍ବନ୍ଧ ଭଲ କରି ବିଚାର କରି ବରପକ୍ଷ କନ୍ୟାପକ୍ଷ ଆଗେଇଲେ ସର୍ବମଙ୍ଗଳ ହୋଇପାରେ। କର୍ମକାଣ୍ଡରେ ସବୁ ପ୍ରକାର ପ୍ରତିକାର ପ୍ରାୟଶ୍ଚିତ ଅଛି ଭଲ କର୍ମକାଣ୍ଡ ବ୍ରାହ୍ମଣର ପରାମର୍ଶ ନିର୍ଦ୍ଦିଷ୍ଟ ସମୟ ପାଇଁ ନେଇ ଶାନ୍ତ କରିପାରିବେ।

'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# କାଗଜ କଲମରେ ନାଟକର ବିକାଶ

॥ ଅଭୟ କୁମାର ଦାସ ॥

ଆନ୍ତର୍ଜାତୀୟ ରଙ୍ଗମଞ୍ଚ ସଂସ୍ଥା ଆନୁକୂଲ୍ୟରେ ୧୯୬୧ରୁ ପ୍ରତିବର୍ଷ ମାର୍ଚ୍ଚ ୨୭ରେ ପାଳନ କରାଯାଉଛି ବିଶ୍ୱ ନାଟ୍ୟ ଦିବସ। ପ୍ରଥମ ନାଟ୍ୟ ଦିବସ ହେଲ୍‌ସିଙ୍କିରେ ଏବଂ ପରବର୍ତ୍ତୀ ଦିବସ ଭିଏନାରେ ଅନୁଷ୍ଠିତ ହେବା ପରେ ଏହି ଦିବସ ପାଳନର ଲୋକପ୍ରିୟତା ବଢ଼ିଥିଲା। ସଂପ୍ରତି ବିଶ୍ୱର ବିଭିନ୍ନ ଅଞ୍ଚଳରେ ଥିବା ଅନ୍ତର୍ଜାତୀୟ ରଙ୍ଗମଙ୍ଗ ସଂସ୍ଥାର ଶାଖା କେନ୍ଦ୍ରଗୁଡ଼ିକରେ ଏହି ଦିବସ ପାଳନ କରାଯାଉଛି। ଏହି ଅବସରରେ ସ୍ୱାଭାବିକ ଭାବେ ଅନ୍ତର୍ଜାତୀୟ ସାଂସ୍କୃତିକ ଶାନ୍ତି ସଂହତି ପାଇଁ ମଞ୍ଚ ନାଟକ ପରିବେଷିତ ହେଉଛି। ରଙ୍ଗମଞ୍ଚ ବା ମଞ୍ଚନାଟକର ଇତିହାସ ୨୫୦୦ ବର୍ଷ ପ୍ରାଚୀନ। ପାଶ୍ଚାତ୍ୟ ମଞ୍ଚନାଟକର ସୃଷ୍ଟି ଗ୍ରୀସରେ ହୋଇଥିଲା। ରୋମାନ୍‌ମାନେ ପ୍ରାଚୀନ ମଞ୍ଚନାଟକକୁ ନବ ରୂପ ଦେଇଥିଲେ।

କଥାରେ ଅଛି, ଜୀବନ ଏକ ରଙ୍ଗମଞ୍ଚ। ଏହି ରଙ୍ଗମଞ୍ଚରେ ଆମେ ସମସ୍ତେ ଜଣେ ଜଣେ କଳାକାର। ଥିଏଟର (ରଙ୍ଗମଞ୍ଚ) ଏଭଳି ଏକ ସ୍ଥାନ, ଯେଉଁଠାରୁ ବ୍ୟକ୍ତି ଅନେକ ଘଟଣାକୁ ନିଜ କଳା ମାଧ୍ୟମରେ ଦୁନିଆ ସାମ୍ନାକୁ ଆଣିବାରେ ସକ୍ଷମ ହୋଇଥାଏ। ରଙ୍ଗମଞ୍ଚ ଏଭଳି ଏକ ଶକ୍ତି, ଯେଉଁଠାରୁ କଳାର ଗାରିମା ପ୍ରସ୍ଫୁଟିତ ହୋଇଥାଏ। ଯେଉଁଠାରେ କଳାକାର ନିଜ ଅଭିନୟ ମାଧ୍ୟମରେ ଏକ ଅଭୁଲା ଛାପ ଛାଡ଼ିଥାଏ। ୧୯୧୩ରେ ଦାଦା ସାହେବ ଫାଲ୍‌କେଙ୍କ ଦ୍ୱାରା ନିର୍ମିତ ଫିଲ୍ମ ରାଜା ହରିଶ୍ଚନ୍ଦ୍ରରେ ମଣିଷ ଭିତରେ ଲୁଚିଥିବା ପ୍ରକୃତ କଳାର ଚିହ୍ନଟ କରାଯାଇଥିଲା। ଏହା ଏକ ସାଇଲେଣ୍ଟ ଫିଲ୍ମ ଥିଲା। କିନ୍ତୁ ଆଜି ବି ତାହା ପ୍ରତ୍ୟେକ ମଣିଷ ମନରେ ଏକ ସ୍ୱତନ୍ତ୍ର ଛବି ପାଲଟି ରହିଛି। ଏଭଳି କଳା ଓ କଳାକାରଙ୍କୁ ବାଛିବାରେ ସକ୍ଷମ କରିଥାଏ ରଙ୍ଗମଙ୍ଗ। ଏଣୁ ଏହି ରଙ୍ଗମଞ୍ଚ ପ୍ରତି ଏବେ ଦୂରେଇ ଯାଉଥିବା ମଣିଷକୁ ନିକଟତର କରିବାକୁ ପାଳନ ହୁଏ ବିଶ୍ୱ ରଙ୍ଗମଞ୍ଚ ଦିବସ। ୧୯୬୧ରେ ନ୍ୟାସନାଲ ଥିଏଟର ଇନ୍‌ଷ୍ଟିଚ୍ୟୁଟ ଦ୍ୱାରା ଅନ୍ତରାଷ୍ଟ୍ରୀୟ ରଙ୍ଗମଞ୍ଚ ଦିବସର ସ୍ଥାପନା କରାଯାଇଥିଲା। ସେବେ ଠାରୁ ପ୍ରତିବର୍ଷ ମାର୍ଚ୍ଚ ୨୭ରେ ବିଶ୍ୱ ସ୍ତରରେ ପାଳନ କରାଯାଏ ଏହି ଦିବସକୁ। ଏହି ଦିବସର ଏକ ମହତ୍ତ୍ୱପୂର୍ଣ୍ଣ ଆୟୋଜନ ସମୟରେ ପ୍ରତିବର୍ଷ ବିଶ୍ୱର ଯେକୌଣସି ଜଣାଶୁଣା ରଙ୍ଗମଞ୍ଚ କର୍ମୀ ଶାନ୍ତି ଓ ସଂସ୍କୃତି ବିଷୟ ଉପରେ ନିଜର ବିଚାର ବ୍ୟକ୍ତ କରିଥାନ୍ତି। ୧୯୬୨ରେ ପ୍ରଥମ ଅନ୍ତରାଷ୍ଟ୍ରୀୟ ରଙ୍ଗମଞ୍ଚ ସନ୍ଦେଶ ଫ୍ରାନ୍ସର ଜିନ୍ କାକ୍‌ଟେ ଦେଇଥିଲେ। ଏହାପରେ ୨୦୦୨ରେ ଭାରତର ପ୍ରସିଦ୍ଧ ରଙ୍ଗମଞ୍ଚ କର୍ମୀ ଗିରିଶ କର୍ଣ୍ଣାଡ୍ ଏକ ସନ୍ଦେଶ ପ୍ରଦାନ କରିଥିଲେ।

କଳା, ସଂସ୍କୃତି, ବିକାଶ ତଥା ପ୍ରଚାର ପ୍ରସାର କ୍ଷେତ୍ରରେ ନାଟକର ଭୂମିକା ଗୁରୁତ୍ୱପୂର୍ଣ୍ଣ । ନାଟକକୁ ଏକ ବିକାଶର ପଥରେ ଆଗେଇ ନେବା ସହ ନାଟକର ଉନ୍ନତି ଲାଗି ପ୍ରତିବର୍ଷ ମାର୍ଚ୍ଚ ୨୭ ତାରିଖରେ ପାଳନ ହୋଇଥାଏ ବିଶ୍ୱ ଥିଏଟର୍ ଦିବସ ବା ବିଶ୍ୱ ନାଟକ ଦିବସ । ୧୯୬୧ ମସିହାରେ ଇଣ୍ଟରନ୍ୟାସନାଲ ଥିଏଟର ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ପ୍ରଥମ ଥର ପାଇଁ ଏହି ଦିବସ ପାଳନ କରାଯାଇଥିଲା । ସାରା ବିଶ୍ୱରେ ଏହି ଦିନ ବିଭିନ୍ନ ପ୍ରକାରର ନାଟ୍ୟ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥାଏ । ଏ ଅବସରରେ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ରଙ୍ଗମଞ୍ଚ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଅନ୍ତର୍ଜାତୀୟ ରଙ୍ଗମଞ୍ଚ ଅନୁଷ୍ଠାନର ନିମନ୍ତ୍ରଣରେ, ଅର୍ଥାତ୍ ଯାହା ମାଧ୍ୟମରେ ବିଶ୍ୱ ରଙ୍ଗମଞ୍ଚ ଦିବସ ସନ୍ଦେଶ ପ୍ରେରଣ କରାଯାଏ, ବିଶ୍ୱର ମହାନତାର ଛବି ରଙ୍ଗମଞ୍ଚର ବିଷୟ ଓ ଶାନ୍ତିର ସଂସ୍କୃତି ଉପରେ ପ୍ରତିଫଳିତ ହୋଇଥାଏ। ପ୍ରଥମ ବିଶ୍ୱ ରଙ୍ଗମଞ୍ଚ ଦିବସର ସନ୍ଦେଶ ଜିନ୍ କକ୍‌ଟିଉ ୧୯୬୨ରେ ଲେଖିଥିଲେ। ମଞ୍ଚ ନାଟକ ଏକ ପ୍ରଭାବଶାଳୀ ମାଧ୍ୟମ ହୋଇଥିବା ବେଳେ ଏହା ଦର୍ଶକଙ୍କୁ ମନୋରଞ୍ଜନ ଯୋଗାଇବା ସହ ସମାଜ ସୁଧାର ଦିଗରେ ଉଚିତ ବାର୍ତ୍ତା ଦେଇଥାଏ । କିନ୍ତୁ ପ୍ରକୃତ ପକ୍ଷେ ଦେଖାଗଲେ ଆଜିକା ସମୟରେ ଏହି ଦିବସଟି କେବଳ ବାହ୍ୟ ଦୃଷ୍ଟିରୁ ଲୋକଦେଖାଣିଆ ଭାବରେ ପାଳିତ ହେଉଛି କହିଲେ ଅତ୍ୟୁକ୍ତି ହେବନାହିଁ ।

ଦିନ ଥିଲା ଓଡ଼ିଶାରେ ମଞ୍ଚ ନାଟକର ଚାହିଦା, ଲୋକାଦୃତି ଥିଲା ସର୍ବାଧିକ । ପ୍ରଥମେ ପୌରାଣିକ ନାଟକ ଓ ପରେ ପରେ ସାମାଜିକ ଚେତନାଧର୍ମୀ ନାଟକ ଗାଁ ଗାଁରେ ପରିବେଷଣ କରାଯାଇ ଏହା ବେଶ୍ ଦର୍ଶକୀୟ ଆଦୃତି ପାଇପାରୁଥିଲା । ବର୍ତ୍ତମାନ ଯୁଗ ପରିବର୍ତ୍ତନ ହୋଇଛି ସତ ହେଲେ ସର୍ବାଧିକ ମଞ୍ଚରେ କେତେକ କେତେକ ସ୍ଥାନରେ ଯାହା ସାମାଜିକ ନାଟକ ପରିବେଷଣ ହେଉଛି । ସବୁଠାରୁ ଦୁଃଖଦ ପ୍ରସଙ୍ଗ ହେଉଛି ନାଟକର ପ୍ରଚାର ପ୍ରସାର ପାଇଁ ଯେଉଁ କିଛି ନାଟ୍ୟ ଅନୁଷ୍ଠାନ ଗୁଡ଼ିକ ଉଦ୍ୟମ କରୁଛନ୍ତି ସେମାନଙ୍କୁ ସେପରି ପ୍ରୋତ୍ସାହନ, ସହଯୋଗ ଏପରିକି ସମର୍ଥନ ମିଳୁନାହିଁ । ଯାହାଦ୍ୱାରା ବିଗତ ପାଞ୍ଚ ବର୍ଷ ଭିତରେ ଦେଖାଯାଉଛି ଅନେକ ନାଟ୍ୟ ଅନୁଷ୍ଠାନ ନିଜ ସଂସ୍ଥା ବନ୍ଦ କରିବାକୁ ବାଧ ହୋଇଛନ୍ତି । ସିନେମା ହଲ୍‌ରେ ପଚାଶ ଟଙ୍କାରୁ ଶହେ ଟଙ୍କା ପର୍ଯ୍ୟନ୍ତ ଟିକେଟ୍ ଦେଇ ବା ଘରେ ଘରେ ଡିଭିଡ଼ି କିଣି ସିଡି ମାଧ୍ୟମରେ ଚଳଚ୍ଚିତ୍ର ଦେଖୁଥିବା ଲୋକମାନେ ନିଜ ଜାତି ଓ ଉତ୍କୃଷ୍ଟ କଳାର ରାଜ୍ୟ ଉତ୍କଳର ଗରିମାମୟ ଜନଜୀବନର ଘଟଣା କାହାଣୀ ମଞ୍ଚ ନାଟକକୁ ଦେଖିବା ପାଇଁ ଯଦି ଶ୍ରଦ୍ଧା ନରଖିବେ ତାହେଲେ ନାଟ୍ୟକାରଟି ହୁଅନ୍ତୁ ନାଟକ ଆୟୋଜନ କରୁଥିବା ନାଟ୍ୟ ସଂସ୍ଥା ସେମାନେ କରିବେ ବା କ'ଣ ? ତେଣୁ ମଞ୍ଚ ନାଟକକୁ ଭଲ ପାଇବା ଏବଂ ଏହାପ୍ରତି ସହଯୋଗ ପୃଷ୍ଠପୋଷକତାର ହାତ ବଢ଼ାଇବା ଦାୟିତ୍ୱ ନିଶ୍ଚିନ୍ତ ଭାବରେ ଆମ ସମସ୍ତଙ୍କର ।

ଗୋଡରା, ମାହାଙ୍ଗା, କଟକ
ଦୂରଭାଷ : ୯୪୩୭୧୪୨୭୧୭

## ପାରାଦୀପ ବନ୍ଦର ପକ୍ଷରୁ ରଜ ମହୋତ୍ସବ ପାଳିତ



ପାରାଦୀପ, (ମହାଭାରତ) : ବିଗତ ବର୍ଷମାନଙ୍କ ପରି ଚଳିତ ବର୍ଷ ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ଗୋପବନ୍ଧୁ ଷ୍ଟାଡିୟମ ପରିସରରେ ରଜ ମହୋତ୍ସବ ପାଳିତ ହେଉଛି । ରବିବାର ଦିନ ପୂର୍ବାହ୍ନରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ଓଡିଶାର ଏହି ପାରମ୍ପାରିକ ଗଣପର୍ବକୁ ଉଦଘାଟନ କରିଥିଲେ । ରଜପର୍ବର ମୁଖ୍ୟ ଆକର୍ଷଣ ପୋଡପିଠା କାଟି ଏହି ମହୋତ୍ସବର ଶୁଭାରମ୍ଭ କରିଥିଲେ । ବନ୍ଦରର ବିଭାଗୀୟ ମୁଖ୍ୟ, ଅଧିକାରୀ, କର୍ମଚାରୀ, ପାରାଦୀପ ଅନ୍ତେବାସୀଙ୍କ ଉପସ୍ଥିତିରେ ଓଡିଶାର କୃଷିଭିତିକ ଗଣପର୍ବ ଓଡିଶାର ଘରେଘରେ ପାଳିତ ହୋଇଥାଏ । ଓଡିଶାର ଏକ ପ୍ରମୁଖ ବନ୍ଦର ସହର ପାରାଦୀପରେ ଏହି ପର୍ବକୁ ପାରାଦୀପ ବନ୍ଦର ଗର୍ବ ଓ ଗୌରବର ସହିତ ପାଳନ କରି ଆସୁଛି ବୋଲି ଅଧ୍ୟକ୍ଷ ଶ୍ରୀ ହରନାଦ କହିଥିଲେ । ପାରାଦୀପ ବନ୍ଦର ୧୯୬୭ ମସିହାରୁ ଦେଶର ଅର୍ଥନୈତିକ ବିକାଶରେ ନିଜର ସହଭାଗିତା ବଜାୟ ରଖି ଆସିଛି । ପାରାଦୀପ ବନ୍ଦର ପ୍ରତିଷ୍ଠା ହେବା ଦ୍ୱାରା ହଜାର ହଜାର ଲୋକ ଏଠାରେ କର୍ମନିଯୁକ୍ତି ପାଇଛନ୍ତି । ପାରାଦୀପ ବନ୍ଦର ନିଜର ଦକ୍ଷତା ନିମନ୍ତେ ନିକଟରେ ବିଭାଗୀୟ ମନ୍ତ୍ରୀ ସର୍ବନନ୍ଦର ସେନେଓାଲଙ୍କ ଦ୍ୱାରା ପୁରସ୍କୃତ ହୋଇଛି । ଦେଶର ଅନ୍ୟ ବୃହତ ବନ୍ଦର ଓ କ୍ଷୁଦ୍ର ବନ୍ଦରମାନଙ୍କ ମଧ୍ୟରେ ନିଜର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଆସୁଛି ଏଥି ନିମନ୍ତେ ବନ୍ଦର ବିଭାଗୀୟ ମୁଖ୍ୟ, ଅଧିକାରୀ, କର୍ମଚାରୀ, ଷ୍ଟିଭେଡୋର୍ସ, ପିପିପି ପାର୍ଟନର,ଷ୍ଟେକହୋଲଡର ଏହି ସଫଳତା ପଛରେ ପ୍ରମୁଖ ସହଯୋଗ ରହିଥିବା ଶ୍ରୀ ହରନାଦ ପ୍ରକାଶ କରିଥିଲେ । ତିନି ଦିନ ମଧ୍ୟରେ ଏହି ରଜ ମହୋତ୍ସବରେ ରଜ ଦୋଳି, ପୋଡ ପିଠା, ରଜ ପାନ ପ୍ରସ୍ତୁତି, ପୁଚି, ରଜ ବେଶ ଭଳି ଅନେକ ପାରମ୍ପାରିକ ପ୍ରତିଯୋଗିତାର ଆୟୋଜନ କରାଯାଇଛି ।

## ବଡ଼ ଭାଇର ପ୍ରେମ ପାଇଁ ସାନ ଭାଇକୁ ହତ୍ୟା : ସହଯୋଗୀଙ୍କୁ ଗିରଫ ଦାବିରେ ରାସ୍ତା ରୋକ

ଗଣିଆ, (ମହାଭାରତ): ଗଣିଆ ଥାନା ଅନ୍ତର୍ଗତ ପଣ୍ଡରାସିଙ୍ଗା ଛକଠାରେ ରବିବାର ଦିନ ସନ୍ଧ୍ୟା ରେ ଗୁଳିମାଡ଼େର ପ୍ରାଣ ହରାଇଥିବା ରବୀନ୍ଦ୍ର ନାୟକ ର ପରିବାର ଓ ଗ୍ରାମବାସୀ ସୋମବାର ଦିନ ପାଣ୍ଡରକ୍ଷସିଂହ ଛକ ରେ ଗାଣିଆ କଣ୍ଟିଲୋ ରାସ୍ତା ଅବରୋଧ କରି ଟାୟାର ଜାଳି ଶହ ଶହ ସଂଖ୍ୟାରେ ଜନସାଧାରଣ ନିର୍ଦ୍ଦୋଷୀ କୁ ନ୍ୟାୟ ଦାବି ରେ ଆଠ ଘଣ୍ଟା ଧରି ରାସ୍ତା ରୋକ କରିଥିଲେ । ସୂଚନା ଅନୁଯାୟୀ, ରବୀନ୍ଦ୍ର ପଣ୍ଡରାସିଙ୍ଗା ଛକରେ ଏକ ମୋଟରସାଇକେଲ ଗ୍ୟାରେଜ୍ କରି ନିଜର ପରିବାର ଚଳାଉଥିଲେ । ସନ୍ଧ୍ୟା ପ୍ରାୟ ୭ଟା ସମୟରେ ସେ ନିଜ ଗ୍ୟାରେଜ୍‌ରେ ବସି ପଇସା ଗଣୁଥିବା ସମୟେ ହଠାତ୍ ଦୁର୍ବୃତ୍ତମାନେ ତାଙ୍କ ଡାହାଣପକ୍ଷ ଛକ୍ଷତିରେ ଗୁଳି ଚଳାଇଥିଲେ । ଯାହାଫଳରେ ସେ ସେଠାରେ ହିଁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଟଳି ପଡ଼ିଥିଲେ । ଗୁଳିମାଡ଼ ପରେ ସ୍ଥାନୀୟ ଲୋକେ ଓ ପରିବାର ପକ୍ଷରୁ ତାଙ୍କୁ ଗୁରୁତର ଅବସ୍ଥାରେ ଏକ ମୋଟରସାଇକେଲ ଯୋଗେ ତୁରନ୍ତ ଡାକ୍ତରଖାନାକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ 'ମୃତ' ଘୋଷଣା କରିଥିଲେ । ଏ ନେଇ ରବୀନ୍ଦ୍ର ନାୟକ ଙ୍କ ବାପା କୁଳମଣି ନାୟକ ଗାଣିଆ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଖବର ପାଇ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଛାନ ଭିନ କରାଯାଇଥିଲା । ଦୁର୍ବୃତ୍ତ ଗୁଳି କରି ଫେରାର ହେଉଥିବା ବେଳେ ଟଙ୍କଧର ଛତ୍ରିଆ ଓ ଟିମ ସହ ଏକ ଶ୍ୟାମଳ ରଙ୍ଗର କାର ସହ ଦୁର୍ବୃତ୍ତ ଦିଲୀପ ମନ୍ତ୍ରୀ ଙ୍କୁ କାବୁ କରିଥିଲେ ଏବଂ ତାଙ୍କ ନିକଟରୁ ଏକ ଦେଶୀ ବନ୍ଧୁକ ଜବତ କରାଯାଇଥିଲା । ଗାଣିଆ ଥାନା ପକ୍ଷରୁ କେଶ ନମ୍ବର ୯୨/ ୨୦୨୬ ରେ ମାମଲା ରୁଜୁ କରାଯାଇଥିଲା କ୍ଷଦୁର୍ବୃତ୍ତ ଙ୍କ ଘର ଖଣ୍ଡପଡ଼ା ଥାନା ଅନ୍ତର୍ଗତ ସିଧମୂଳକ୍ଷ ଗ୍ରାମର ବୋଲି ଜଣାପଡିଛି । ଦିଲୀପ ଙ୍କ ସହିତ ତାଙ୍କ ସାନ ଭାଇ ଓ ପତୁରିଆ ନିବାସୀ ଲିଟୁ ପ୍ରଧାନ, ଟୁଲୁ ପ୍ରଧାନ ଓ ଶ୍ରୀଧର ପ୍ରଧାନ ଘଟଣାରେ ସମ୍ପୃକ୍ତି ରହିଥିବା ନେଇ ମୃତକ ଙ୍କ ବାପା ଲିଖିତ ଅଭିଯୋଗ କରିଥିଲେ । ଏମାନଙ୍କୁ ଗିରଫ ଦାବିରେ ରାଜରାସ୍ତା କୁ ଆଠ ଘଣ୍ଟା ଧରି ବନ୍ଦ କରିଥିଲେ କ୍ଷ ଘଟଣା ସ୍ଥଳରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜ୍ୟୋତି ରଞ୍ଜନ ସାମନ୍ତରାୟ , ଉପଜିଲ୍ଲାପାଳ କର୍ଣ୍ଣଦେବ ସମକ୍ଷଦାର , ଖଣ୍ଡପଡ଼ା ଏସ ଡ଼ି ପି ଓ ସରୋଜ କୁମାର ସାହୁ, ଦଶପଲ୍ଲା ଥାନା ଅଧିକାରୀ ବିନୟ ରଂଜନ ପରିଡା, ନୂଆଗାଁ ଥାନା ଅଧିକାରୀ, ଉପସ୍ଥିତ ରହି ମୃତ କ ଙ୍କ ପରିବାର କୁ ବୁଝାସୁଝା କରିଥିଲେ ମଧ ଉତ୍ତେଜନା ଥମି ନଥିଲା । ମୃତକ ଙ୍କ ମାମୁ ଅଶୋକ ପ୍ରଧାନ(୩୮) ଙ୍କ କହିବା ମୁତାବକ ସନ୍ଧ୍ୟା ସମୟରେ ଭଣଜା ସହିତ ଗ୍ୟାରେଜ ରେ ରହିଥିବା ବେଳେ ଦୁର୍ବୃତ୍ତ ଏକ ସିଲଭର ରଙ୍ଗର ୱାଗନର ଗାଡି ନ ଓ ଆର ୧୯ ଏଚ୧୧୯୯ କରରେ ଆସି ଗ୍ୟାରେଜ ରେ ପହଞ୍ଚି ଗାଡ଼ିରେ ପ୍ରେସର ଦେବାକୁ କହିଥିଲେ । ଭଣଜା ପ୍ରେସର ଦେବା ସମୟରେ ଦୁର୍ବୃତ୍ତ ରବୀନ୍ଦ୍ର ର ଛାତିକୁ ଗୁଳି ଚଳାଇଥିଲେ କ୍ଷ ସୂଚନା ମୁତାବକ ରବୀନ୍ଦ୍ର ନାୟକ ଙ୍କ ବଡଭାଇ ସିଲୁ ନାୟକ ବାହାରେ କମ୍ପାନୀ ରେ ଚାକିରୀ କରେ ଏବଂ ସେ ସିଧାମୂଳକ୍ଷ ଦିଲୀପ ମନ୍ତ୍ରୀ ର ପତ୍ନୀ ବର୍ଷା କୁ ନେଇ ଫେରାର ଥିବା ବେଳେ ରବୀନ୍ଦ୍ର କୁ ବଡଭାଇ ର ଖବର ଦେବା ପାଇଁ ବାରମ୍ବାର ଧମକ ଦେଇ ଆସୁଥିଲେ,ସେମାନେ ଘଟଣା ରେ ସମ୍ପୃକ୍ତି ଅଛନ୍ତି ବୋଲି ମାମୁ ଜଣାଇଥିଲେ ଏବଂ ଘଟଣା ସ୍ଥଳରେ ଦଶପଲ୍ଲକ୍ଷ ବିଧାୟକ ରମେଶ ବେହେରା ଓ ବିଜେପି ନେତା ରାଘବ ମଲ୍ଲିକ୍ ମୃତକ ଙ୍କ ପରିବାର କୁ ବୁଝା ସୁଝା କରିଥିଲେ । ମୃତକ ଙ୍କ ପରିବାର କୁ ୫୦ ଲକ୍ଷ ଆର୍ଥିକ ସହାୟତା ସହ ଫେରାର ଥିବା ଅଭିଯୁକ୍ତ ଙ୍କୁ ତୁରନ୍ତ ଗିରଫ କରିବା ପାଇଁ ବିଧାୟକ ଦାବି ରଖିଥିଲେ । ସୋମବାର ଦିନ ଅପରାହ୍ନ ରେ କିଶୋର ପ୍ରସାଦ ପଚାୟତ ର ସମିତି ସଭ୍ୟ ଓ ସରପଞ୍ଚ ଙ୍କ ପ୍ରତିନିଧି ଓ ପରିବାର ପକ୍ଷରୁ ସାତଦିନ ମଧ୍ୟରେ ଗିରଫ ପାଇଁ ଦାବି ପତ୍ର ଦିଆଯାଇଥିଲା ପରିବାର ଲୋକ ଙ୍କ ସହ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଏସ ଡ଼ି ପି ଓ ଓ ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ଗୋଛି ଙ୍କ ଉପସ୍ଥିତ ରେ ବୁଝାମଣା କରାଯାଇଥିଲା ଏବଂ ସାତଦିନ ମଧ୍ୟରେ ମୁଖ୍ୟ ଅଭିଯୁକ୍ତ ଙ୍କ ସହଯୋଗୀ ଙ୍କୁ ଗିରଫ କରାଯିବ ବୋଲି ପ୍ରତିଶୃତି ପରେ ଆନ୍ଦୋଳନ ରୁ ଓହରି ଥିଲେ ବୋଲି ଏସ ଡ଼ି ପି ଓ ଜଣାଇ ଥିଲେ ।

## ସଡ଼କ ଦୁର୍ଘଟଣା ରେ ସ୍କର୍ପିଓ ଚାଳକ ମୃତ ପାଞ୍ଚ ଆହତ

ପାଟଣା, (ମହାଭାରତ) : କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ୨୨୦ନଂ ଜାତୀୟ ରାଜପଥ ରାଞ୍ଚି-ବିୟୱାଡ଼ା ସଡ଼କ ଦୁର୍ଘଟଣା ରେ ଜଣ କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ପାଞ୍ଚଜଣ ଆହତ ହୋଇଛନ୍ତି । ସୂଚନା ରୁ ପ୍ରକାଶ ଆଜି ଭୋର ୪.୩୦ ସମୟରେ ଏକ ସ୍କର୍ପିଓ ରେ ଏକ ମୁସଲିମ ପରିବାର ରାଇରଙ୍ଗପୁର ସ୍ଥିତ ଟେଷ୍ଟପଶି ରୁ ଜଲଶା ଉତ୍ସବ ସାରି ନିଜ ଘର କୁ ଫେରୁଥିବା ସମୟରେ ବଡବିଲ ଗ୍ରାମ ନିକଟରେ ସ୍କର୍ପିଓ ଗାଡ଼ି ପଛ ଚକା ଫାଟି ଯାଇ ଗାଡ଼ି ଟି ଭାରସ୍ୟାମ ହରାଇ ଏକ ଷ୍ଟ୍ରିଟ୍ ଲାଇଟ୍ ଖୁଣ୍ଟ କୁ ପିଟିବା ସହ ଦୋକାନ ଘର୍ କୁ ଧକ୍କା ଦେଇ ଥିଲା । ଫଳରେ ଘଟଣା ସ୍ଥଳେ ଚାଳକ ଙ୍କ ମୃତ୍ୟୁ ଘଟିଥିବା ବେଳେ ପାଞ୍ଚ ଜଣ ଆହତ ହୋଇଥିଲେ । ମୃତକ ଜଣକ କୁସୁନପୁର ଗ୍ରାମର ସେକ୍ ମୁମିଦିନ ବୋଲି ଜଣାପଡି ଛି । ଦୁର୍ଘଟଣା ଆହତ ପାଞ୍ଚଜଣ ସେକ୍ ୱାସିମ୍ ଆକ୍ରମ, ଫାତଜା ବିବି,ସେକ ମହମ୍ମଦ ତାରିଖା,ଫସ୍ତମ ବିବି, ଟାଙ୍ଗୀ ହୁସେନ୍ ଙ୍କୁ ଦୁର୍ଘଟଣା ସ୍ଥଳ ରୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରାଯାଇ ଥିଲା । ପ୍ରାଥମିକ ଚିକିତ୍ସା ରୁ ପାଞ୍ଚଜଣ ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟ ହେବାରୁ ଡାକ୍ତର ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନନ୍ତରିତ କରାଯାଇ ଛି । ଏପଟେ ସ୍କର୍ପିଓ ଧକ୍କା ଭାଙ୍ଗିଥିବା ଦୋକାନ କ୍ଷତି ପୂରଣ ଦାବି ମାଲିକ ମହେଶ୍ୱର ନାଏକ,ଗ୍ରାମବାସୀ ସଡ଼କ ଉପରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ ।

## ସଡ଼କ ଦୁର୍ଘଟଣାରେ ସ୍କର୍ପିଓ ଚାଳକ ମୃତ, ପାଞ୍ଚ ଆହତ

ପାଟଣା, (ମହାଭାରତ) : କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ୨୨୦ନଂ ଜାତୀୟ ରାଜପଥ ରାଞ୍ଚି- ବିୟୱାଡ଼ା ସଡ଼କ ଦୁର୍ଘଟଣା ରେ ଜଣ କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ପାଞ୍ଚଜଣ ଆହତ ହୋଇଛନ୍ତି । ସୂଚନା ରୁ ପ୍ରକାଶ ଆଜି ଭୋର ୪.୩୦ ସମୟରେ ଏକ ସ୍କର୍ପିଓ ରେ ଏକ ମୁସଲିମ ପରିବାର ରାଇରଙ୍ଗପୁର ସ୍ଥିତ ଟେଷ୍ଟପଶି ରୁ ଜଲଶା ଉତ୍ସବ ସାରି ନିଜ ଘର କୁ ଫେରୁଥିବା ସମୟରେ ବଡବିଲ ଗ୍ରାମ ନିକଟରେ ସ୍କର୍ପିଓ ଗାଡ଼ି ପଛ ଚକା ଫାଟି ଯାଇ ଗାଡ଼ି ଟି ଭାରସ୍ୟାମ ହରାଇ ଏକ ଷ୍ଟ୍ରିଟ୍ ଲାଇଟ୍ ଖୁଣ୍ଟ କୁ ପିଟିବା ସହ ଦୋକାନ ଘର୍ କୁ ଧକ୍କା ଦେଇ ଥିଲା । ଫଳରେ ଘଟଣା ସ୍ଥଳେ ଚାଳକ ଙ୍କ ମୃତ୍ୟୁ ଘଟିଥିବା ବେଳେ ପାଞ୍ଚ ଜଣ ଆହତ ହୋଇଥିଲେ । ମୃତକ ଜଣକ କୁସୁନପୁର ଗ୍ରାମର ସେକ୍ ମୁମିଦିନ ବୋଲି ଜଣାପଡି ଛି । ଦୁର୍ଘଟଣା ଆହତ ପାଞ୍ଚଜଣ ସେକ୍ ୱାସିମ୍ ଆକ୍ରମ, ଫାତଜା ବିବି,ସେକ ମହମ୍ମଦ ତାରିଖା,ଫସ୍ତମ ବିବି, ଟାଙ୍ଗୀ ହୁସେନ୍ ଙ୍କୁ ଦୁର୍ଘଟଣା ସ୍ଥଳ ରୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରାଯାଇ ଥିଲା । ପ୍ରାଥମିକ ଚିକିତ୍ସା ରୁ ପାଞ୍ଚଜଣ ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟ ହେବାରୁ ଡାକ୍ତର ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନନ୍ତରିତ କରାଯାଇ ଛି । ଏପଟେ ସ୍କର୍ପିଓ ଧକ୍କା ଭାଙ୍ଗିଥିବା ଦୋକାନ କ୍ଷତି ପୂରଣ ଦାବି ମାଲିକ ମହେଶ୍ୱର ନାଏକ,ଗ୍ରାମବାସୀ ସଡ଼କ ଉପରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ । ରାସ୍ତା ଅବରୋଧ ଖବର ପାଇ ପାଟଣା ପୋଲିସ ଅଧିକାରୀ କିରଣ ପ୍ରସାଦ ସାହୁ,ସାହାରପଡ଼ା ଫାଣ୍ଡି ଅଧିକାରୀ ପ୍ରାଥ ଓରାମ,ଗୌରହରି ଗ୍ରାଡ଼ିଆ ଘଟଣାସ୍ଥଳରେ ପହଞ୍ଚି ଉତ୍ତୋକ୍ତ ଲୋକ ଙ୍କୁ ବୁଝାସୁଝା କରିବା ସହିତ ରାସ୍ତା ଦି-ପାର୍ଶ୍ୱ ରେ ଅଟକି ଥିବା ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇ ଥିଲା । ଘଟଣାସ୍ଥଳ ମୃତ୍ୟୁ ବ୍ୟକ୍ତି ମୃତ୍ୟୁ ଦେହ କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ପଠାଇ ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁ ଦେହ କୁ ପରିବାର ବର୍ଗ ଙ୍କୁ ହସ୍ତାନ୍ତର କରାଯାଇ ଛି ।

## ଗ୍ରାମ୍ୟ ଉନ୍ନୟନ ବିଭାଗରେ ଦୁର୍ନୀତିର ଗନ୍ଧ !

ଚିକିଟି, (ମହାଭାରତ) : ଗଞ୍ଜାମ ଜିଲ୍ଲା ଚିକିଟି ନିର୍ବାଚନ ମଣ୍ଡଳୀରେ ଗ୍ରାମ୍ୟ ଉନ୍ନୟନ ବିଭାଗରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ହୋଇଥିବା ନେଇ ସଂଗୀନ ଅଭିଯୋଗ ହୋଇଛି । ବିଶେଷ କରି ପାତ୍ରପୁର ଓ ଚିକିଟି ବ୍ଲକ୍ ? ଅଞ୍ଚଳରେ ନିର୍ମାଣ ହୋଇଥିବା ବିକାଶମୂଳକ କାର୍ଯ୍ୟର ମାନ ଅତ୍ୟନ୍ତ ନିମ୍ନମାନର ହୋଇଥିବାରୁ ଏବେ ଭିଜିଲାନ୍ସ ତଦନ୍ତ ପାଇଁ ଦାବି ଜୋର ଧରିଛି । ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ନିକଟରେ ଏନେଇ ଏକ ଲିଖିତ ଅଭିଯୋଗ ମଧ୍ୟ ଦାଖଲ କରାଯାଇଛି । ଗଞ୍ଜାମ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଉପାନ୍ତ ଅଞ୍ଚଳରେ ଚାଲିଛି ଦୁର୍ନୀତିର ମହାଖେଳ । ଅଭିଯୋଗ ଅନୁସାରେ, କେତେକ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ମଧ୍ୟରେ ଥିବା ମଧୁଚନ୍ଦ୍ରିକା ଯୋଗୁଁ ନିର୍ମାଣ କାର୍ଯ୍ୟରେ ନିୟମକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି । ନୂତନ ଭାବେ ନିର୍ମିତ ଏବଂ ମରାମତି ହୋଇଥିବା ରାସ୍ତାଗୁଡ଼ିକର ସ୍ଥିତି ଏବେ ଅତ୍ୟନ୍ତ ଦୟନୀୟ । ରାସ୍ତାର ପିଚୁ ସ୍ତର ଏତେ ଦୁର୍ବଳ ଯେ, ତାହାକୁ ହାତରେ ଟାଣିଲେ ସହଜରେ ଉଠିଯାଉଛି । କାମ ସମୟରେ କୌଣସି ରୋଲର୍ କିମ୍ବା ଭାରି ଯନ୍ତ୍ରପାତିର ବ୍ୟବହାର ନକରି, କେବଳ ଶ୍ରମିକମାନଙ୍କ ଦ୍ୱାରା ହାତରେ ମରାମତି କାମ କରାଯାଇ ସରକାରୀ ଅର୍ଥକୁ ଆତ୍ମସାତ କରାଯାଇଥିବା ଅଭିଯୋଗ ଆଣିଛନ୍ତି ଅଭିଯୋଗକାରୀ ସରୋଜ ପଣ୍ଡା ।

## ଲାଞ୍ଜିଗଡ଼ ଅଗ୍ନିଶମ ବିଭାଗର ଚରମ ଅବହେଳା: ଉଦ୍ଧାର ସାମଗ୍ରୀ ଅଭାବରୁ ୧୨ ଘଣ୍ଟା ହେଲା ଗାଡ଼ି ଭିତରେ ଚାପି ହୋଇ ରହିଛି ଚାଳକଙ୍କ ମୃତଦେହ

କଳାହାଣ୍ଡି/ଲାଞ୍ଜିଗଡ, (ମହାଭାରତ) : ସେବା ଓ ସୁରକ୍ଷାର ବଡ଼ ବଡ଼ ଦାବି କରୁଥିବା ଅଗ୍ନିଶମ ବିଭାଗର ଅସଲ ଚେହେରା ପୁଣି ଥରେ ପଦାରେ ପଡ଼ିଛି । ପର୍ଯ୍ୟାପ୍ତ ଉଦ୍ଧାର ସାମଗ୍ରୀର ଅଭାବ ଯୋଗୁଁ ଜଣେ ଦୁର୍ଘଟଣାଗ୍ରସ୍ତ ମୃତ ଚାଳକଙ୍କ ଶବ ୧୨ ଘଣ୍ଟା ବିତିଯାଇଥିଲେ ସୁଦ୍ଧା ଉଦ୍ଧାର ହୋଇପାରି ନାହିଁ । ଏଭଳି ଏକ ଅଭାବନୀୟ ତଥା ହୃଦୟବିଦାରକ ଘଟଣା ଦେଖିବାକୁ ମିଳିଛି ୬ ନମ୍ବର ରାଜ୍ୟ ରାଜପଥରେ । ମିଳିଥିବା ସୂଚନା ଅନୁଯାୟୀ, ଭବାନୀପାଟଣା ଓ ରାୟଗଡ଼ାକୁ ସଂଯୋଗ କରୁଥିବା ୬ ନମ୍ବର ରାଜ୍ୟ ରାଜପଥରେ ଗତକାଲି ବିଳମ୍ବିତ ରାତିରେ ଏକ ଭୟାବହ ସଡ଼କ ଦୁର୍ଘଟଣା ଘଟିଥିଲା । ଏହି ଦୁର୍ଘଟଣାରେ ଗାଡ଼ିର ଚାଳକଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା । ଗାଡ଼ିଟି ଏଭଳି ଭାବେ ଚୂରମାର ହୋଇଯାଇଛି ଯେ, ମୃତ ଚାଳକଙ୍କ ଶରୀରଟି ଗାଡ଼ି ଭିତରେ ଚାପି ହୋଇ ରହିଛି ।ଘଟଣା ସମ୍ପର୍କରେ ଖବର ପାଇ ଲାଞ୍ଜିଗଡ଼ ଅଗ୍ନିଶମ ବାହିନୀ ଅବଗତ ଥିବା ସତ୍ତ୍ୱେ ଗାଡ଼ି କାଟି ମୃତଦେହ ବାହାର କରିବା ପାଇଁ ଅଗ୍ନିଶମ ବିଭାଗ ପାଖରେ ଆଧୁନିକ କଟର କିମ୍ବା ଆବଶ୍ୟକୀୟ ଉଦ୍ଧାର ସାମଗ୍ରୀ ନ ଥିବା ଯୋଗୁଁ ଘଟଣାସ୍ଥଳ ରେ ପହଞ୍ଚି ନଥିବା ଖବର ପ୍ରସାରଣ ପର୍ଯ୍ୟନ୍ତ ସୁଚନା ମିଳିଛି । । ବିଭାଗର ଏହି ଚରମ ଅବହେଳା ଯୋଗୁଁ ଦୀର୍ଘ ୧୨ ଘଣ୍ଟା ହେବ ମୃତ ଦେହଟି ଗାଡ଼ି ଭିତରେ ପଡ଼ି ରହିଛି । ଜରୁରୀକାଳୀନ ସେବା ଯୋଗାଇବା ପାଇଁ ଉଦ୍ଦିଷ୍ଟ ଅଗ୍ନିଶମ ବିଭାଗ ପାଖରେ ଯଦି ସାଧାରଣ ଉଦ୍ଧାର ସାମଗ୍ରୀ ଟିକକ ନାହିଁ, ତେବେ ଏହି ବିଭାଗ କେଉଁ କାମର ? ଜଣେ ମୃତ ବ୍ୟକ୍ତିଙ୍କ ପ୍ରତି ମଧ୍ୟ ପ୍ରଶାସନର ସମ୍ବେଦନଶୀଳତା ନ ଥିବା ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି ।

## ପୋଡାମରାଇ-ଆଳକଣା ଶାଖା ଡାକଘରେ ସପ୍ତାହେ ହେବ ଝୁଲୁଛି ତାଲା, ପୋଷ୍ଟମାଷ୍ଟର ଫେରାର, ଚିନ୍ତାରେ ଜମାକାରୀ

ଆଳି, (ମହାଭାରତ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ପୋଷ୍ଟଅଫିସ ଅଧୀନରେ ଥିବା ପୋଡାମରାଇ -ଆଳକଣା ଶାଖା ଡାକଘରେ ସପ୍ତାହେ ହେବ ତାଲା ଝୁଲୁ ଥିବା ବେଳେ ନିଖୋଜ ଅଛନ୍ତି ପୋଷ୍ଟମାଷ୍ଟର । ପୋଷ୍ଟ ମାଷ୍ଟର ନିଖୋଜ ହେବା ପରେ ପରିବାର ପକ୍ଷରୁ ନିଖୋଜ ଥିବା ନେଇ ଏକ ଅଭିଯୋଗ ଆଳି ଥାନାରେ ଦିଆ ଯାଇଥିବା ବେଳେ ଡାକ ବିଭାଗ ପକ୍ଷରୁ ମଧ ନିଖୋଜ ଥିବା ନେଇ ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ ଆଳି ଉପ ଡାକଘର ଅଧୀନରେ ଥିବା ପୋଡାମରାଇ-ଆଳକଣା ଶାଖା ଡାକଘରେ ପୋଷ୍ଟମାଷ୍ଟର ଭାବେ ପଙ୍କଜ କୁମାର ସାହା କାର୍ଯ୍ୟ କରିବା ସହ ଆଳି ପୋଷ୍ଟଅଫିସରେ ଆଧାର ସଂଶୋଧନ କାର୍ଯ୍ୟ କରିଥାନ୍ତି । ଗତ ୧୦ ତାରିଖ ବୁଧବାର ସକାଳେ ପଙ୍କଜ ଘରୁ ଅଫିସକୁ ଯାଇଥିଲେ । କିନ୍ତୁ ସନ୍ଧ୍ୟା ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକ ତାଙ୍କୁ ଖୋଜାଖୋଜି କରି କେଉଁଠି ନପାଇବାରୁ ଆଳି ଥାନାରେ ପଙ୍କଜଙ୍କ ବାପା ଦିଲୀପ ସାହା ଅଭିଯୋଗ ଦେଇଥିଲେ । ଅପରପକ୍ଷେ ସେହିଦିନ ଡାକଘରର ଅଡିଟ ଥିବାରୁ ଅଡିଟର ଆଳକଣା ଶାଖା ଡାକଘରକୁ ଯାଇ ଡାକଘରେ ତାଲା ପଡିଥିବା ଦେଖି ସେ ଆଉ ଏକ ତାଲା ମାରି ପଳାଇ ଆସିଥିଲେ । ଘଟଣାକୁ ୬ ଦିନ ବିତି ଯାଇଥିବା ବେଳେ ଏ ଯାଏଁ ପୋଷ୍ଟମାଷ୍ଟର ପଙ୍କଜ ସାହାଙ୍କର ସନ୍ଧାନ ମିଳୁନି । ଏ ନେଇ ସୋମବାର ଦିନ ପୋଷ୍ଟାଲ ଇନିସପେକ୍ଟର ଅଶୋକ ରାଉଳ ଆଳି ଥାନାରେ ପହଞ୍ଚି ଅଭିଯୋଗ କରିଛନ୍ତି ଯେ ପୋଡାମରାଇ-ଆଳକଣା ପୋଷ୍ଟମାଷ୍ଟର ଦାୟିତ୍ୱରେ ଥିବା ପଙ୍କଜ କୁମାର ସାହା ଗତ ୯ ତାରିଖ ଦିନ ଶାଖା ଡାକଘରେ କାମ କରିବା ପରେ ସେଦିନର ଡେଲି କଲେକ୍ସନ ଅର୍ଥ ଉପ ଡାକଘରେ ଜମା କରିନାହାନ୍ତି । ୧୦ ତାରିଖ ବୁଧବାର ଠାରୁ ସେ ଡାକଘରେ ତାଲା ପକାଇ କେଉଁ ଆଡେ ଚାଲି ଯାଇଥିବା ନେଇ ଅଭିଯୋଗ କରିଛନ୍ତି । ଆଳି ପୋଲିସ ମିସିଙ୍ଗ କେସ ନଂ ୭୫ ରେ ମାମଲା ରୁଜୁ କରିଛନ୍ତି । ୬ ଦିନ ହେବ ପଙ୍କଜ ସାହା ନିଖୋଜ ଥିବାରୁ ଡାକଘରେ ଦୁଇ ଦୁଇଟି ତାଲା ଝୁଲୁଛି କ୍ଷ ପୋଷ୍ଟମାଷ୍ଟର ଛଅଦିନ ହେବ ଡାକଘରେ ତାଲା ପକାଇ ନିଖିଜ ଥିବାରୁ ଶହଶହ ଜମାକାରୀ ଚିନ୍ତାରେ । ସାଧାରଣ ଲୋକ ମାନେ ବିଭିନ୍ନ ସଂସ୍ଥାରେ ଅର୍ଥ ଜମାକରି ହରାଇବା ପରେ ପୋଷ୍ଟଅଫିସକୁ ଭରସା କରି ବିଭିନ୍ନ ଯୋଜନାରେ ଅର୍ଥ ଜମା ରଖୁଥିଲେ । କିନ୍ତୁ ପୋଷ୍ଟମାଷ୍ଟର ତାଲା ପକାଇ ଦେଇ ଫେରାର ହେବା ଘଟଣାକୁ ନେଇ ଜମାକାରୀ ଚିନ୍ତାରେ ପଡି ଯାଇଛନ୍ତି । ଜମାକାରୀଙ୍କ ପାସବୁକ ପୋଷ୍ଟମାଷ୍ଟରଙ୍କ ନିକଟରେ ଥିବାରୁ ସେମାନଙ୍କ ଜମାଅର୍ଥ ଅଛି ନା ହଡ଼ପ ହୋଇଯାଇଛି ତାହାକୁ ନେଇ ଚିନ୍ତାରେ ପଡି ଯାଇଛନ୍ତି । ଗତ ଜୁନ ମାସ ପାଞ୍ଚ ତାରିଖରେ ନମୌଜା ଉପ ଡାକଘରର ଜିଡ଼ିଏସ ପ୍ୟାକର ବାଲ୍ୟ ଚରଣ ହାଁସଦା ଅର୍ଥ ତୋଷରପାତ ଘଟଣାରେ ନିଲମ୍ବିତ ହୋଇଥିବା ଜଣାପଡିଛି ।

## ନଅଦ୍ୱିକା-କିଶୋରୀ ସୁଭଦ୍ରା ଦିବସନ୍ତ ପାଳିତ କିଶୋରୀମାନଙ୍କ ସଶକ୍ତିକରଣ ଉପରେ ଆଲୋଚନା




ଗୋଲାମୁଣ୍ଡା, (ମହାଭାରତ): ଗୋଲାମୁଣ୍ଡା ସମନ୍ୱିତ ଶିଶୁ ବିକାଶ ସେବା ପ୍ରକଳ୍ପ ଆନୁକୂଲ୍ୟରେ ଏକ ବ୍ଲକ ସ୍ତରୀୟ ନଅଦ୍ୱିକା-କିଶୋରୀ ସୁଭଦ୍ରା ଦିବସନ୍ତ ସମାରୋହ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ନସଶକ୍ତ କିଶୋରୀ, ସଶକ୍ତ ଓଡ଼ିଶାନ୍ତ ବିଷୟବସ୍ତୁକୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ କିଶୋରୀ ମାନଙ୍କର ସାମାଜିକ ସୁରକ୍ଷା ଓ ବିକାଶ ଉପରେ ବ୍ୟାପକ ଆଲୋଚନା କରାଯାଇଥିଲା । ଏହି ସମାରୋହରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଗୋଲାମୁଣ୍ଡା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ପଦ୍ମା ମଞ୍ଜରୀ ପ୍ରଧାନ ଏବଂ କଳାହାଣ୍ଡି ଜିଲ୍ଲା ଶିଶୁ ମଙ୍ଗଳ ସମିତି ସଦସ୍ୟ ବିଶ୍ୱନାଥ ଦାଶ ଉପସ୍ଥିତ ଥିଲେ । ଏଥି ସହିତ ଜିଲ୍ଲା ସଂଯୋଜକ ଦିବ୍ୟ ରଞ୍ଜନ ଯୋଶୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଓ ଜିଲ୍ଲା ଚାଇଲ୍ଡଲାଇନ୍ ସଂଯୋଜକ ଯୋଗେଶ୍ୱର ବୁଢ଼ିଆ, ମିଶନ ଶକ୍ତିର ବିପିସି ରାଜେନ୍ଦ୍ର ମଝିଆ ସେଠ ଏବଂ ୱାର୍ଲଡ୍ ଭିଜନର ବ୍ଲକ ସଂଯୋଜକ ବିନିତା ରାଉତ ପ୍ରମୁଖ ମଞ୍ଚାଶୀନ ରହି ନିଜ ନିଜର ବକ୍ତବ୍ୟ ରଖିଥିଲେ । ଅତିଥିମାନେ କିଶୋରୀମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ନିରାପତ୍ତା ଏବଂ ସେମାନଙ୍କ ଅଧିକାର ବିଷୟରେ ସଚେତନ କରାଇବା ସହ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନାର ସୁଯୋଗ ନେବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ପ୍ରକଳ୍ପର ସମସ୍ତ ମହିଳା ସୁପରଭାଇଜର ଏବଂ ବହୁ ସଂଖ୍ୟାରେ ଅଙ୍ଗନବାଡ଼ି କର୍ମୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ ।

## ମନସା ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ନିଆରା ଢଙ୍ଗରେ ରଜ ଉତ୍ସବ ପାଳିତ



ପାରାଦୀପ, (ମହାଭାରତ) : ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ମନସା ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ନିଆରା ଢଙ୍ଗରେ ରଜ ଉତ୍ସବ ପାଳିତ ହୋଇଯାଇଛି । ଟ୍ରଷ୍ଟର ଅଧ୍ୟକ୍ଷ ସମାଜସେବୀ ମୃତ୍ୟୁଂଜୟ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟ୍ରଷ୍ଟର ସଦସ୍ୟମାନେ ସଜବାଜ ଦିନ ପାରାଦୀପ ଉପକଣ୍ଠ ବାଲିଝରା ବସ୍ତିରେ ଥିବା ମାଆ ସନ୍ତୋଷୀ ଜରାନିବାସରେ ପହଂଚିଥିଲେ । ସେଠାରେ ଟ୍ରଷ୍ଟ ପକ୍ଷରୁ ଅନ୍ତେବାସୀଙ୍କୁ ନୂତନ ପୋଷାକ ପ୍ରଦାନ କରାଯାଇଥିଲା । ସଜବାଜରେ ନୂତନ ବସ୍ତ୍ର ପାଇ ଜରାନିବାସରେ ଅନ୍ତେବାସୀ ଖୁସିର ବିଭୋର ହୋଇଯାଇଥିଲେ । ଯେତେବେଳେ ନିଜର ଲୋକମାନଙ୍କ ଦ୍ୱାରା ଅଲୋଡା ହୋଇଗଲେ ସେତେବେଳେ ସେମାନଙ୍କ ମନରେ ଖୁସିର ପସରା ଯୋଗାଇ ଦେଇଥିବାରୁ ଅନ୍ତେବାସୀମାନେ ଆତ୍ମବିଭୋର ହୋଇଯାଇଥିଲେ । ଟ୍ରଷ୍ଟ ଏତିକିରେ ଅଟିକି ନଥିଲା । ପହିଲି ରଜ ଦିନ ଅନ୍ତେବସୀମାନଙ୍କ ନିକଟରେ ଟ୍ରଷ୍ଟର ସହସ୍ୟ, କର୍ମକର୍ତ୍ତାମାନେ ପହଂଚିଥିଲେ । ମଧ୍ୟାହ୍ନରେ ଜରାନିବାଶ ଅନ୍ତେବାସୀଙ୍କ ନିମନ୍ତେ ମଧ୍ୟାହ୍ନ ଭୋଜନର ଆୟୋଜନ କରାଯାଇଥିଲା । ଜରାନିବାସର ଅନ୍ତେବାସୀମାନେ ମଧ୍ୟାହ୍ନ ଭୋଜନ ଅତି ଆନନ୍ଦର ସହିତ ଖାଇ ରଜ ଉତ୍ସବକୁ ପାଳିଥିଲେ । ଅନ୍ତେବାସୀମାନେ ଟ୍ରଷ୍ଟର ଅଧ୍ୟକ୍ଷ ଶ୍ରୀ ମିଶ୍ରଙ୍କ ଏହି ମହାନତା ନିମନ୍ତେ କୃତଜ୍ଞତା ଜଣାଇଥିଲେ । ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ଟ୍ରଷ୍ଟର ଗୋବିନ୍ଦ ଚନ୍ଦ୍ର ମିଶ୍ର, ସୁକାନ୍ତ କୁମାର ବେହେରା, ଅବିନାଶ ପ୍ରଧାନ, ରାଜଶ୍ରୀ ଦାଶ, ଦିପିକା ସ୍ୱାଇଁ, ସୁବାସ ପ୍ରଧାନ, ପ୍ରସାନ୍ତ ତରାଇ, ବସନ୍ତ କୁମାର ଗୋଛାୟତ, ସତ୍ୟବାଦୀ ଦାସ, ସପନି ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ପ୍ରହସନ ପାଲଟିଛି ସରକାରୀ ଯୋଜନା

# ବିପଦପୂର୍ଣ୍ଣ ଜରିପାଲ ତଳେ ରୂପାଲୀଙ୍କ ପରିବାର

ଖୋର୍ଦ୍ଧା, (ମହାଭାରତ): ଗରିବଙ୍କ ଭାଗ୍ୟରେ ନାହିଁ ଈଶ୍ୱରକୃପା । କେଉଁଠି ଆଜି ଗୃହ ପାଳିତ ପଶୁଟିଏ ଆଜି ଶୀତତାପ ନିୟନ୍ତ୍ରିତ ଘରେ ରହୁଥିବା ବେଳେ ଗରିବ ଭାଗ୍ୟରେ ସେତିକି ମିଳିବା ମଧ ଭାଗ୍ୟର କଥା । ଏମିତି କିଛି ଘଟଣା ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡ଼ାଡିହ ଗ୍ରାମର ରୂପାଲୀ ଓ ଚନ୍ଦନଙ୍କ ଜୀବନରେ । ଦଇବ ଏମିତି ଦାଉ ସାଧିଛି ଯେ, ମୁଣ୍ଡ ଗୁଞ୍ଜିବାକୁ ଛାତ ତ ଦୂରର କଥା ଚାଳ ଛପର ଘରଟିଏ ମଧ ଭାଗ୍ୟରେ ନାହିଁ । ଜରିପାଲ ଟଣା ଝାଟିମାଟି କୁଡିଆ ପାଲଟିଛି ଭରସା । ମୁଣ୍ଡ ଉପରେ ବର୍ଷାଋତୁ । ତା ସାଙ୍ଗକୁ ଅଦିନିଆ କାଳବୈଶାଖୀ ପରିବାରକୁ ଭୟଭୀତ କରି ଦେଇଛି । ତଥାପି ହାର ମାନି ନାହାନ୍ତି ରୂପାଲୀ । ପିଲାମାନଙ୍କ ଭବିଷ୍ୟତ ଗଢ଼ିବା ପାଇଁ ଜୀବନ ଜିଇଁବାର ଆଶାକୁ ହରାଇନାହାନ୍ତି ରୂପାଲୀ ଓ ଚନ୍ଦନ । ଜରି ଗୋଟାଇ ବଞ୍ଚିବାକୁ ସଂଘର୍ଷ କରୁଛନ୍ତି ଉଭୟ ସ୍ୱାମୀ ସ୍ତ୍ରୀ । ଆଉ ବାସହରା ହେବା ପରେ ଗାଁର ଶେଷ ମୁଣ୍ଡରେ ଘାସବଣ ଏବଂ ଜଙ୍ଗଲ ମଧ୍ୟରେ ସରକାରୀ ଜମି ଉପରେ ଅଧା ମାଟି କାନ୍ଥ, କିଛି ବାଉଁଶ ଏବଂ ଉପରେ ଏକ ପୁରୁଣା ଜରିପାଲରେ ପ୍ରସ୍ତୁତ କୁଡିଆ ପାଲଟିଛି ରୂପାଲୀଙ୍କ ସାହାରା । ଦିନରେ ଖରାର ପ୍ରଖର ତାପ ଏବଂ ରାତିରେ ଆକାଶର ଜହ୍ନତାରାର ଆଲୋକକୁ ଶଶରୀରେ ଅନୁଭବ କରିଥାନ୍ତି ରୁପାଲିଙ୍କ ପରିବାର । ଆଉ ବର୍ଷା ହେଲେ ଅସହ୍ୟ ହୋଇ ପଡିଥାଏ ରୂପାଲୀଙ୍କ ପରିବାରର ଅବସ୍ଥା । ତଥାପି, ତିନି ଜଣ କୋମଳମତି ଶିଶୁ ଏବଂ ରୋଗାକ୍ରାନ୍ତ ସ୍ୱାମୀଙ୍କୁ ନେଇ ଏହି ଜରିପାଲ ତଳେ ଜୀବନ ପାଇଁ ସଂଘର୍ଷ କରିଚାଲିଛନ୍ତି ରୂପାଲୀ । ପ୍ରତିଦିନ ସକାଳ ହେଲେ ଏକ ଭଙ୍ଗା ଦଦରା ଟ୍ରଲି ରିକ୍ସାରେ ବାହାରି ପଡ଼ନ୍ତି ତାଙ୍କ ପରିବାର । ରାସ୍ତା କଡ଼ରେ ପଡ଼ିଥିବା ପ୍ଲାଷ୍ଟିକ ଓ କାଚ ବୋତଲ, ପଲିଥିନ ପ୍ରଭୃତି ସଂଗ୍ରହ କରି କବାଡ଼ିଆଙ୍କୁ ବିକ୍ରି କରି ଉକ୍ତ ଅର୍ଥରେ ପରିବାରର ଗୁଜୁରାଣ ମେଣ୍ଟାଉଛନ୍ତି ରୂପାଲୀ । କେବେ ଦୁଇ ବେଳା ଖାଦ୍ୟ ମିଳେ, ତ ଆଉ କେବେ ଅଧା ପେଟରେ ଶୋଇବାକୁ ପଡ଼େ ବୋଲି କୋହଭରା ହୋଇ କୁହନ୍ତି ରୂପାଲୀ ।



ପୁରୀ ଜିଲ୍ଲା ଡେଲାଙ୍ଗ ଅଂଚଳର ଚନ୍ଦନଙ୍କୁ ସେ ବିବାହ କରିଥିଲେ । ହେଲେ ବିବାହ ପରେ ସୁଖର ସଂସାର ଗଢ଼ିବାର ସ୍ୱପ୍ନ ଦେଖୁଥିବା ବେଳେ ସହିଲା ନାହିଁ ଦଇବ । ଏକ ଦୁର୍ଘଟଣାରେ ଚନ୍ଦନଙ୍କ ହାତ ଭାଙ୍ଗି ଯାଇଥିଲା ବେଳେ ଚିକିତ୍ସା ପାଇଁ ସେ ନିଜର ଡେଲାଙ୍ଗ ସ୍ଥିତ ଘରଟିକୁ ବିକ୍ରି କରିବା ପାଇଁ ବାଧ ହୋଇଥିଲେ । ତା ପରେ ମଧ ଚିକିତ୍ସା ପରେ ମଧ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ପାରି ନଥିଲେ ଚନ୍ଦନ । ଆର୍ଥିକ ଅବସ୍ଥା ଦିନକୁ ଦିନ ଖରାପ ହେବାରୁ ରୂପାଲୀ ବାପଘରକୁ ବଞ୍ଚିବାର ଶେଷଆଶା ଭାବି ସ୍ୱାମୀ ଓ ପିଲାଙ୍କୁ ଧରି ଚାଲି ଆସିଥିଲେ ପୋଡ଼ାଡିହ ସ୍ଥିତ ପୈତୃକ ଘରକୁ । ମାତ୍ର ଏତିକିରେ ସରିନଥିଲା ତାଙ୍କ ଦୁଃଖ । ବରଂ ଆଉ ଏକ ନିର୍ମମ ଆଘାତ ସେମାନଙ୍କୁ ନିଃସ୍ୱ କରିଦେଇଥିଲା । ଏକ ଅଗ୍ନିକାଣ୍ଡରେ ସମ୍ପୂର୍ଣ୍ଣ ରୂପେ ଭସ୍ମୀଭୂତ ହୋଇ ଯାଇଥିଲା ରୂପାଲୀଙ୍କ ପୈତୃକ ଘର । ବର୍ଷ ବର୍ଷ ଧରି ସଂଚୟ କରିଥିବା ସମସ୍ତ ସମ୍ପତି ଆଖି ପିଛୁଳାକେ ପାଉଁଶ ହୋଇଯାଇଥିଲା ।ଗ୍ରାମବାସୀଙ୍କ ସହଯୋଗରେ ସରକାରୀ ଜମି ଉପରେ ଜରିପାଲ ଟାଣି ଆଶ୍ରୟ ନେଇଥିଲେ ରୂପାଲୀଙ୍କ ପରିବାର । ଆଉ ସେହି ଅସ୍ଥାୟୀ ଝାଟିମାଟି କୁଡ଼ିଆ ପାଲଟିଛି ଆଜି ସେମାନଙ୍କ ସ୍ଥାୟୀ ଠିକଣା । ହେଲେ ସବୁଠାରୁ ବଡ଼ ଦୁଃଖର ବିଷୟ ହେଉଛି, ଏତେ ଦୁର୍ଦ୍ଦଶା ମଧ୍ୟରେ ରହୁଥିଲେ ମଧ ରୂପାଲୀଙ୍କ ପାଇଁ ବହୁ ଦୂରରେ ରହିଛି ସରକାରୀ ଯୋଜନା । ରୂପାଲୀଙ୍କ ପାଇଁ ନା ରହିଛି କୌଣସି ରାସନ କାର୍ଡ ନା ତାଙ୍କୁ ମିଳୁଛି କେଶସି ସରକାରୀ ଯୋଜନ । ନା ଦୃଷ୍ଟି ପଡୁଛି କେଉଁ ଜନ ପ୍ରତିନିଧିଙ୍କ ନା କୌଣସି ପ୍ରାଶାସନିକ ଅଧିକାରୀଙ୍କ ପାଖରେ ପହଞ୍ଚିପାରୁଛି ଏମାନଙ୍କ ଦୁର୍ଦ୍ଦଶା । ସରକାରୀ ଯୋଜନା ରୂପାଲୀଙ୍କ ପାଇଁ ସ୍ୱପ୍ନ ହୋଇ ରହିଥିବା ବେଳେ ରାସନ କାର୍ଡଟେ ମଧ କରି ପାରି ନାହାନ୍ତି ରୂପାଲୀ । ଭାଗ୍ୟକୁ ଆଦରୀ ରୂପାଲୀ ଓ ତାଙ୍କ ପରିବାର ଭଙ୍ଗା କୁଡିଆରେ ପଡ଼ିରହିଛନ୍ତି । କେବେ ସରକାର ଓ ପ୍ରଶାସନିକ ଅଧିକାରୀଙ୍କ ଶୁଭ ଦୃଷ୍ଟି ଏହି ପରିବାର ଉପରେ ପଡ଼ିବ ତାହା ଆଗାମୀ ଦିନରେ ଜଣାପଡିବ ।

## ଜଙ୍ଗଲରୁ ଅଜଣା ମହିଳାଙ୍କ ଗଳିତ ମୃତଦେହ ଠାବ

ବୈଶିଙ୍ଗା: ମୟୂରଭଞ୍ଜଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ରାଇକମା ଗ୍ରାମ ପାର୍ଶ୍ୱ ଜଙ୍ଗଲରୁ ମହିଳାଙ୍କ ଗଳିତ ମୃତଦେହ ଠାବ ହୋଇଛି ।ସୋମବାର ପୂର୍ବାହ୍ନରେ ସ୍ଥାନୀୟ ଗଜସାଥୀ ଜଙ୍ଗଲକୁ ଯାଇଥିବାବେଳେ ମୃତଦେହ ଦେଖି ଗ୍ରାମବାସୀ ଓ ପୁଲିସକୁ ଖବର ଦେଇଥିଲେ । ତେବେ ମହିଳାଙ୍କ ମୃତଦେହ ପଚିସଢ଼ି ଯାଇଥିବାରୁ ତାଙ୍କର ପ୍ରକୃତ ପରିଚୟ ମିଳି ପାରୁନି। ଘଟଣା ସ୍ଥଳରେ ବୈଶିଙ୍ଗା ଥାନା ଅଧିକାରୀ ସଦଳବଳେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପ୍ରାଥମିକ ତଦନ୍ତରୁ ମହିଳାଙ୍କୁ କେହି ଦୁର୍ବୃତ୍ତ ୩-୪ ଦିନ ପୂର୍ବରୁ ହତ୍ୟା କରି ଜଙ୍ଗଲ ଭିତରେ ଫିଙ୍ଗିଦେଇଥିବା ଅନୁମାନ କରାଯାଉଛି । ଅନ୍ୟପଟେ ବାରିପଦାରୁ ସାଇଣ୍ଟିଫିକ ଟିମ ଆସିଲା ପରେ ହିଁ ଶବ ଉଦ୍ଧାର ପୂର୍ବକ ବ୍ୟବଚ୍ଛେଦ ପାଇଁ ପଠାଯିବ ଓ ତଦନ୍ତକୁ ଜୋରଦାର କରାଯିବା ନେଇ ପୁଲିସ ସୂଚନା ଦେଇଛି । ସେହିପରି ମୃତାଙ୍କର ପ୍ରକୃତ ପରିଚୟ ମିଳିଲା ପରେ ହିଁ ମହିଳାଙ୍କ ମୃତ୍ୟୁର ସଠିକ କାରଣ ଜଣା ପଡିବ ବୋଲି ଆଶା କରାଯାଉଛି।

## ଖମାରସାହି ପ୍ରିମିଅର୍ ଲିଗ୍

### ମହାବୀର ୱାରିଅରସ୍କୁ ହରାଇ ଏ.ଏସ୍ ୱାରିଅରସ୍ ଚାମ୍ପିଅନ୍



ଦଶପଲ୍ଲା,: ଦଶପଲ୍ଲା ବ୍ଲକ୍ ଅନ୍ତର୍ଗତ ଖମାରସାହି ଠାରେ ସ୍ଥାନୀୟ ମା ବିରୋଳେଇ କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଆୟୋଜିତ ହୋଇଯାଇଛି। ପ୍ରତିଷ୍ଠିତ କ୍ରିକେଟ ମହାକୁମ୍ଭ ଖମାରସାହି ପ୍ରିମିଅର୍ ଲିଗ୍ (କଚଖ) ସିଜିନ୍ - ୮ୟ ଏହାର ଅନ୍ତିମ ତଥା ହାଇଭୋଲ୍ଟେଜ୍ ଫାଇନାଲ୍ ମ୍ୟାଚ୍ରେ ମହାବୀର ୱାରିଅରସ୍ ୧୧ ଦଳକୁ ପରାସ୍ତ କରି ଏ.ଏସ୍ ୱାରିଅରସ୍ ୧୧ ଦଳ ଚଳିତ ସିଜିନ୍ର ଗୌରବମୟ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ବ୍ଲକ୍ ଅଧକ୍ଷା ସୁନନ୍ଦା ସାହୁ, ଏନ୍.ଏ.ସି ଅଧକ୍ଷା ପୁନମ୍ ପ୍ରିୟଦର୍ଶିନୀ, ବିଜେଡ଼ି ବ୍ଲକ୍ ସଭାପତି ପ୍ରଦୀପ କୁମାର ସ୍ୱାଇଁ ଏବଂ ଖମାରସାହି ପଞ୍ଚାୟତର ସରପଞ୍ଚ ସନ୍ଧ୍ୟାରାଣୀ ବେହେରା ପ୍ରମୁଖ ଯୋଗଦେଇ କ୍ରୀଡ଼ାବିତ୍ମାନଙ୍କୁ ଉତ୍ସାହିତ କରିବା ସହ ବିଜେତା ଓ ବିଜିତ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।ଯ ଟୁର୍ଣ୍ଣାମେଣ୍ଟର ଚୂଡ଼ାନ୍ତ ମ୍ୟାଚରେ ଦୁଇ ପ୍ରତିଦ୍ୱନ୍ଦ୍ୱୀ ଦଳ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିଥିଲା। ଏ.ଏସ୍ ୱାରିଅରସ୍ ୧୧: ପ୍ରଥମେ ବ୍ୟାଟିଂ କରି ଏହି ଦଳ ନିର୍ଦ୍ଧାରିତ ୧୩ ଓଭରରେ ସମସ୍ତ ୧୦ ଗୋଟି ୱିକେଟ୍ ହରାଇ ୧୧୪ ରନ୍ର ଏକ ସମ୍ମାନଜନକ ସ୍କୋର ଛିଡ଼ା କରିଥିଲା। ଦଳ ପକ୍ଷରୁ ବିଶ୍ୱନାଥ ନାୟକ ମାତ୍ର ୦ ବଲ୍ରେ ୨୦ ରନ୍ର ଏକ ଧୂଆଁଧାର ପାଳି ଖେଳି ଦଳୀୟ ସ୍କୋରକୁ ଆଗକୁ ନେଇଥିଲେ। ମହାବୀର ୱାରିଅରସ୍ ୧୧: ୧୧୫ ରନ୍ର ବିଜୟ ଲକ୍ଷ୍ୟକୁ ପିଛା କରି ମହାବୀର ୱାରିଅରସ୍ ଦଳ ବିପକ୍ଷ ବୋଲିଂ ଆଗରେ ସଂଘର୍ଷ କରି ୧୫ ଓଭରରେ ୦୮ ଗୋଟି ୱିକେଟ୍ ହରାଇ କେବଳ ୮୭ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା।ଯଫଳସ୍ୱରୂପ, ଏ.ଏସ୍ ୱାରିଅରସ୍ ଦଳ ଚମତ୍କାର ପ୍ରଦର୍ଶନ କରି ଫାଇନାଲ୍ ମ୍ୟାଚକୁ ନିଜ ସପକ୍ଷରେ ନେଇଥିଲା। ଖମାରସାହି ପ୍ରିମିଅର୍ ଲିଗ୍ କମିଟିର ଅଧକ୍ଷ ପ୍ରଶାନ୍ତ କୁମାର ପ୍ରଧାନ ଓ ସଭାପତି ଜିତେନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ସମଗ୍ର ଟୁର୍ଣ୍ଣାମେଣ୍ଟଟି ଅତ୍ୟନ୍ତ ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଛି।

## ଟ୍ରାକ୍ଟର ଟ୍ୟାଙ୍କରରୁ ବିପୁଳ ମାତ୍ରାରେ ଗଞ୍ଜେଇ ଜବତ, ଜଣେ ଅଟକ

କନ୍ଧମାଳ: କନ୍ଧମାଳ ପୁଲିସ ଦ୍ୱାରା ବିପୁଳ ମାତ୍ରାରେ ଗଞ୍ଜେଇ ଜବତ ହୋଇଛି । ଦୈନଦିନ ପୁଲିସ ଅଧିକାରୀ ଅପରାଧୀଙ୍କ ଉପରେ କଡ଼ା ନଜର ରଖିଛନ୍ତି । ସେହିଭଳି ଆଜି ପୁଲିସ କୋଣସି ସୂତ୍ରରୁ ଖବର ପାଇ ଏହି ଗଞ୍ଜେଇ ବୋଝେଇ ଟ୍ରାକ୍ଟର ଓ ପାଣିଟାଙ୍କି ଉପରେ ଚଢ଼ାଉ କରିଥିଲା ।ସୂଚନା ଅନୁସାରେ ଇଝଓ ପ୍ରକାଶ ଭୋଇ ଓ ତାଙ୍କ ଟିମ୍ ଧରି ତେଲ ନଦୀ ବ୍ରିଜ ଦେଇ ସୋନପୁର ଜିଲ୍ଲାକୁ ଚାଲାଣ ହେଉଥିଲା । ଏଥିରେ ପୁଲିସ ଜଣଙ୍କୁ ଅଟକ ରଖି ପଚାଉଚରା କରିଥିଲା। ଅଟକ ଯୁବକ ହେଲେ ଠେଲକୋବେଡ଼ା ୨୪ ବର୍ଷୀୟ ସମ୍ବିତ ମହାନନ୍ଦ ।ପରେ ସମ୍ବି ମହାନନ୍ଦକୁ ଗିରଫ କରିଥିବା ବେଳେ ଜବତ ଗଞ୍ଜେଇକୁ ଓଜନ କଲାପରେ ୫ କ୍ୱିଣ୍ଟାଲ ୧୦ କେଜି ହୋଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି।

## ସାନ ଭାଇର ଟାଙ୍ଗିଆ ଚୋଟରେ ବଡ଼ ମୃତ

ଅନୁଗୁଳ: ଅନୁଗୁଳ ଜିଲ୍ଲା ପୁରୁଣାକୋଟ ଥାନା ପୋକୁଣ୍ଡା ଗାଁରେ ଅଭାବନୀୟ ଘଟଣା ଘଟିଛି। ସାମାନ୍ୟ ବଚସାରୁ ସାନ ଭାଇଟାଙ୍ଗିଆରେ ହାଣି ବଡ଼ ଭାଇକୁ ହତ୍ୟା କରିଛି। ସୂଚନା ମୁତାବକ, ମାଣିକଯୋଡି ପଞ୍ଚାୟତ ପୋକୁଣ୍ଡା ଗାଁର ଟିଟୁନ ସିଂ (୩୭) ଗତକାଲି ବିଳମ୍ବିତ ରାତିରେ ଘରକୁ ଫେରିଥିଲେ। ମଦ୍ୟପାନ କରି ଘରକୁ ଫେରିଥିବା ବେଳେ ଘର ଫାଟକ କେହି ଖୋଲିନଥିଲେ। ଫଳରେ ସେ ପରିବାର ଲୋକଙ୍କୁ ଗାଳି କରିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ସାନ ଭାଇ ବିପିନ ସିଂ ଏକ ଟାଙ୍ଗିଆରେ ବଡ଼ ଭାଇ ଟିଟୁନଙ୍କ ବେକକୁ ଚୋଟ ପକାଇ ଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା ।ସକାଳେ ଖବର ପାଇ ପୁରୁଣାକୋଟ ଥାନା ପୁଲିସ ପୋକୁଣ୍ଡା ଗାଁରେ ପହଞ୍ଚି ଘଟଣାର ତଦନ୍ତ କରିଥିଲା।

## ମାତାଞ୍ଜଳି ସୋସିଓ ସ୍ପିରିଚୁଆଲ ଟ୍ରଷ୍ଟ ତରଫରୁ ରଜସକ୍ରାନ୍ତି ପାଳନ

ରାଉରକେଲା: ସାମାଜିକ ଅନୁଷ୍ଠାନ ମାତାଞ୍ଜଳି ସୋସିଓ ସ୍ପିରିଚୁଆଲ ଟ୍ରଷ୍ଟ ତରଫରୁ ସେକ୍ଟର ୨ ବିଜୁପଟ୍ଟନାୟକ ଛକ ନିକଟରେ ରଜସକ୍ରାନ୍ତି ଉପଲକ୍ଷେ ସର୍ବସାଧାରଣରେ ପିଠା,ପଣା ଓ ପାନ ବର୍ଣ୍ଟନ କରାଯାଇଥିଲା। ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଇଂ ଆଲୋକ କୁମାର ମଲ୍ଲିକଙ୍କ ସଭାପତିତ୍ୱ ଓ ଶିକ୍ଷାବିତ୍ ବ୍ରଜେନ୍ଦ୍ର ଦାଶଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ମୁଖ୍ୟ ଅତିଥି,ଆଇଜିଏଚର ଭାରପ୍ରାପ୍ତ ନିର୍ଦ୍ଦେଶକ ଡାକ୍ତର ଜୟନ୍ତ କୁମାର ଆଚାର୍ଯ୍ୟ ସମ୍ମାନିତ ଅତିଥି,ଆଇଜିଏଚ ର ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ଅର୍ଚ୍ଚନା ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ରଜଉତ୍ସବ ପାଳନ ଓ ପରମ୍ପରା ଉପରେ ଆଲୋଚନା କରିଥିଲେ।

# ଆଧୁନିକତାର ଚକାଚକ୍ୟରେ ଇତିହାସ ପାଲଟିଲାଣି ପଟାଦୋଳି ଓ ପୋଡ଼ପିଠାର ସ୍ୱାଦ

ଗଣିଆ: ବଦଳୁଛି ସମୟ, ବଦଳୁଛି ପରମ୍ପରା। ଦିନ ଥିଲା ଯେତେବେଳେ ରଜ ଆସିଲେ ଗାଁ ଗଣ୍ଡା ଉତ୍ସବମୁଖର ହୋଇଉଠୁଥିଲା। ଗାଁ ଆମ୍ବତୋଟା ବା ବରଗଛ ମୂଳେ ପଡୁଥିଲା ପାରମ୍ପରିକ ପଟାଦୋଳି। ସଜବାଜ ହୋଇ ଝିଅ ବୋହୂମାନେ ଦୋଳି ଖେଳିବା ସହ ଜମୁଥିଲା ଗୀତର ଆସରୟ ବନ୍ଧୁବାନ୍ଧବଙ୍କ ଗହଣରେ ଘରେ ଘରେ ତିଆରି ହେଉଥିବା ପୋଡ଼ପିଠାର ମିଠା ସ୍ୱାଦ ଏବଂ ଆନନ୍ଦ ରଜ ପର୍ବର ମୁଖ୍ୟ ଆକର୍ଷଣ ସାଜୁଥିଲା। ମାତ୍ର ଆଜିର ଆଧୁନିକତା ଏବଂ ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବରେ ସେହି ପୁରୁଣା ମଜା ଧୀରେ ଧୀରେ ହଜିବାକୁ ବସିଲାଣି। ଆଜିକାଲି ଗାଁ ଗାଁରେ ଆଉ ସେହି ପୁରୁଣା ପଟାଦୋଳି ଦେଖିବାକୁ ମିଳୁନାହିଁ। ଗ୍ରାମୀଣ ପରିବେଶର ସେହି ପ୍ରାକୃତିକ ଦୋଳିର ସ୍ଥାନ ଏବେ ନେଇଛି ସହରୀ ପାର୍କର କୃତ୍ରିମ



ଦୋଳି ।ଗାଁର ଯୁବପିଢ଼ି ଏବେ ପାରମ୍ପରିକ ଢଙ୍ଗରେ ରଜ ମନେଇବା ଅପେକ୍ଷା ସହରର ବିଭିନ୍ନ ପାର୍କ, ମଲ୍ କିମ୍ବା ପର୍ଯ୍ୟଟନ ସ୍ଥଳୀକୁ ବୁଲିଯିବାକୁ ଅଧିକ ପସନ୍ଦ କରୁଛନ୍ତି। ସାମାଜିକ ଗଣମାଧ୍ୟମ ବା ସୋସିଆଲ ମିଡିଆର ପ୍ରଭାବ ରଜ ପର୍ବର ସ୍ୱରୂପକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଛି। ପାର୍କରେ ବୁଲି, ନୂଆ ପୋଷାକ ପିନ୍ଧି କେବଳ ଫଟୋ ଉଠାଇବା ଏବଂ ମୋବାଇଲରେ 'ରିଲ୍ସ' ପ୍ରସ୍ତୁତ କରିବାରେ ଯୁବବର୍ଗ ଅଧିକ ମାତିଛନ୍ତି। ପାରମ୍ପରିକ ରଜ ଗୀତର ସ୍ଥାନ ଏବେ ନେଇଛି ଆଧୁନିକ ଫିଲ୍ମ ଗୀତ ଏବଂ ଟ୍ରେଣ୍ଡିଂ ମ୍ୟୁଜିକ୍। ସୋସିଆଲ ମିଡିଆରେ ନିଜକୁ ଉପସ୍ଥାପିତ କରିବାର ପ୍ରତିଯୋଗିତା ମଧ୍ୟରେ ଗ୍ରାମୀଣ ସଂସ୍କୃତିର ସେହି ନିଛକ ଆନନ୍ଦ କେଉଁଆଡ଼େ ହଜିଯାଉଛି। ଆଜିର ବ୍ୟସ୍ତବହୁଳ ଜୀବନ ଏବଂ ମୋବାଇଲ ସଂସ୍କୃତି ଯୋଗୁଁ ରଜର ବାସ୍ନା କମିଯାଇଛି। ପୋଡ଼ପିଠା ଖାଇବା ଓ ବନ୍ଧୁମିଳନର ସେହି ନିଆରା ପରମ୍ପରା ଏବେ କେବଳ ଏକ ଇତିହାସ ପାଲଟିବାକୁ ବସିଲାଣି।ସଂସ୍କୃତି ପ୍ରେମୀଙ୍କ ମତରେ, ଆଧୁନିକତା ଆବଶ୍ୟକ ମାତ୍ର ନିଜ ମାଟିର ପରମ୍ପରା ଏବଂ ପର୍ବପର୍ବାଣୀର ମୂଳ ସ୍ୱାଦକୁ ଭୁଲିଯିବା ଆଦୌ ଶୁଭଙ୍କର ନୁହେଁ। ଯଦି ଏହିଭଳି ଭାବେ ଆଧୁନିକତା ଗ୍ରାମୀଣ ପରମ୍ପରାକୁ ଗ୍ରାସ କରିଚାଲେ, ତେବେ ଆଗାମୀ ପିଢ଼ି ପାଇଁ ଓଡ଼ିଶାର ଏହି ଗଣପର୍ବ ରଜ କେବଳ ବହିପୃଷ୍ଠାରେ ସୀମିତ ହୋଇ ରହିଯିବ।

# ଆନ୍ଧ୍ର ପ୍ରଦେଶର ଅଳିଆ ଅବର୍ଜନା ପକାଯାଉଛି ଓଡ଼ିଶାରେ

## ଜିଲ୍ଲାପାଳଙ୍କୁ ଅବଗତ କଲେ ବିଧାୟକ



ଗଜପତି: ଆନ୍ଧ୍ର ପ୍ରଦେଶ ଶ୍ରୀକାକୁଳମ ଜିଲ୍ଲା ପୁରୁଣାପାଟଣା ର ଅଳିଆ ଅବର୍ଜନା ଆଣି ଓଡ଼ିଶା ର ମହେନ୍ଦ୍ରତନୟା ନଦୀତଟ ରେ ପକାଯାଉଛି। ଆଗରୁ ହିଁ ଆନ୍ଧ୍ରର କୁପାଦୃଷ୍ଟି ରହିଛି ଓଡ଼ିଶା ଉପରେ , ଆନ୍ଧ୍ରର ପାତପାତାନମ ଗ୍ରାମ ର ସଂଗୃହିତ ମଇଳା ଓ ବିଭିନ୍ନ ଅପବ୍ୟହୃ ବିଷାକ୍ତ ପର୍ଯ୍ୟବସ୍ତୁ ପ୍ରତିଦିନ ଅଣାଯାଇ ପାରଳା ସହର ଲାଗିରହିଥିବା ମହେନ୍ଦ୍ରତନୟା ନଦୀ ରେ ପକାଇଯାଉଛି। ଯାହାଦ୍ୱାରା ନଦୀର ପାଣି ପ୍ରଦୂଷିତ ହେବା ସହ ପରିବେଶ ଉପରେ କୁ ପ୍ରବାହ ପଡୁଥିଛି। ଏହି ଖବର ପାଇ ମନ୍ୟବର୍ ପାରଳା ବିଧାୟକ ରୂପେସ ପାଣିଗ୍ରାହୀ ଜିଲ୍ଲାପାଳ ଙ୍କୁ ଅବଗତ କରିଛନ୍ତି, ଆଗାମୀ ୨/୩ ଦିନ ମଧ୍ୟରେ ଆନ୍ଧ୍ର ପ୍ରଦେଶ ଶ୍ରୀକାକୁଲମ ଜିଲ୍ଲା ପାତପତାନମ ବିଧାୟକ ଓ ଆନ୍ଧ୍ର ଜିଲ୍ଲା ପ୍ରଶାସନ କୁ ଅବଗତ କରିବେ, ଯଦି ଆନ୍ଧ୍ର ପ୍ରଶାସନ ନସୁଣନ୍ତି ଉଚିତ୍ ଜବାବ ଦିଆଯିବ ବୋଲି ବିଧାୟକ ଜଣାଇଛନ୍ତି।

## ୧୦ ଜଣ ଙ୍କ ଘରୁ ୱାଟର ମିଟର ଚୋରି



ପାରଳାଖେମୁଣ୍ଡି,: ଗଜପତି ଜିଲ୍ଲାର ସଦର ମହକୁମା ପାରଳାଖେମୁଣ୍ଡି ସହରରେ ରାଜଦାଣ୍ଡର ୧୦ ଗୋଟି ବାସଗୃହରୁ ୱାଟର ମିଟର ଚୋରି ହୋଇଥିବା ଅଭିଯୋଗ ହୋଇଛି ।ଘଟଣାରୁ ପ୍ରକାଶ, ପାରଳାଖେମୁଣ୍ଡି ଜନ ସ୍ୱାସ୍ଥ୍ୟ ବିଭାଗ ତରଫରୁ ପ୍ରତ୍ୟେକ ହିତାଧିକାରୀଙ୍କ ବାସଗୃହରେ କେତେ ପରିମାଣରେ ପାଣି ବିନିଯୋଗ ହେଉଛି ତାହା ଜାଣିବା ସହ ଏଥିପାଇଁ ଆବଶ୍ୟକ ଟିକସ ଆଦାୟ ପାଇଁ ୱାଟର ମିଟର ଖଞ୍ଜା ଯାଇଛି। ଏହି ମିଟର ଗୁଡିକ ଗତ କିଛି ମାସ ହେଲା ଚୋରି ହେଉଥିବା ଅଭିଯୋଗ ରହି ଆସିଛି। ପାରଳା ସହରର ପ୍ୟାଲେସ ଷ୍ଟ୍ରିଟ (ରାଜଦାଣ୍ଡ)ର ୧୦ ଜଣ ହିତାଧିକାରୀଙ୍କ ବାସଗୃହରୁ ଗତକାଲି ରାତ୍ରରେ ଏକକାଳୀନ ୧୦ ଗୋଟି ୱାଟର ମିଟର ଚୋରି ହୋଇଯାଇଛି। ଏଇ ମିଟର ଗୁଡିକର ଚାହିଦା ପଡୋଶୀ ଆନ୍ଧ୍ରପ୍ରଦେଶରେ ରହିଥିବା ଯୋଗୁଁ କୌଣସି ଏକ ନିର୍ଦ୍ଧିଷ୍ଟ ଚୋର ଦଳ ଏହି ମିଟର ଗୁଡିକୁ ଚୋରାଇ ନେଉଥିବା ଅଭିଯୋଗ ହୋଇଛି। ଖବର ଲେଖିବା ସୁଦ୍ଧା ପାରଳାଖେମୁଣ୍ଡି ଥାନାରେ ମିଟର ଚୋରି ନେଇ କୌଣସି ଅଭିଯୋଗ ହୋଇନଥିବା ଜଣା ପଡିଛି।

## ରାଜ୍ୟ ହୋଟେଲ ମ୍ୟାନେଜମେଣ୍ଟ ଇନଷ୍ଟିଚ୍ୟୁଟରେ ପଢିବେ ୨ ଆଶ୍ରମର ବାଳିକା

ରାଉରକେଲା: ଉଭୟ ପିତା ମାତା ହରାଇଥିବା ଓ ସେମାନଙ୍କ ଶିକ୍ଷାକୁ ସୁନିଶ୍ଚିତ ଓ ଶୈଶବ କୁ ସ୍ୱାଭାବିକ କରିବା ପାଇଁ ସରକାର ବିଭିନ୍ନ ଯୋଜନା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଜଗଦା ସ୍ଥିତ ଆଶ୍ରମ ମାନବ ସେବା ପ୍ରତିଷ୍ଠାନ ର ଦୁଇ ଜଣ ବାଳିକା ସୁଶ୍ରୀ ନନ୍ଦିନୀ ନାଏକ ଓ ସୁଶ୍ରୀ ନନ୍ଦିନୀ ସାହୁ ଚୟନ ପ୍ରକ୍ରିୟା ରେ ଯୋଗ୍ୟ ବିବେଚିତ ହୋଇ ଓଡିଶା ପର୍ଯ୍ୟଟନ ବିଭାଗ ଦ୍ୱାରା ସ୍ୱୀକୃତିପ୍ରାପ୍ତ ବଲାଙ୍ଗୀର ସ୍ଥିତ ଷ୍ଟେଟ ଇନଷ୍ଟିଚ୍ୟୁଟ ଅଫ ହୋଟେଲ



ମ୍ୟାନେଜମେଣ୍ଟରେ ନାମ ଲେଖାଇଛନ୍ତି। ଏହି ଦୁଇଜଣ ବାଳିକା ଉକ୍ତ ଅନୁଷ୍ଠାନରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଉଚ୍ଚଶିକ୍ଷା ଗ୍ରହଣ କରିବା ସହିତ ଓଡ଼ିଶା ପର୍ଯ୍ୟଟନ ବିଭାଗ ଦ୍ୱାରା ସ୍ୱୀକୃତିପ୍ରାପ୍ତ ବିଭିନ୍ନ ସଂସ୍ଥା ଓ ଶିଳ୍ପ ସଂସ୍ଥାନ ରେ ନିଯୁକ୍ତି ପାଇ ପାରିବେ। ସୂଚନାଯୋଗ୍ୟ ଯେ ସୁଶ୍ରୀ ନାଏକ ଯୁକ୍ତ ଦୁଇ ବିଜ୍ଞାନରେ ୬୦୦ ମାର୍କ ରୁ ୩୬୩ ଓ ସୁଶ୍ରୀ ସାହୁ ଯୁକ୍ତ ଦୁଇ କଳାରେ ୬୦୦ ରୁ ୪୧୯ ମାର୍କ ରଖି ଯୋଗ୍ୟ ବିବେଚିତ ହୋଇଛନ୍ତି।ଯ ପ୍ରତିଷ୍ଠାନର ର ଅଧକ୍ଷ ଅଞ୍ଜନ ଦେ ଓ ଆଶ୍ରମର ପରିଚାଳିକା ହେମନ୍ତା ତାଣ୍ଡିଆ ଏଥିପାଇଁ ଖୁସି ବ୍ୟକ୍ତ କରିବା ସହ ଭଲକାମ,ଭଲପାଠ ପଢି ଅନୁଷ୍ଠାନର ନାମକୁ ଉଚ୍ଚ କରିବା ସହ ନିଜେ ସ୍ୱାବଲମ୍ବୀ ହୋଇ ଅନ୍ୟ ମାନଙ୍କ ପାଇଁ ପ୍ରେରଣା ହୁଅ ବୋଲି ଆର୍ଶିବାଦ କରିଥିଲେ।

## ୧୯୯୮ ବ୍ୟାଚ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

ଆଳି:କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଚକ୍ରଧର ହାଇସ୍କୁଲର ୧୯୯୮ ବ୍ୟାଚ ମାଟ୍ରିକ ଛାତ୍ରଛାତ୍ରୀଙ୍କର ଏକ ବନ୍ଧୁ ମିଳନ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ବନ୍ଧୁମିଳନ ଉତ୍ସବରେ ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ମହାପାତ୍ର, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଧୀର ଚରଣ ମହାନ୍ତି, ଶିକ୍ଷକ ବିଜୟ କୁମାର ଦାସ, ଉପେନ୍ଦ୍ର କୁମାର ଦାଶ,ଅନାଦି ଚରଣ ମହାନ୍ତି, କମଳା କାନ୍ତ ଲାହା,ରମେଶ ଚନ୍ଦ୍ର ମହାନ୍ତି, ଅଭିରାମ ପାତ୍ର,କାର୍ତିକ ଜେନା, ପ୍ରିୟରଞ୍ଜନ ଦାଶ, ଶିବରାମ ପାଣି,କଳ୍ପତରୁ ବରାଳ ପ୍ରମୁଖ ଯୋଗ ଦେଇ ଥିଲେ । ଛାତ୍ର ଛାତ୍ରୀ ମାନେ ଅତିଥି ଭାବେ ଯୋଗଦାନ କରିଥିବା ଶିକ୍ଷକ ମାନଙ୍କୁ ପୂଜା କରିବା ସହ ମାନପତ୍ର, ଅଙ୍ଗସ୍ତ୍ର,



ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ।


## ରାଜ୍ୟ ହୋଟେଲ ମ୍ୟାନେଜମେଣ୍ଟ ଇନଷ୍ଟିଚ୍ୟୁଟରେ ପଢିବେ ୨ ଆଶ୍ରମର ବାଳିକା

ରାଉରକେଲା: ଉଭୟ ପିତା ମାତା ହରାଇଥିବା ଓ ସେମାନଙ୍କ ଶିକ୍ଷାକୁ ସୁନିଶ୍ଚିତ ଓ ଶୈଶବ କୁ ସ୍ୱାଭାବିକ କରିବା ପାଇଁ ସରକାର ବିଭିନ୍ନ ଯୋଜନା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଜଗଦା ସ୍ଥିତ ଆଶ୍ରମ ମାନବ ସେବା ପ୍ରତିଷ୍ଠାନ ର ଦୁଇ ଜଣ ବାଳିକା ସୁଶ୍ରୀ ନନ୍ଦିନୀ ନାଏକ ଓ ସୁଶ୍ରୀ ନନ୍ଦିନୀ ସାହୁ ଚୟନ ପ୍ରକ୍ରିୟା ରେ ଯୋଗ୍ୟ ବିବେଚିତ ହୋଇ ଓଡିଶା ପର୍ଯ୍ୟଟନ ବିଭାଗ ଦ୍ୱାରା ସ୍ୱୀକୃତିପ୍ରାପ୍ତ ବଲାଙ୍ଗୀର ସ୍ଥିତ ଷ୍ଟେଟ ଇନଷ୍ଟିଚ୍ୟୁଟ ଅଫ ହୋଟେଲ ମ୍ୟାନେଜମେଣ୍ଟରେ ନାମ ଲେଖାଇଛନ୍ତି। ଏହି ଦୁଇଜଣ ବାଳିକା ଉକ୍ତ ଅନୁଷ୍ଠାନରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଉଚ୍ଚଶିକ୍ଷା ଗ୍ରହଣ କରିବା ସହିତ ଓଡ଼ିଶା ପର୍ଯ୍ୟଟନ ବିଭାଗ ଦ୍ୱାରା ସ୍ୱୀକୃତିପ୍ରାପ୍ତ ବିଭିନ୍ନ ସଂସ୍ଥା ଓ ଶିଳ୍ପ ସଂସ୍ଥାନ ରେ ନିଯୁକ୍ତି ପାଇ ପାରିବେ। ସୂଚନାଯୋଗ୍ୟ ଯେ ସୁଶ୍ରୀ ନାଏକ ଯୁକ୍ତ ଦୁଇ ବିଜ୍ଞାନରେ ୬୦୦ ମାର୍କ ରୁ ୩୬୩ ଓ ସୁଶ୍ରୀ ସାହୁ ଯୁକ୍ତ ଦୁଇ କଳାରେ ୬୦୦ ରୁ ୪୧୯ ମାର୍କ ରଖି ଯୋଗ୍ୟ ବିବେଚିତ ହୋଇଛନ୍ତି।ଯ ପ୍ରତିଷ୍ଠାନର ର ଅଧକ୍ଷ ଅଞ୍ଜନ ଦେ ଓ ଆଶ୍ରମର ପରିଚାଳିକା ହେମନ୍ତା ତାଣ୍ଡିଆ ଏଥିପାଇଁ ଖୁସି ବ୍ୟକ୍ତ କରିବା ସହ ଭଲକାମ,ଭଲପାଠ ପଢି ଅନୁଷ୍ଠାନର ନାମକୁ ଉଚ୍ଚ କରିବା ସହ ନିଜେ ସ୍ୱାବଲମ୍ବୀ ହୋଇ ଅନ୍ୟ ମାନଙ୍କ ପାଇଁ ପ୍ରେରଣା ହୁଅ ବୋଲି ଆର୍ଶିବାଦ କରିଥିଲେ।


## ନିଖୋଜ ଥିବା ପୁଅର ସନ୍ଧାନ ପାଇଁ ବାପା ସେରଙ୍ଗ ଥାନାର ଦ୍ୱାରସ୍ଥ



ପାରଳାଖେମୁଣ୍ଡି, : ଗତ ୧ ମାସରୁ ଉର୍ଦ୍ଧ ସମୟ ଧରି ନିଖୋଜ ଥିବା ପୁଅର ସନ୍ଧାନ ପାଇଁ ବାପା ସେରଙ୍ଗ ଥାନାର ଦ୍ୱାରସ୍ଥ ହୋଇଥିବା ସୂଚନା ମିଳିଛି। ଘଟଣାରୁ ପ୍ରକାଶ, ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ବାଇଝାଲି ପଞ୍ଚାୟତ ପାଢୁମସିଂ ଗ୍ରାମର ପ୍ରେମାନ୍ତ ଗମାଙ୍ଗଙ୍କ ପୁଅ ଭିଂସେଣ୍ଟ ଗମାଙ୍ଗ (୨୯) ଦୀର୍ଘ ଏକ ମାସ ହେଲା ନିଖୋଜ ଅଛନ୍ତି । ଭିଂସେଣ୍ଟ କିଛି ବର୍ଷ ତଳେ ଆକସ୍ମିକ ଭାବେ ମସ୍ତିଷ୍କ ସନ୍ତୁଳନ ହରାଇଥିଲେ। ପ୍ରେମାନ୍ତ ପୁଅକୁ ଭୁବନେଶ୍ୱରସ୍ଥିତ ହାଇଟେକ ମେଡିକାଲ ନେଇ ସେଠାରେ କିଛି ମାସ ରଖି ସୁସ୍ଥ କରି ଘରକୁ ଆଣିଥିଲେ। ଭିଂସେଣ୍ଟ କିଛି ବର୍ଷ ହେଲା ଗ୍ରାମରେ ଭଲରେ ଥିଲେ। ବର୍ତ୍ତମାନ ୧ ମାସ ହେଲା ପୁନର୍ବାର ତାଙ୍କର ମସ୍ତିଷ୍କ ସନ୍ତୁଳନ ଯୋଗୁଁ ସେ ହରାଇ କେଉଁଆଡେ ଚାଲିଯାଇଛନ୍ତି। ପ୍ରେମାନ୍ତ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ପାଇନହାନ୍ତି ଓ ଶେଷରେ ସେ ସେରଙ୍ଗ ଥାନାରେ ଦ୍ୱାରସ୍ଥ ହୋଇ ଥାନା ଅଧିକାରୀ କମଳା ଚୌଧୁରୀଙ୍କୁ ସାକ୍ଷାତ କରି ଏତଲା ଦେବା ସହ ନିଖୋଜ ପୁଅର ସନ୍ଧାନ ପାଇଁ ଅନୁରୋଧ ଜଣାଇଛନ୍ତି।

# ପୁଣି ସାମ୍ନାକୁ ଆସିଛି ବିଦ୍ୟୁତ ବିଭାଗର ଅପାରଗତା

ଅସ୍ତରଙ୍ଗ : ଦିନକୁ ଦିନ ଅସ୍ତରଙ୍ଗ ବିଦ୍ୟୁତ ବିଭାଗ ର ଅପାରଗତା ସାମ୍ନା କୁ ଆସୁଛି, ପ୍ରଥମତଃ ଅଘୋଷିତ ବିଦ୍ୟୁତ କାଟ ପାଇଁ ସ୍ଥାନୀୟ ଲୋକ ଙ୍କ ଅସହ୍ୟ ଯନ୍ତ୍ରଣା ଆଜିବି ଲିଭିନି, କେଉଁଠି ଏଲଟି କେବୁଲ କଟୁଛି ତ କେଉଁଠି ୧୧ କେଭି ବିଦ୍ୟୁତ କେବୁଲ ହଟାତ କଟୁଛି, କେଉଁଠି ଘର ଜଳୁଛି ତ ଆଉ କେଉଁଠି ଏମାନଙ୍କ ଅପାରଗତ ପାଇଁ ଜୀବନ ବି ଚାଲିଯାଉଛି, ମୋଟାମୋଟୀ ଭାବେ କହିବାକୁ ଗଲେ ଟାଟା ପାୱାର ହାତରେ ବିଦ୍ୟୁତ ବିଭାଗ କାର୍ଯ୍ୟ କରିବା ଦିନଠୁ ପ୍ରତ୍ୟେକ ମୁହୂର୍ତ୍ତ ରେ ଭିନ୍ନ ଭିନ୍ନ ସ୍ଥାନରୁ ଲୋକ ଙ୍କ ଆମ୍ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗୁଛି,ବର୍ତ୍ତମାନ ଅସ୍ତରଙ୍ଗ ବ୍ଲକ କୁହୁଡି ଗ୍ରାମ ଉକୁଳେଇ କୁହୁଡି ନଦୀବନ୍ଧ ଦେଇ ଯାଇଥିବା ୩୩ କେଭି ବିଦ୍ୟୁତ ଖୁଣ୍ଟି ମୂଳ ଷ୍ଟାଣ୍ଡ ରୁ ଖସି ଲିଯାଇଛି, ଯାହା ସମ୍ପୂର୍ଣ୍ଣ ବିପଦପୂର୍ଣ୍ଣ ଅବସ୍ଥା ରେ ରହିଛି, ସ୍ଥାନୀୟ ଲୋକ ଙ୍କ କହିବା ମୁତାବକ ଯେତେବେଳେ ବର୍ଷା ପବନ ଅତ୍ୟଧିକ ହେଉଛି ସେ ସମୟ ରେ ଏହି ଖୁଣ୍ଟି ଦୋହଲିବାରେ ମଧ ଲାଗୁଛି, ଏହି ନଦୀ ବନ୍ଧ ଦେଇ ପ୍ରତ୍ୟେକ ଅନେକ ଗ୍ରାମବାସୀ ଯାତାୟାତ କରୁଥିବା ବେଳେ ବନ୍ଧ ତଳେ ଥିବା ଚାଷ ଜମି ରେ ଚାଷୀ ମାନେ ନିଜ ଜୀବନ ଜୀବିକା ପାଇଁ କାର୍ଯ୍ୟ କରୁଛନ୍ତି, ଏହି ବିଦ୍ୟୁତ ଖୁଣ୍ଟ ଯେଉଁପରି ବିପଦ ପୂର୍ଣ୍ଣ ଅବସ୍ଥା ରେ ଅଛି କେତେବେଳେ ବି କେଉଁ ପରିସ୍ଥିତି ରେ ଏହା ଏକ ସମ୍ଭାବ୍ୟ ବିପଦପୂର୍ଣ୍ଣ ଦୁର୍ଘଟଣା ଘଟାଇପାରେ, ଯାହାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ଙ୍କ ଭିତରେ ବିଭାଗ ପ୍ରତି ଅସନ୍ତୋଷ ବୃଦ୍ଧି ପାଇଛି , ଜରୁରୀକାଳୀନ ପରିସ୍ଥିତି ରେ ବି ଏହି ଘଟଣା କାହାକୁ କର୍ଣ୍ଣପାତ କଲେ ଏହା ପ୍ରତି ବିଦ୍ୟୁତ ବିଭାଗ ର ଦୃଷ୍ଟି ପଡୁନି ବୋଲି ଲୋକ ଅଭିଯୋଗ ଆଣୁଛନ୍ତି, ଏହି ଘଟଣା କୁ ନେଇ କୁହୁଡି ଗ୍ରାମ ର ଅର୍ଜୁନ ମଲ୍ଲିକ ଙ୍କ ସମେତ ଅନ୍ୟ ଗ୍ରାମବାସୀ ମାନେ ଅଭିଯୋଗ ଉଠାଇଛନ୍ତି ଯେ ତୁରନ୍ତ ଉକୁଳେଇ ବିଦ୍ୟୁତ ବିଭାଗ ଏହାକୁ ଉଠାଇ ସ୍ଥାୟୀ ନିରାପଦ ଲେଇ କରନ୍ତୁ, ନଚେତ ଆଗାମୀ ଦିନ ରେ କୁହୁଡି ଲୋକ ଙ୍କ ତରଫରୁ ସ୍ଥାନୀୟ ବିଦ୍ୟୁତ ବିଭାଗ କୁ ବିରୋଧ ପଦର୍ଶନ କରାଯିବ,ଏ ସଂକ୍ରାନ୍ତ ରେ ସ୍ଥାନୀୟ ଯନ୍ତ୍ରୀ ଙ୍କୁ ଯୋଗାଯୋଗ କରିଥିଲେ ବି ତାଙ୍କ ତରଫରୁ କୌଣସି ପ୍ରକାର ଯୋଗାଯୋଗ ହୋଇନଥିଲା, ଆଗକୁ ପଞ୍ଚାୟତ ର୍ନିବାଚନ ସେଥିପାଇଁ ବିଭାଗ ଏହି ଘଟଣା କୁ ଦୃଷ୍ଟି ଦେଇ ତୁରନ୍ତ ଏହାର ସମାଧାନ କରିବାକୁ ସ୍ଥାନୀୟ ଲୋକ ଦାବୀ କରିଛନ୍ତି ।



# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ






## ପୁଣି ଭାଙ୍ଗିଲା ଶିବସେନା; ୬ ବିଦ୍ରୋହୀ ସାଂସଦ ସିନ୍ଦେଙ୍କୁ ନେତା ମାନି ଲୋକସଭା ବାଚସ୍ପତିଙ୍କୁ ଦେଲେ ଚିଠି

ନୂଆଦିଲ୍ଲୀ: ମମତା ବାନାର୍ଜୀଙ୍କ ଟିଏମସି ପରେ ଉଦ୍ଧବ ଠାକରେଙ୍କ ଶିବସେନା(ୟୁବିଟି) ମଧ୍ୟରେ ବିଭାଜନ ନିଶ୍ଚିତ ହୋଇଯାଇଛି । ମହାରାଷ୍ଟ୍ରରେ ଉଦ୍ଧବ ଠାକରେଙ୍କୁ ପୁଣି ଥରେ ବଡ଼ ରାଜନୈତିକ ଝଟକା ଲାଗିଛି । ଶିବସେନା (ୟୁବିଟି)ର ନଅ ଜଣ ଲୋକସଭା ସାଂସଦଙ୍କ ମଧ୍ୟରୁ ଛଅ ଜଣ ଠାକରେଙ୍କୁ ଛାଡି ନିଜସ୍ୱ ଗୋଷ୍ଠୀଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଶିବସେନା (ୟୁବିଟି)ର ଛଅ ଜଣ ସାଂସଦ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ଏକ ଚିଠି ଲେଖି ଅନୁରୋଧ କରିଛନ୍ତି ଯେ ସେମାନଙ୍କୁ ଏକ ପୃଥକ ଗୋଷ୍ଠୀ ଭାବରେ ବିବେଚନା କରାଯାଉ । ବାଚସ୍ପତିଙ୍କୁ ଚିଠି ଲେଖିଥିବା ଶିବସେନା (ୟୁବିଟି) ସାଂସଦମାନଙ୍କ ମଧ୍ୟରେ ସଞ୍ଜୟ ଯାଧବ, ସଞ୍ଜୟ ଦେଶମୁଖ, ନାଗେଶ ପାଟିଲ ଅଷ୍ଟିକାର, ଓମରାଜେ ନିମ୍ବାଲକର, ଭାଉସାହେବ ୱାକଚୌରେ ଓ ସଞ୍ଜୟ ଦିନା ପାଟିଲ ଅଛନ୍ତି । ଶିବସେନା (ୟୁବିଟି) ଟିକେଟରେ ଜିତିଥିବା ନଅ ଜଣ ସାଂସଦଙ୍କ ମଧ୍ୟରୁ ଛଅ ଜଣ ଏକନାଥ ସିନ୍ଦେଙ୍କୁ ସମର୍ଥନ କରିଥିବାବେଳେ ତିନି ଜଣଉଦ୍ଧବ ଠାକରେଙ୍କ ସହିତ ରହିଛନ୍ତି । ୫୦ କୋଟି ଟଙ୍କାରେ ସାଂସଦଙ୍କୁ କିଣା ଯାଇଥିବା ଏହାପୂର୍ବରୁ ଶିବସେନା (ୟୁବିଟି) ରାଜ୍ୟସଭା ସାଂସଦ ସଞ୍ଜୟ ରାଉତ ଅଭିଯୋଗ କରିଥିଲେ ।

## କେନ୍ଦ୍ର ସରକାରଙ୍କୁ ଟେଲିଗ୍ରାମ ସିଇଓଙ୍କ ସମାଲୋଚନା

ନୂଆଦିଲ୍ଲୀ: ନୀଟ-ୟୁଜି ପୁନଃ ପରୀକ୍ଷା ପାଇଁ ଭାରତ ସରକାର ଟେଲିଗ୍ରାମ ଆପ୍‌କୁ ବ୍ୟାନ୍ କରିବାକୁ ସମାଲୋଚନା କରିଛନ୍ତି ଏହାର ସିଇଓ ପାଭେଲ ଦୁରୋଭ । ଏଭଳି ନିଷ୍ପତ୍ତି ନେଇ ଅକାରଣରେ ସାଧାରଣ ୟୁଜରଙ୍କୁ ଦଣ୍ଡିତ କରାଯାଉଛି । ଭାରତର ୧୫ କୋଟିରୁ ଅଧିକ ସାଧାରଣ ବ୍ୟବହାରକାରୀ ଅଛନ୍ତି । ସେମାନେ ଏଥିରେ ପ୍ରଭାବିତ ହେବେ, ଏହା ସେମାନଙ୍କୁ ଅକାରଣରେ ଦଣ୍ଡ ଦେଉଛି, କାଗଜପତ୍ର ଲିକ୍ କରିଥିବା ଲୋକଙ୍କୁ ନୁହେଁ ବୋଲି ପାଭେଲ ଦୁରୋଭ କହିଛନ୍ତି । ଭାରତ ସରକାରଙ୍କୁ ସେ ସମାଲୋଚନା କରି ଲେଖିଛନ୍ତି "ଭାରତର ଆଇଟି ମନ୍ତ୍ରଣାଳୟ ଟେଲିଗ୍ରାମକୁ ଗୋଟିଏ ସପ୍ତାହ ପାଇଁ ନିଷେଧ କରିଛନ୍ତି । କାରଣ କିଛି ବ୍ୟବହାରକାରୀ ପରୀକ୍ଷା ପ୍ରଶ୍ନ ଲିକ୍ କରିଥିଲେ । ଏହା ଭାରତରେ ୧୫୦ ମିଲିୟନରୁ ଅଧିକ ସାଧାରଣ ଟେଲିଗ୍ରାମ ବ୍ୟବହାରକାରୀଙ୍କୁ ଦଣ୍ଡିତ କରିବ, ପରୀକ୍ଷା ସାମଗ୍ରୀ ଲିକ୍ କରିଥିବା ଭିତରର ଲୋକଙ୍କୁ ନୁହେଁ ।" ତା' ଛଡ଼ା କୌଣସି ବ୍ୟାନ୍ ପ୍ରଶ୍ନପତ୍ର ଲିକକୁ ରୋକିପାରିବ ନାହିଁ, ଏହା ଅନ୍ୟ ଆପ ମାଧ୍ୟମରେ ମଧ୍ୟ ହୋଇପାରିବ ବୋଲି ଦୁରୋଭ କହିଛନ୍ତି । ଜୁନ୍ ୨୧ରେ ହେବାକୁ ଥିବା ନୀଟ୍-ୟୁଜି (ଘରରଞ୍ଜ-ଟଏ) ପରୀକ୍ଷାକୁ ଆଉ କିଛି ଦିନ ବାକି ଥିବାବେଳେ, ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଘଞ୍ଜଇ) ଟେଲିଗ୍ରାମ୍ ମାଧ୍ୟମରେ ଚାଲିଥିବା ଏକ ବଡ଼ ଧରଣର ଦୁର୍ନୀତି ରାକେଟ୍ର ପର୍ଦ୍ଦାଫାସ କରିଛି । ଏକ ଭିଡିଓ ବାର୍ତ୍ତାରେ, ଘଞ୍ଜଇ ମହାନିର୍ଦ୍ଦେଶକ ଅଭିଷେକ ସିଂହ ବିସ୍ତାର ଭାବେ ବୁଝାଇଛନ୍ତି ଯେ ଏହି ମେସେଜିଂ ଆପ୍ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଟାର୍ଗେଟ୍ କରି ଦୁଇଟି ଠକେଇ ରାକେଟ୍ ଚାଲୁଥିଲା ବୋଲି କହିଛନ୍ତି । ଏଥିସହିତ ଗୁଗଲ ଓ ଆପଲ୍‌କୁ ନିର୍ଦ୍ଦିଷ୍ଟ ସମୟ ପାଇଁ ଟେଲିଗ୍ରାମକୁ ବ୍ୟାନ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ପରୀକ୍ଷା ସମୟରେ ପ୍ରଶ୍ନପତ୍ର ଲିକ୍ ରୋକିବା ପାଇଁ ସରକାର ଗୁଗୁଲ୍ ଏବଂ ଆପଲ୍‌କୁ ଜୁନ୍ ୨୨ ପର୍ଯ୍ୟନ୍ତ ସେମାନଙ୍କ ଆପ୍ ଷ୍ଟୋରରୁ ଟେଲିଗ୍ରାମ୍ ଆପ୍ ହଟାଇବାକୁ କହିଛନ୍ତି । ଜୁନ୍ ୧୬ ରାତି ୯ଟା ସୁଦ୍ଧା, ଆଣ୍ଡ୍ରଏଡରେ ଆପ୍ ବ୍ୟାନ୍ ହୋଇସାରିଛି ଏବଂ ଆପଲ୍ ଡିଭାଇସରେ ମଧ୍ୟ ବ୍ୟାନ୍ ହେବାର ସମ୍ଭାବନା ଅଛି । ଆଣ୍ଡ୍ରଏଡ୍ ବ୍ୟବହାରକାରୀ ଗୁଗୁଲ୍ ପ୍ଲେ ଷ୍ଟୋରରୁ ଟେଲିଗ୍ରାମ୍ ଡାଉନଲୋଡ୍ କରିବାକୁ ଗଲେ 'ଗ୍ଧଷସସ୍ମ ବକ୍ଟକ୍ଟ ସସ୍ମ ଭକ୍ଟସ୍ମ ବଙ୍ଗବସକ୍ଷ-ବଭକ୍ଷର' ଲେଖା ଦେଖୁଛନ୍ତି । ଯେଉଁମାନେ ପୂର୍ବରୁ ଡାଉନଲୋଡ୍ କରିଛନ୍ତି, ସେମାନେ ଏହାକୁ ବ୍ୟବହାର କରିବାରେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି ବୋଲି ଚଞ୍ଚଓ ରିପୋର୍ଟ କରିଛି । ଆପଲ୍ ଆପ୍ ଷ୍ଟୋରରେ ଆପ୍ ଦେଖାଯାଉଥିଲେ ମଧ୍ୟ, ଆଇଫୋନରେ ନୂଆ ଆକାଉଣ୍ଟ ସକ୍ରିୟ ହୋଇପାରୁ ନାହିଁ । ସରକାର ଟେଲିଗ୍ରାମ୍ ସହିତ ଆଲୋଚନା କରୁଛନ୍ତି । ଏବଂ ଜୁନ୍ ୩୦ ପର୍ଯ୍ୟନ୍ତ ମେସେଜ୍ ଏଡିଟିଂ ଫିଚର୍କୁ ଅସ୍ଥାୟୀ ଭାବେ ବନ୍ଦ କରିବାକୁ ସରକାର କଥା ହେଉଛନ୍ତି । ଏହା ବ୍ୟବହାରକାରୀଙ୍କୁ ପୁରୁଣା ମେସେଜ୍ ଏଡିଟ୍ କରିବା ଏବଂ ନୂଆ ବିଷୟବସ୍ତୁ ଯୋଡ଼ିବାର ସୁବିଧା ଦେଇଥାଏ ।

ମେସେଜିଂ ଆପ୍ ଟେଲିଗ୍ରାମ୍ ଉପରେ ଲଗାଯାଇଥିବା ଅସ୍ଥାୟୀ କଟକଣାକୁ 'ଇଣ୍ଟରନେଟ୍ ଫ୍ରିଡମ୍ ଫାଉଣ୍ଡେସନ୍' କଡ଼ା ଭାଷାରେ ସମାଲୋଚନା କରିଛି । ଏନଟିଏ (ଘଞ୍ଜଇ) ପକ୍ଷରୁ ଟେଲିଗ୍ରାମ୍ ପ୍ଲାଟଫର୍ମ ବିରୋଧରେ ନିଆଯାଇଥିବା ପଦକ୍ଷେପକୁ ନେଇ ଫାଉଣ୍ଡେସନ୍ ଏହାର ଆପତ୍ତି ପ୍ରକାଶ କରିଛି । ଫାଉଣ୍ଡେସନ୍ ଏହି ବ୍ୟାନକୁ 'ଅବିଚାରିତ' ଏବଂ 'ସାମ୍ବିଧାନିକ ଭାବେ ଅସଙ୍ଗତ' ବୋଲି କହିଛନ୍ତି । ସୂଚନା ଅନୁଯାୟୀ, ଏନଟିଏର ସୁପାରିଶ କ୍ରମେ, ବୈଦ୍ୟୁତିକ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ, ସୂଚନା ପ୍ରଯୁକ୍ତିବିଦ୍ୟା ଆଇନ ୨୦୦୦ର ଧାରା ୬୯ଏ ଅନୁଯାୟୀ, ୨୨ ଜୁନ୍ ୨୦୨୬ ପର୍ଯ୍ୟନ୍ତ ଭାରତରେ ସମ୍ପୂର୍ଣ୍ଣ ଟେଲିଗ୍ରାମ୍ ଆକ୍ସେସ୍ ବନ୍ଦ କରିଦେଇଛି । ଏହା ବ୍ୟତୀତ, ୩୦ ଜୁନ୍ ୨୦୨୬ ପର୍ଯ୍ୟନ୍ତ ଭାରତୀୟ ବ୍ୟବହାରକାରୀଙ୍କ ପାଇଁ ମେସେଜ୍-ଏଡିଟିଂ ଫିଚରକୁ ବନ୍ଦ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ।

ଏହି ନିର୍ଦ୍ଦେଶ ପରେ 'ଇଣ୍ଟରନେଟ୍ ଫ୍ରିଡମ୍ ଫାଉଣ୍ଡେସନ୍ 'ଏକ୍ସ' ପ୍ଲାଟଫର୍ମରେ କହିଛି ଯେ, ଠକେଇ ର୍ୟାକେଟ୍‌କୁ ରୋକିବା ପାଇଁ ସରକାରଙ୍କ ଏହି ସର୍ବଭାରତୀୟ ପଦକ୍ଷେପ ସମ୍ବିଧାନ ସମ୍ମତ ନୁହେଁ । ଫାଉଣ୍ଡେସନ୍ ମତରେ, ଏହି କଟକଣା ହେଉଛି ଏକ 'ବ୍ୟାଣ୍ଡ-ଏଡ୍ ସଲ୍ୟୁସନ କ୍ଷତ ଉପରେ ମଲମ ଲଗାଇବା ଭଳି କାମଚଳା ବ୍ୟବସ୍ଥା) ଏବଂ ପରୀକ୍ଷା ଜନିତ ଠକେଇ ପାଇଁ ଏହା ଏକ ଅନୁପାତିକ ଉତ୍ତର ନୁହେଁ ବୋଲି ସଂଗଠନ କହିଛି । ଫାଉଣ୍ଡେସନ୍ ପକ୍ଷରୁ ଦର୍ଶାଯାଇଛି ଯେ, ଧାରା ୬୯ଏ ଏବଂ ୨୦୦୯ର ବ୍ଲକିଂ ନିୟମ ଅନୁଯାୟୀ, ସରକାର କେବଳ କମ୍ପ୍ୟୁଟର ସମ୍ବଳରେ ଥିବା ନିର୍ଦ୍ଦିଷ୍ଟ 'ସୂଚନା'କୁ ବ୍ୟାନ୍ କରିପାରିବେ । ଏହି ଆଇନ କୌଣସି ମଧ୍ୟସ୍ଥି ପ୍ଲାଟଫର୍ମକୁ ସମ୍ପୂର୍ଣ୍ଣ ବନ୍ଦ କରିବା କିମ୍ବା କୌଣସି କମ୍ପାନୀକୁ ତାହାର ଫିଚର ହଟାଇବା ପାଇଁ ନିର୍ଦ୍ଦେଶ ଦେବା ଅଧିକାର ଦିଏ ନାହିଁ । ଉଲ୍ଲେଖଯୋଗ୍ୟ ଯେ, ଗତ ମେ ୩ ତାରିଖରେ ହୋଇଥିବା ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ପରେ ସରକାର ତାହାକୁ ବାତିଲ କରିଥିଲେ । ବର୍ତ୍ତମାନ ଆସନ୍ତା ଜୁନ୍ ୨୧ ତାରିଖରେ ପୁଣିଥରେ ଏହି ଜାତୀୟ ସ୍ତରୀୟ ପରୀକ୍ଷା ଅନୁଷ୍ଠିତ ହେବ । ଏନଟିଏ ନିର୍ଦ୍ଦେଶକ ପିଟିଆଇକୁ କହିଛନ୍ତି ଯେ, 'ଆମେ କୌଣସି ଭୁଲ୍ ହେବାକୁ ଦେବୁ ନାହିଁ ।

## ଛାତ୍ରୀଙ୍କୁ ଫ୍ରିରେ ମିଳିବ ସ୍କୁଟି

ଲକ୍ଷ୍ନୌ : ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟ ଏବଂ କଲେଜଗୁଡ଼ିକରେ ପଢୁଥିବା ଛାତ୍ରୀମାନଙ୍କ ପାଇଁ ଏକ ବହୁତ ବଡ଼ ଖୁସି ଖବର ଆସୁଛି । ରାଜ୍ୟର ପ୍ରାୟ ୫୦ ହଜାର ମେଧାବୀ ଛାତ୍ରୀଙ୍କୁ 'ରାଣୀ ଲକ୍ଷ୍ମୀବାଇ ସ୍କୁଟି ଯୋଜନା' ଅଧୀନରେ ମାଗଣା ସ୍କୁଟି ଦେବା ପାଇଁ ବଡ଼ ଘୋଷଣା କରିଛନ୍ତି ସରକାର । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ କଡ଼ା ନିର୍ଦ୍ଦେଶ ପରେ ଉଚ୍ଚ ଶିକ୍ଷା ବିଭାଗ ଏହି ଯୋଜନାର ସମ୍ପୂର୍ଣ୍ଣ ପ୍ରସ୍ତାବ ପ୍ରସ୍ତୁତ କରି ସାରିଛି । ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ରାଜ୍ୟର ପ୍ରତିଭାବାନ ଝିଅମାନଙ୍କୁ ଆଗକୁ ପାଠ ପଢ଼ିବା ପାଇଁ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କର ପଥକୁ ସହଜ କରିବା । ସରକାରଙ୍କ ଏହି ପଦକ୍ଷେପ ଯୋଗୁଁ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଛାତ୍ରୀମାନଙ୍କର ଅଂଶଗ୍ରହଣ ଏବଂ ମନୋବଳ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି ।

# ମୌସୁମୀ ଅଧିବେଶନରେ ମହିଳା ସଂରକ୍ଷଣ ଓ ସୀମା ନିର୍ଦ୍ଧାରଣ ବିଲ୍, ୨୦୨୯ରେ ଲାଗୁ କରିବା କଷ୍ଟକର



ନୂଆଦିଲ୍ଲୀ: ସଂସଦର ମୌସୁମୀ ଅଧିବେଶନ ଆସନ୍ତା ମାସରେ ଆରମ୍ଭ ହେବାକୁ ଯାଉଛି, ଏବଂ ଏହି ଅଧିବେଶନ ପୂର୍ବରୁ ରାଜନୈତିକ କାର୍ଯ୍ୟକଳାପ ଜୋରଦାର ହୋଇଛି । ଆଲୋଚନା ହେଉଛି ଯେ, ସରକାର ମୌସୁମୀ ଅଧିବେଶନ ସମୟରେ ଲୋକସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାଙ୍କ ପାଇଁ କୋଟା କାର୍ଯ୍ୟକାରୀ କରିବା ପାଇଁ ବିଲ୍ ପୁନଃଆଗତ କରିପାରନ୍ତି । ଏନଡିଏ ପାଖରେ ଆବଶ୍ୟକ ସଂଖ୍ୟା ଅଛି କି ନାହିଁ ତାହା ମଧ୍ୟ ପ୍ରଶ୍ନ ରହିଛି । ତେବେ ଦେଶର ରାଜନୈତିକ ସ୍ଥିତି ଏନଡିଏ ସପକ୍ଷରେ ଥିବା ପରି ମନେ ହେଉଛି । ଟିଏମସି ପରେ, ଉଦ୍ଧବ ଠାକରେଙ୍କ ୟୁବିଟି ଏବେ ବିଭାଜନର ଦ୍ୱାରଦେଶରେ । ଉଦ୍ଧବ ସେନାର ବିଦ୍ରୋହୀ ସାଂସଦମାନେ ଦିଲ୍ଲୀରେ ପହଞ୍ଚିଛନ୍ତି । ଆଲୋଚନା ହେଉଛି ଯେ, ଦଳର ଛଅ ଜଣ ବିଦ୍ରୋହୀ ସାଂସଦ ଖୁବ୍ ଶୀଘ୍ର ଲୋକସଭା ବାଚସ୍ପତିଙ୍କୁ ଭେଟିପାରନ୍ତି । ଟିଏମସିରେ ବିଭାଜନ ଏବଂ କଂଗ୍ରେସଠାରୁ ଡିଏମକେର ଦୂରତା ଲୋକସଭାରେ ବିରୋଧୀଙ୍କ ଶକ୍ତିକୁ ହ୍ରାସ କରିଛି । ଏହି ରାଜନୈତିକ ଘଟଣାକ୍ରମ ମଧ୍ୟରେ,ଆଲୋଚନା ହେଉଛି ଯେ, ସରକାର ପରବର୍ତ୍ତୀ ମାସରେ ଅନୁଷ୍ଠିତ ହେବାକୁ ଥିବା ସଂସଦର ମୌସୁମୀ ଅଧିବେଶନରେ ଲୋକସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାଙ୍କ ପାଇଁ କୋଟା ଲାଗୁ କରିବା ପାଇଁ ଏକ ବିଲ୍ ପୁନଃଆଗତ କରିପାରନ୍ତି । ବିଲ୍ ?ରେ କିଛି ପରିବର୍ତ୍ତନ ମଧ୍ୟ ମେଣ୍ଟରୁ ଅଲଗା ହୋଇଥିବା ଡିଏମକେକୁ ସନ୍ତୁଷ୍ଟ କରିବା ସମ୍ଭବ ହୋଇପାରେ । ସୀମା ନିର୍ଦ୍ଧାରଣରେ ବହୁତ ସମୟ ଲାଗିବ, ଏବଂ ଯଦି ୨୦୨୯ରେ ବର୍ଦ୍ଧିତ ଆସନ ସହିତ ନିର୍ବାଚନ କରାଯିବ ସେଥିପାଇଁ ତେବେ ବିଲ୍ ଶୀଘ୍ର ପାରିତ ହେବା ଆବଶ୍ୟକ । ଏଥିପାଇଁ ସରକାରଙ୍କ ପାଖରେ ସୀମିତ ସମୟ ଅଛି । ଟିଏମସିଏବଂ ଶିବସେନା (ୟୁବିଟି)ରେ ବିଭାଜନର ରିପୋର୍ଟ ସୂଚାଇ ଦେଉଛି ଯେ, ଏନଡିଏର ସଂଖ୍ୟା ବୃଦ୍ଧି କରିବା ପାଇଁ ପ୍ରୟାସ ଚାଲିଛି । ଆଗାମୀ ଅଧିବେଶନରେ ବିଲ୍ ଆଣିବାକୁବିଜେପି ଚାହୁଁଛି । ନୂତନ ସମ୍ବିଧାନ ସଂଶୋଧନ ବିଲ୍‌ର ଭାଷା ପରିବର୍ତ୍ତନ କରାଯାଇପାରେ । ଡିଏମକେ ଭଳି ଦଳଗୁଡ଼ିକୁ ସନ୍ତୁଷ୍ଟ କରିବା ପାଇଁ ନୂତନ ସମ୍ବିଧାନ ସଂଶୋଧନ ବିଲ୍‌ର ଭାଷା ପରିବର୍ତ୍ତନ କରାଯାଇପାରେ । ଡିଏମକେ ଆଉ ଏବେବିରୋଧୀ ଇଣ୍ଡିଆ ମେଣ୍ଟର ଅଂଶ ନୁହେଁ । ଏହା ଏକ ସ୍ୱଷ୍ଟ ଗ୍ୟାରେଣ୍ଟି ଚାହୁଁଥିଲା ଯେ, ସମସ୍ତ ରାଜ୍ୟରେ ଲୋକସଭା ଆସନ ଏପରି ଭାବରେ ବୃଦ୍ଧି କରାଯିବ ଯାହା ଦ୍ୱାରା ଦକ୍ଷିଣ ରାଜ୍ୟଗୁଡ଼ିକ ଜନସଂଖ୍ୟା ଆଧାରରେ ଅସୁବିଧାରେ ପଡ଼ିବେ ନାହିଁ । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଦୋହରାଇଛନ୍ତି ଯେ, ଏହା ଘଟିବ ନାହିଁ । କୌଣସି ରାଜ୍ୟ ଅସୁବିଧାରେ ପଡ଼ିବେ ନାହିଁ । ଏକ ମତ ମଧ୍ୟ ଅଛି ଯେ ଡିଏମକେ ଭଳି ଦଳଗୁଡ଼ିକୁ ସାମିଲ କରିବା ପାଇଁ ଜୁଲାଇ ୧ ରୁ ନବମ ଶ୍ରେଣୀ ପାଇଁ ସମ୍ପ୍ରତି ଲାଗୁ ହୋଇଥିବା ତିନି ଭାଷା ନିୟମରେ କିଛି ପରିବର୍ତ୍ତନ କରାଯାଇପାରିବ । ଯଦି ଡିଏମକେ ରାଜି ହୁଏ ଏବଂ ୨୦ ବିଦ୍ରୋହୀ ତୃଣମୂଳ ସାଂସଦ ତଥା ଉଦ୍ଧବ ଗୋଷ୍ଠୀର ୬ ଜଣ ସାଂସଦ ଯୋଗ ଦିଅନ୍ତି, ତେବେ ଏନଡିଏର ସଂଖ୍ୟା ବୃଦ୍ଧି ପାଇବ । ତଥାପି, ସଂଖ୍ୟା ଆବଶ୍ୟକ ୩୬୦ ଠାରୁ କମ୍ ରହିବ । ତେବେ ବିଲ୍ ପାସ୍ ପାଇଁ ରାଜ୍ୟସଭାରେ ସଂଖ୍ୟା ସରକାରଙ୍କ ସପକ୍ଷରେ ଅଛି ।

## ଜଳବାୟୁ ପରିବର୍ତ୍ତନ ପାଇଁ ପୁରୁଷମାନଙ୍କୁ ଦାୟୀ କଲେ ଦିୟା ମିର୍ଜା, ହଙ୍ଗାମା ପରେ କହିଲେ-'ମୁଁ ମୋ କଥାରେ ସ୍ଥିର'



ନୂଆଦିଲ୍ଲୀ: ଜଳବାୟୁ ପରିବର୍ତ୍ତନ ଏବଂ ପରିବେଶ ପ୍ରଦୂଷଣକୁ ନେଇ ଅଭିନେତ୍ରୀ ଦିୟା ମିର୍ଜା ଏକ ବୟାନ ଦେଇଥିଲେ । ଅଭିନେତ୍ରୀଙ୍କ ଏହି ବୟାନ ଏବେ ବିବାଦ ଘେରକୁ ଆସିଛି । ଦିୟା ମିର୍ଜା ନିକଟରେ କ୍ଲାଇମେଟ୍ ଚେଞ୍ଜ ଭଳି ସମସ୍ୟା ପାଇଁ ପୁରୁଷ ଏବଂ ପିତୃକେନ୍ଦ୍ରିକ ଢାଞ୍ଚା (କ୍ଟବସ୍ମକ୍ଷସବକ୍ସମଷଛ)କୁ ଦୋଷ ଦେଇଛନ୍ତି । ଏବେ ନିଜର ଏହି ବୟାନକୁ ନେଇ ଦିୟା ଟ୍ରୋଲର୍ସଙ୍କ ନିଶାନାରେ ଅଛନ୍ତି ।

ଦିୟା ମିର୍ଜା ଏବେ ନିଜର ବୟାନକୁ ନେଇ ବିବାଦ ଘେରକୁ ଚାଲିଆସିଛନ୍ତି । ଦିୟା ଜଣେ ଅଭିନେତ୍ରୀ ହେବା ସହ ଜାତିସଂଘ ପରିବେଶ କାର୍ଯ୍ୟକ୍ରମର ଗୁଡ୍ ?ୱିଲ୍ ଆମ୍ବାସଡର ମଧ୍ୟ ଅଛନ୍ତି । ନିକଟରେ ଅଭିନେତ୍ରୀ ଜଣକ ସୋହା ଅଲି ଖାନ୍ ?ଙ୍କ ପଡକାଷ୍ଟରେ କ୍ଲାଇମେଟ୍ ଚେଞ୍ଜ ଏବଂ ପରିବେଶକୁ ହେଉଥିବା କ୍ଷତି ପାଇଁ ପୁରୁଷଙ୍କୁ ଦାୟୀ କରି କହିଥିଲେ- ପିତୃକେନ୍ଦ୍ରିକ ଢାଞ୍ଚା ଜଳବାୟୁ ପରିବର୍ତ୍ତନର ବଡ଼ କାରଣ ।

ସୋହା ଅଲି ଖାନ୍ଙ୍କ ପଡ୍‌କାଷ୍ଟରେ ଦିୟା ମିର୍ଜା କ୍ଲାଇମେଟ୍ ଚେଞ୍ଜ ଏବଂ ପରିବେଶକୁ ହେଉଥିବା କ୍ଷତିର କାରଣ ପୁରୁଷମାନଙ୍କୁ ଦର୍ଶାଇ କହିଥିଲେ- 'ପିତୃସତ୍ତା ହିଁ କ୍ଲାଇମେଟ୍ ଚେଞ୍ଜର ସବୁଠାରୁ ବଡ଼ କାରଣ । ଏହି ଦୁନିଆରେ ପୁରୁଷମାନେ ହିଁ... ପୁରୁଷମାନେ ହିଁ କ୍ଲାଇମେଟ୍ ଚେଞ୍ଜକୁ ପ୍ରୋତ୍ସାହନ ଦେଇଛନ୍ତି ଏବଂ ଆଜି ଦୁନିଆରେ ଯାହା ବି ଅସ୍ଥିରତା ଲାଗି ରହିଛି, ସେଥିପାଇଁ ସେମାନେ ହିଁ ସମ୍ପୂର୍ଣ୍ଣ ଦାୟୀ । ଆଉ ଏହା କେବଳ ଗ୍ଲୋବାଲ ସାଉଥରେ ନୁହେଁ, ଗ୍ଲୋବାଲ ନର୍ଥରେ ମଧ୍ୟ ଏହା ହିଁ ଘଟୁଛି ।' ସୋସିଆଲ ମିଡିଆରେ ମିଳୁଥିବା ପ୍ରତିକ୍ରିୟା ଉପରେ ଦିୟା ମିର୍ଜା ପ୍ରତିକ୍ରିୟା ରଖିଛନ୍ତି । କହିଛନ୍ତି, ' ଆପଣମାନଙ୍କ ମଧ୍ୟରୁ ଅନେକ ଏହା ଉପରେ ବିତର୍କ କରୁଛନ୍ତି, ତେଣୁ ଏହାକୁ ଯେତେ ସହଜ ଉପାୟରେ ବୁଝାଇ ହେବ ତାହା କରିବା ଠିକ୍ ହେବ । ମୁଁ ମୋର ଏହି ବୟାନରେ ଏବେ ବି ସ୍ଥିର ଅଛି ଯେ 'ପିତୃସତ୍ତା କାରଣରୁ ହିଁ ଜଳବାୟୁ ସଙ୍କଟ ସୃଷ୍ଟି ହୋଇଛି ।' ପ୍ରାୟତଃ ଜଳବାୟୁ ପରିବର୍ତ୍ତନକୁ ପରିବେଶ ସହ ଜଡ଼ିତ ଏକ ସଙ୍କଟ ବୋଲି ଧରାଯାଏ, କିନ୍ତୁ ଏହା ସମ୍ପୂର୍ଣ୍ଣ ଭାବେ ଏକ ଅସମାନତାର ସଙ୍କଟ ମଧ୍ୟ ଅଟେ । ଶତାବ୍ଦୀ ଶତାବ୍ଦୀ ଧରି ପାଟ୍ରିଆର୍ଚି ବ୍ୟବସ୍ଥାଗୁଡ଼ିକ କ୍ଷମତାକୁ ନିଜ ହାତରେ ରଖିଛନ୍ତି । ଯତ୍ନ ନେବା ବଦଳରେ ପ୍ରାକୃତିକ ସମ୍ପଦର ଅତ୍ୟଧିକ ବ୍ୟବହାର ବା ଶୋଷଣକୁ ପ୍ରାଥମିକତା ଦେଇଛନ୍ତି । ପ୍ରକୃତି ଓ ଦୁର୍ବଳ ସମୁଦାୟକୁ ସୁରକ୍ଷା ଦେବା ପରିବର୍ତ୍ତେ କେବଳ ଉପଭୋଗର ଏକ ମାଧ୍ୟମ ଭାବରେ ଦେଖିଛନ୍ତି ।'

ଦିୟା ଆହୁରି ଲେଖିଛନ୍ତି, 'ପିତୃକେନ୍ଦ୍ରିକ ଢାଞ୍ଚା ସମାଜରେ ଯେଉଁଭଳି ଭାବେ ମହିଳା ଏବଂ ଝିଅମାନଙ୍କ ସହ ବ୍ୟବହାର କରାଯାଏ, ଠିକ୍ ସେହିପରି ଜଙ୍ଗଲ, ନଦୀ, ମହାସାଗର ଏବଂ ଇକୋସିଷ୍ଟମ୍ ସହିତ ମଧ୍ୟ କରାଯାଇଛି । ସେଗୁଡ଼ିକୁ ମଧ୍ୟ କେବଳ ଗୋଟିଏ 'ସାମଗ୍ରୀ' ବା 'ବସ୍ତୁ' ଭାବରେ ଦେଖାଯାଇଛି ଏବଂ ଏହାର ପରିଣାମକୁ ଏବେ ଅଣଦେଖା କରିବା ସମ୍ପୂର୍ଣ୍ଣ ଅସମ୍ଭବ ।'

## ଟ୍ରକକୁ ପିଟିଲା ବସ୍, ୯ ବର୍ଷର ଶିଶୁ ସମେତ ୬ ମୃତ

ନୂଆଦିଲ୍ଲୀ : ଭଦୋଦରାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ରାସ୍ତାକଡରେ ଠିଆ ହୋଇଥିବା ଟ୍ରକକୁ ପିଟିଲା ବସ୍ । ଭଦୋଦରାସ୍ଥିତ କୋଟାମ୍ବି ଆନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମ୍ ନିକଟରେ ଆଜି ଭୋର ପ୍ରାୟ ୪ଟା ସମୟରେ ଏହି ଦୁର୍ଘଟଣା ଘଟିଛି । ଯେଉଁଠାରେ ରାଜସ୍ଥାନର ବାଂଶୱାଡାରୁ ଗୁଜରାଟର ସୁରଟ ଅଭିମୁଖେ ଯାଉଥିବା 'ବାଲାଜୀ ଟ୍ରାଭେଲ୍ସ'ର ଏକ ଦ୍ରୁତଗାମୀ ବସ୍ ରାସ୍ତାକଡ଼େର ଛିଡ଼ା ହୋଇଥିବା ଏକ ଟ୍ରକକୁ ପଛପଟୁ ଜୋରଦାର ଧକ୍କା ଦେଇଥିଲା । ଯାହା ଫଳରେ ୯ ବର୍ଷର ଶିଶୁ ପ୍ରୀତ ଭାଟିଆଙ୍କ ସମେତ ୬ ଜଣ ଯାତ୍ରୀଙ୍କର ମୃତ୍ୟୁ ଘଟିଛି ଏବଂ ଅନ୍ୟ ୩୦ ଜଣ ଗୁରୁତର ଆହତ ହୋଇଛନ୍ତି । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ବସର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଚୂରମାର ହୋଇଯାଇଥିଲା ଏବଂ ଅନେକ ଯାତ୍ରୀ ଭିତରେ ଫସି ରହିଥିଲେ । ଖବର ପାଇ ଜାରୋଦସ୍ଥିତ ମୁଖ୍ୟାଳୟରୁ ଏନଡିଆରଏଫ୍, ଏସଡିଆରଏଫ୍, ଓ ଭଦୋଦରା ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଗ୍ୟାସ୍ କଟର ସାହାଯ୍ୟରେ ଗାଡ଼ିକୁ କାଟି ୨୪ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରିଥିବା ବେଳେ ସମସ୍ତ ଆହତଙ୍କୁ ଚିକିତ୍ସା ପାଇଁ ଭଦୋଦରାର ଏସଏସଜି ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ପୋଲିସ ସୂଚନା ଅନୁଯାୟୀ, ମୃତକଙ୍କ ମଧ୍ୟରୁ ୪ ଜଣଙ୍କୁ ବିନୋଦ ଡାମୋର (୩୦), ମୁକେଶ ଡିଣ୍ଡୋର (୩୪), ପ୍ରୀତ ଭାଟିଆ (୯) ଓ ମହେନ୍ଦ୍ର ପାଣ୍ଡ୍ୟା (୬୮) ଭାବେ ଚିହ୍ନଟ କରାଯାଇଛି । ଆହତମାନଙ୍କ ମଧ୍ୟରେ ୧୦ ଓ ୧୨ ବର୍ଷର ଦୁଇଟି ଶିଶୁ ମଧ୍ୟ ଅଛନ୍ତି । ବାଘୋଡିଆ ପୋଲିସ ଷ୍ଟେସନରେ ଏନେଇ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ବେଳେ, ଭଦୋଦରା ମେୟର ଗୀତା ମାକୱାନା ଓ ଡେପୁଟି ମେୟର ଆଦିତ୍ୟ ପଟେଲ ହସ୍ପିଟାଲରେ ପହଞ୍ଚି ଆହତମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି ।

# ଚିନ୍ତା ବଢ଼ାଇଛି ୟୁନିସେଫ୍‌ର ସାଙ୍ଘାତିକ୍ ରିପୋର୍ଟ ଭୟଙ୍କର ଗ୍ରୀଷ୍ମପ୍ରବାହରେ ୧୫୦ କୋଟି ପିଲା ପ୍ରଭାବିତ




ନୂଆଦିଲ୍ଲୀ : ମାଡ଼ି ଆସୁଛି ବିପଦ । ଜଳବାୟୁ ସଙ୍କଟର ସାମ୍ନା କରିବ ପୂରା ବିଶ୍ୱ । ସବୁଠୁ ବଡ଼ କଥା ହେଉଛି ଏଭଳି ପରିସ୍ଥିତିରେ ପ୍ରଭାବିତ ହେବେ ବିଶ୍ୱର ଅଧା ଶିଶୁ । ସେଥିରେ ଗ୍ରୀଷ୍ମ ପ୍ରବାହ, ବନ୍ୟା, ବାତ୍ୟା ଓ ମରୁଡି ଭଳି ବିପଦ ସାମିଲ ଅଛି । ଏସବୁ ଏକାଧିକ ବିପଦ ଯୋଗୁ ଭାରତ ସମେତ ସମଗ୍ର ବିଶ୍ୱରେ ୧୦୦ କୋଟିରୁ ଅଧିକ ଶିଶୁଙ୍କ ଉପରେ ପ୍ରଭାବ ପଡ଼ିପାରେ । ଯାହା ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବନ ଧାରଣ ଉପରେ ଗଭୀର ପ୍ରଭାବ ପକାଇଛି ବୋଲି ୟୁନିସେଫ୍ ପକ୍ଷରୁ ପ୍ରକାଶିତ ସଦ୍ୟତମ ଚିଲଡ୍ରେନ୍ କ୍ଲାଇମେଟ ରିସ୍କ ରିପୋର୍ଟ ୨୦୨୬ରେ କୁହାଯାଇଛି । ରିପୋର୍ଟରେ କୁହାଯାଇଛି ଯେ, ବିଶ୍ୱର ଅଧା ପିଲା ଜଳବାୟୁ ସଙ୍କଟ ଯୋଗୁ ସୃଷ୍ଟ ୩ଟି ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରୁଛନ୍ତି । ବିଶେଷକରି ବର୍ତ୍ତମାନ ବୃଦ୍ଧି ପାଉଥିବା ଗ୍ରୀଷ୍ମପ୍ରବାହ, ବନ୍ୟା, ବାତ୍ୟା ଓ ମରୁଡି ଭଳି ସମସ୍ୟା ସେମାନଙ୍କୁ ଅଧିକ ପ୍ରଭାବିତ କରୁଛି । ୟୁନିସେଫ୍ ପକ୍ଷରୁ ଏ ସଂକ୍ରାନ୍ତରେ କିଛି ଫଟୋ ମଧ୍ୟ ଜାରି କରାଯାଇଛି । ଯେଉଁଥିରେ ଦେଖିବାକୁ ମିଳିଛି କି ପାପୁଆ ନ୍ୟୁ ଗିନିରେ ପିଲାମାନେ ସ୍କୁଲ ଯିବା ଲାଗି କୁମ୍ଭୀର ଭରା କେମ୍ପ ୱେଲ୍‌ଚ ନଦୀ ପାର ହେଉଛନ୍ତି । ୨୦୧୨ରେ ପ୍ରବଳ ବର୍ଷା ଯୋଗୁ ନଦୀରେ ନିର୍ମିତ ପାଦଚଲା ପୋଲ ଧୋଇଯାଇଥିଲା । ହେଲେ ସେବେଠାରୁ ତାହା ଆଉ ନିର୍ମାଣ ହୋଇପାରିନାହିଁ । ଯାହାଫଳରେ ପିଲାମାନେ ପ୍ରତିଦିନ ଭରା ନଦୀରେ ପଶି ସ୍କୁଲ ଯିବାକୁ ବାଧ ହେଉଛନ୍ତି । ଏପରିକି ବର୍ଷାଋତୁରେ ନଦୀରେ ପଶି ଯିବା ମଧ୍ୟ ସମ୍ଭବ ହେଉନାହିଁ । ନଦୀର ପ୍ରଖର ସ୍ରୋତ ଯୋଗୁ ଜୀବନ ହାନିର ଆଶଙ୍କା ରହିଛି । ବର୍ତ୍ତମାନ ବୃଦ୍ଧି ପାଉଥିବା ତାପମାତ୍ରା ଓ ଖରାପ ପାଣିପାଗ ସବୁଠାରୁ ବଡ ସମସ୍ୟାର କାରଣ ବୋଲି ରିପୋର୍ଟରେ ଦର୍ଶାଯାଇଛି । କାରଣ ଏହା ଯୋଗୁ ଭିତ୍ତିଭୂମି ଉପରେ ଚାପ ପଡୁଛି । ଫଳରେ ରାସ୍ତା ଓ ପୋଲ କ୍ଷତିଗ୍ରସ୍ତ ହେଉଛି । ଯାହାର ପ୍ରଭାବ ସ୍ଥାନୀୟ ଲୋକମାନଙ୍କ ଉପରେ ବିଶେଷକରି ପିଲାମାନଙ୍କ ଉପରେ ପଡୁଛି । ବିଶ୍ୱରେ ପ୍ରାୟ ପ୍ରତ୍ୟେକ ଶିଶୁ କୌଣସି ନା କୌଣସି ଗୋଟିଏ ଜଳବାୟୁ ସଙ୍କଟର ସାମ୍ନା କରିବାକୁ ପଡୁଛି । ୧୨ କୋଟି ୩୦ ଲକ୍ଷରୁ ଅଧିକ ପିଲା ଏଭଳି ସ୍ଥାନରେ ରହୁଛନ୍ତି ଯେଉଁଠାରେ ସେମାନଙ୍କୁ ଅତିକମ୍ରେ ୬ଟି ଜଳବାୟୁ ସଙ୍କଟର ସାମ୍ନା କରିବାକୁ ହେଉଛି । କେବଳ ବିକାଶଶୀଳ ନୁହେଁ, ବିକଶିତ ଦେଶର ପିଲା ମଧ୍ୟ ଏହି ସଙ୍କଟରୁ ବାଦ୍ ପଡିନାହାନ୍ତି । ୟୁନିସେଫ ପକ୍ଷରୁ ପିଲାମାନଙ୍କ ଉପରେ ଜଳବାୟୁ ସଙ୍କଟ ଯୋଗୁ ପଡୁଥିବା ୮ଟି ବିପଦ ସମ୍ପର୍କରେ ଉଲ୍ଲେଖ କରାଯାଇଛି । ଯେଉଁଥିରେ ଉପକୂଳ ବନ୍ୟା, ନଦୀ ବନ୍ୟା, ମରୁଡି, ତାପମାତ୍ରା ବୃଦ୍ଧି, ଗ୍ରୀଷ୍ମ ପ୍ରବାହ, ଜଙ୍ଗଲ ନିଆଁ, ଧୂଳିଝଡ ଓ ବାତ୍ୟା ସାମିଲ ଅଛି ।

ରିପୋର୍ଟ ଅନୁସାରେ ମରୁଡି ଯୋଗୁ ୧୮୦ କୋଟି ଶିଶୁ ପ୍ରଭାବିତ ହୋଇଥିଲା ବେଳେ ଗ୍ରୀଷ୍ମ ପ୍ରବାହ ଯୋଗୁ ୧୫୦ କୋଟି, ତାପମାତ୍ରା ବୃଦ୍ଧି ଯୋଗୁ ୧୨୦ କୋଟି, ବାୟୁ ପ୍ରଦୂଷଣ ଯୋଗୁ ୨୩୦ କୋଟି,ଜଙ୍ଗଲ ନିଆଁ ଯୋଗୁ ୨୦.୬ କୋଟି, ଧୂଳିଝଡ ଯୋଗୁ ୧୨.୩ କୋଟି, ବାତ୍ୟା ଯୋଗୁ ୬୬.୨ କୋଟି, ବନ୍ୟା ଯୋଗୁ ୩୩.୭ କୋଟି ଏବଂ ଉପକୂଳ ବନ୍ୟା ଯୋଗୁ ୩୩ ଲକ୍ଷ ପ୍ରଭାବିତ ହେଉଛନ୍ତି । ଏହି ୮ଟି ଜଳବାୟୁ ବିପଦ ବ୍ୟତୀତ ବାୟୁ ପ୍ରଦୂଷଣ ଓ ମ୍ୟାଲେରିଆ ଯୋଗୁ କ୍ଷତିଗ୍ରସ୍ତ ହେଉଥିବା ପିଲାଙ୍କ ଉପରେ ବିଶ୍ଳେଷଣ କରାଯାଇଛି । ବିଶ୍ୱର ପ୍ରାୟ ସବୁ ପିଲା ବାୟୁ ପ୍ରଦୂଷଣ ଯୋଗୁ ପ୍ରଭାବିତ । ୧୦୦ କୋଟିରୁ ଅଧିକ ପିଲା ମ୍ୟାଲେରିଆ ପ୍ରବଣ ଅଞ୍ଚଳରେ ରହୁଛନ୍ତି । ଜଳବାୟୁ ବିପଦ ସହ ମ୍ୟାଲେରିଆ ଯୋଗୁ ସେମାନେ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି । ରିପୋର୍ଟରେ ଚେତାବନୀ ଦିଆଯାଇ କୁହାଯାଇଛି କି ଯଦି ସବୁଜ ଗୃହ ବାଷ୍ପ ନିର୍ଗମନ ହ୍ରାସ କରିବା ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରା ନ ଯିବ ତେବେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଆହୁରି ଅଧିକ ତଥା ଭୀଷଣ ବିପଦ ଆଣିବ । ଫଳରେ ସରକାରୀ ବ୍ୟବସ୍ଥା ଓ ବଜେଟ ଉପରେ ଚାପ ପଡିବ । ଏହାଦ୍ୱାରା ପିଲାଙ୍କ ସ୍ୱାସ୍ଥ୍ୟ ଓ କଲ୍ୟାଣ ଆହୁରି ପ୍ରଭାବିତ ହେବ । ଭାରତ, ବାଂଲାଦେଶ, ମ୍ୟାଁମାର ଓ ପାକିସ୍ତାନ ଭଳି ଏସିଆ ମହାଦେଶର ପିଲା ବିଶ୍ୱର ଅନ୍ୟ ଦେଶର ପିଲା ସମ୍ମୁଖୀନ ହେଉଥିବା ସଙ୍କଟ ଅପେକ୍ଷା ଅଧିକ ବିପଦର ସାମ୍ନା କରୁଛନ୍ତି । ଅଧିକ ଆୟ କରୁଥିବା ଦେଶ ମଧ୍ୟ ଜଳବାୟୁ ସହ ଜଡିତ ଏକାଧିକ ସଙ୍କଟର ସମ୍ମୁଖୀନରୁ ବର୍ତ୍ତିପାରି ନାହାନ୍ତି । ଉଦାହରଣ ସ୍ୱରୂପ ଇଟାଲୀରେ ୬୦ ଲକ୍ଷରୁ ଅଧିକ ପିଲା ଲମ୍ବା ସମୟ ଧରି ରହିଥିବା ଗ୍ରୀଷ୍ମ ପ୍ରବାହ ଓ ମରୁଡିର ସାମ୍ନା କରିଆସୁଛନ୍ତି । ସେହିଭଳି ଜଳବାୟୁ ପରିବର୍ତ୍ତନ ଜନିତ ସଙ୍କଟ ବ୍ୟତୀତ ସ୍କୁଲରେ ମଧ୍ୟ ପିଲାମାନେ ସୁରକ୍ଷିତ ନଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି । ସେଥିରେ କୁହାଯାଇଛି କି ପିଲାମାନଙ୍କ ଉପରେ ସ୍କୁଲରେ ଆକ୍ରମଣ ୪୦ ପ୍ରତିଶତ ବଢ଼ିଛି । ଗ୍ଲୋବାଲ କୋଏଲିସନ ଟୁ ପ୍ରୋଟେକ୍ଟ ଏଜୁକେଶନ ଫ୍ରମ୍ ଆଟାକ୍ର ରିପୋର୍ଟ ଅନୁସାରେ ୨୦୨୪ ଓ ୨୦୨୫ରେ ସମଗ୍ର ବିଶ୍ୱରେ ଶିକ୍ଷା ଉପରେ ୪୦ ପ୍ରତିଶତ ଆକ୍ରମଣ ହୋଇଛି । ଏହି ସମୟ ଭିତରେ ୮,୫୫୬ଟି ଆକ୍ରମଣ ଘଟଣା ଘଟିଛି । ଯେଉଁଥିରେ ୧୦,୬୦୦ରୁ ଅଧିକ ପିଲା କିମ୍ବା ଶିକ୍ଷକ ମୃତାହତ ହୋଇଛନ୍ତି । ୮୩ଟି ଦେଶରେ ସ୍କୁଲ ଉପରେ ଆକ୍ରମଣ ହୋଇଛି । ସବୁଠାରୁ ଅଧିକ କଲମ୍ବିଆ, ଡେମୋକ୍ରାଟିକ ରିପବ୍ଲିକ ଅଫ୍ କଙ୍ଗୋ, ହାଇତି, ଇଥିଓପିଆ, ପାଲେଷ୍ଟାଇନ ଓ ୟୁକ୍ରେନ ଆଦି ଦେଶରେ ଘଟିଛି । ୟୁକ୍ରେନ ସ୍କୁଲରେ ଅତିକମ୍ରେ ୯୦୦ ଆକ୍ରମଣ ହୋଇଛି ।

# ଗିଲଙ୍କ ୧୫୪ ଓ ଈଶାନଙ୍କ ୧୨୫: ଦ୍ୱିତୀୟ ଦିନିକିଆରେ ଭାରତ ବିଜୟୀ

ଲକ୍ଷ୍ନୌ,୧୭।୬: ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳାର ଦ୍ୱିତୀୟ ମୁକାବିଲାରେ ଆଫଗାନିସ୍ତାନକୁ ଭାରତ ୧୭୦ ରନ୍‌ରେ ପରାସ୍ତ କରିଛି। ଲକ୍ଷ୍ନୌର ଭାରତରତ୍ନ ଶ୍ରୀ ଅଟଳ ବିହାରୀ ବାଜପେୟୀ ଇକାନା କ୍ରିକେଟ୍ ଷ୍ଟାଡିୟମରେ ଆଫଗାନିସ୍ତାନ ୪୦୩ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିଲା। ଦଳ ୪୪.୪ ଓଭରରେ ସମସ୍ତ ୱିକେଟ୍ ହରାଇ ୨୩୨ର ରନ୍ ସଂଗ୍ରହ କରିଛି। ଫଳରେ ଭାରତ ୨-୦ରେ ସିରିଜ୍ ଅଗ୍ରଣୀ ରହିଛି।

ଆଫଗାନିସ୍ତାନ ପାଇଁ ରହମତ ଶାହ ସର୍ବାଧିକ ୭୯ ରନ୍ ସଂଗ୍ରହ କରିଥିଲେ।

## ଭାରତ ୪୦୩ ରନ୍, ଆଫଗାନିସ୍ତାନ ୨୩୨

ସିଦ୍ଦିକୁଲ୍ଲା ଅଟଳ ୪୨ ରନ୍, ରହମାନୁଲ୍ଲା ଗୁରବାଜ ୪୧ ରନ୍? ଏବଂ ଇବ୍ରାହିମ ଜର୍‌ଦାନ ୨୧ ରନ୍ ସଂଗ୍ରହ କରିଥିଲେ। ରସିଦ ଖାନ ୧୨ ରନ୍ ସଂଗ୍ରହ କରିଥିବା ବେଳେ ଅନ୍ୟ ବ୍ୟାଟରଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ଥିଲା। ଭାରତ ପକ୍ଷରୁ ଅର୍ଶଦୀପ ସିଂହ ଏବଂ ଗୁରନୁର ବ୍ରାର ୩-୩ ୱିକେଟ୍ ଅକ୍ତିଆର କରିଥିଲେ। ପ୍ରାନ୍ସ ଯାଦବ ୨ଟି ଏବଂ ୱାସିଂଟନ ସୁନ୍ଦର ଗୋଟିଏ ୱିକେଟ ନେଇଥିଲେ।

ଟିମ ଇଣ୍ଡିଆ ଦିନିକିଆ ଓ ଟେଷ୍ଟ ଟିମ ଅଧିନାୟକ ଶୁବମନ ଗିଲଙ୍କ ବ୍ୟାଟ୍ ପୁଣି ଗର୍ଜିଛି। ଆଫଗାନିସ୍ତାନ ବିପକ୍ଷ ଦ୍ୱିତୀୟ ଦିନିଆରେ ଗିଲ ଖେଳିଛନ୍ତି ୧୧୦ ବଲରେ ବିସ୍ଫୋରକ ୧୫୪ ରନର ଇନିଂସ। ଟସ୍ ହାରି ଲକ୍ଷ୍ନୌରେ ପ୍ରଥମେ ବ୍ୟାଟିଂ କରୁଥିବା ଭାରତ ପାଇଁ ଅଧିନାୟକ ଗିଲଙ୍କ ସହ ଈଶାନ କିଶନ ମଧ୍ୟ ଶତକୀୟ ଇନିଂସ ଖେଳିଛନ୍ତି। ଈଶାନ ୭୯ ବଲରେ ୧୨୫ ରନ କରିଛନ୍ତି।




ଏହି ଦୁଇ ଶତକୀୟ ଇନିଂସ ବଳରେ ଭାରତ ନିର୍ଦ୍ଧାରିତ ୪୯.୫ ଓଭରରେ ସମସ୍ତ ୱିକେଟ ହରାଇ ରେକର୍ଡ ୪୦୨ ରନ କରିଛି। ପ୍ରଥମ ଥର ପାଇଁ କୌଣସି ଟିମ ଦିନିକିଆରେ ୪୦୦ ରନ କରିଥିଲେ ହେଁ ଅଲଆଉଟ ହେବାର ଲଜ୍ଜା ମୁଣ୍ଡାଇଛି।

ଭାରତ ୪୦୨ ରନ କରିଥିବାରୁ ଏବେ ସିରିଜକୁ ବଞ୍ଚାଇ ରଖିବାକୁ ହେଲେ ଆଫଗାନିସ୍ତାନକୁ ରେକର୍ଡ ରନ ଚେଜ କରିବାକୁ ପଡିବ। କାରଣ ଆଫଗାନିସ୍ତାନ ଦିନିଆରେ କେବେ ହେଲେ ବି ୩୪୦ରୁ ଅଧିକ ରନ କରିପାରି ନାହିଁ। ସେହିପରି ଦଳ ଦିନିକିଆରେ ସର୍ବାଧିକ ୨୮୨ ରନ ହିଁ ଚେଜ କରିଛି। ଏବେ ଭାରତ ବିପକ୍ଷ ଦିନିକିଆ ଜିତିବାକୁ ହେଲେ ଦଳକୁ ୪୦୦ରୁ ଅଧିକ ରନ କରିବାକୁ ପଡିବ। ତେଣୁ ଆଫଗାନିସ୍ତାନ ଆଗରେ ଏବେ ରନର ପାହାଡ ଛିଡା କରିବାକୁ ସକ୍ଷମ ହୋଇଛି ଭାରତ। ଭାରତ ଦିନିକିଆରେ ୮ମ ଥର ପାଇଁ ୪୦୦ରୁ ଅଧିକ ରନ କରିଛି। ଏହା ଦିନିକିଆରେ ଗୋଟିଏ ରେକର୍ଡ। ଭାରତ ବ୍ୟତୀତ ଦକ୍ଷିଣ ଆଫ୍ରିକା ମଧ୍ୟ ସମାନ ୮ଥର ଏପରି ସଫଳତା ପାଇଛି।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରୁଥିବା ଭାରତ ଆରମ୍ଭରୁ ଓପନର ଯଶସ୍ୱୀ ଜୈସୱାଲ(୪)ଙ୍କୁ ହରାଇଥିଲା। ଏହାପରେ ଗିଲ ଓ ଅଭିଜ୍ଞ ରୋହିତ ଶର୍ମା ସ୍ଥିତି ସମ୍ଭାଳିଥିଲେ। ରୋହିତଙ୍କ ବ୍ୟାଟରୁ ୨ଟି ଛକା ଓ ୬ଟି ଚୌକା ମଧ୍ୟ ଦେଖିବାକୁ ମିଳିଥିଲା। ସେ ନିଜର ଅର୍ଦ୍ଧଶତକ ଆଡକୁ ଯାଉଥିବା ବେଳେ ରାଶିଦ ଖାନଙ୍କ ତାଙ୍କ ବୋଲ୍ଡ କରି ଦେଇଥିଲେ। ରୋହିତ ୪୮ ରନ କରି ଆଉଟ ହେବା ବେଳକୁ ଦଳର ସ୍କୋର ଥିବା ୯୬। ବାସ୍ ଏହାପରେ ଗିଲ ଓ ଈଶାନ ସ୍ଥିତି ସମ୍ଭାଳିଥିଲେ। ଉଭୟ ବଡ ବଡ ଶଟ ଖେଳି ଆଫଗାନ ବୋଲରଙ୍କୁ ଧରାଶାୟୀ କରିଥିଲେ। ଈଶାନ ୭୧ ବଲରେ ଓ ଗିଲ ୭୭ ବଲରେ ଶତକ ପୂରଣ କରିଥିଲେ। ଏହାପରେ ଉଭୟ ଗିୟର ବଦଳାଇ ଦ୍ରୁତଗତିରେ ରନ ସଂଗ୍ରହ ଆରମ୍ଭ କରିଥିଲେ।

ଏଥିସହ ତୃତୀୟ ୱିକେଟ ପାଇଁ ୨୨୪ ରନର ଭାଗିଦାରୀ କରିଥିଲେ। ଦଳୀୟ ସ୍କୋରର ୩୨୦ ଥିବା ବେଳେ ଈଶାନ ବଡ ଶଟ ଖେଳିବାକୁ ଯାଇ ଖାରୋଟିଙ୍କ ବଲରେ ଆଉଟ ହୋଇଥିଲେ। ଈଶାନ ୭୯ ବଲରେ ୧୪ଟି ଚୌକା ଓ ୭ଟି ଛକା ବଳରେ ୧୨୫ ରନର ଇନିଂସ ଖେଳିଛନ୍ତି। ଈଶାନ ଆଉଟ ହୋଇଥିଲେ ହେଁ ଗିଲ ନିଜର ଆକ୍ରମଣ ଜାରି ରଖି ୧୫୦ ରନ ପୂରଣ କରିଥିଲେ। ଏହାପରେ ଆଉ ଗୋଟିଏ ଚୌକା ମାରିଥିଲେ। କିନ୍ତୁ ରିଭର୍ସ ସୁଇପ ଖେଳିବାକୁ ଯାଇ ସେ ଖାରୋଟିଙ୍କ ଦ୍ୱିତୀୟ ଶିକାର ବନିଥିଲେ। ଗିଲ ୨୨ଟି ଚୌକା ଓ ୨ଟି ଛକା ବଳରେ ୧୫୪ ରନ କରିଛନ୍ତି।

କେଏଲ ରାହୁଲ ଖାତା ଖୋଲିବା ପୂର୍ବରୁ ଖାରୋଟି ତାଙ୍କୁ ପ୍ୟାଭିଲିୟନ ପଠାଇ ଦେଇଥିଲେ। ଗୋଟିଏ ଓଭର ପରେ ଶ୍ରେୟସ ଆୟର(୨୬)ଙ୍କୁ ମଧ୍ୟ ସେ ଆଉଟ କରିଥିଲେ। ଏହାପରେ ଭାରତ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଗୁରନୁର ବ୍ରାର(୩), ଅର୍ଶଦୀପ ସିଂହ(୩) ଓ ୱାଶିଂଟନ ସୁନ୍ଦର(୧୯) ସମସ୍ତଙ୍କୁ ନିରାଶ କରିଥିଲେ। ଶେଷ ଓଭରର ୩ୟ ବଲରେ ପ୍ରିନ୍ସ ଯାଦବ ୧ ରନ ନେବାରୁ ଭାରତର ସ୍କର ୪୦୦ ଛୁଇଁଥିଲା। ପରବର୍ତ୍ତୀ ବଲରେ କୁଲଦୀପ ଆଉ ଗୋଟିଏ ରନ ଯୋଡିଥିଲେ। କିନ୍ତୁ ୫ମ ବଲରେ ପ୍ରିନ୍ସ ୨ ରନ ନେବା ଲୋଭରେ ରନ ଆଉଟ ହୋଇ ଯାଇଥିଲେ। ଏଥିସହ ଭାରତ ୪୦୨ ରନରେ ଅଟକି ଯାଇଛି। ଆଫଗାନିସ୍ତାନ ପାଇଁ ଖାରୋଟି ସର୍ବାଧିକ ୪ଟି ୱିକେଟ ନେଇଥିବା ବେଳେ ରାଶିଦଙ୍କ ୩ଟି, ଆଲ୍ଲା ଗଜନଫର ଓ ମହମ୍ମଦ ସଲୀମ ସୈଫ ଗୋଟିଏ ଲେଖାଏ ସଫଳତା ପାଇଛନ୍ତି।

# ଫାଇନାଲରେ ଭାରତ ଏ’

କଲମ୍ବୋ,୧୭।୬: ପ୍ରଥମେ ବର୍ଷା ଓ ତା’ ପରେ ସୁପର ଓଭର ବିବାଦ ଯୋଗୁ ଝୁଣ୍ଟି ଥିବା ଭାରତୀୟ ଏ ଟିମ ଆଜି କମାଲ କରିଛି। ଦଳ ଆଜି ଆଫଗାନିସ୍ତାନ ଏ ଟିମକୁ ବିଶାଳ ୧୦୧ ରନରେ ହରାଇ ତ୍ରିପାକ୍ଷିକ ସିରିଜର ଫାଇନାଲ ଟିକେଟ ହାସଲ କରିଛି।

ଦିନକ ପୂର୍ବରୁ ଦଳ ଶ୍ରୀଲଙ୍କା ଏ ଠାରୁ ବେଶ ବିବାଦୀୟ ଢଙ୍ଗରେ ହାରିଥିଲା। ଏହାପରେ ଦଳର ଫାଇନାଲ ପ୍ରବେଶ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। କିନ୍ତୁ ତଳିକ ବର୍ମାଙ୍କ ଭାରତୀୟ ଏ ଟିମ ଆଜି ଚମତ୍କାର ପ୍ରଦର୍ଶନ ସହ ଫାଇନାଲ ଟିକେଟ ହାତେଇଛି।

ଭାରତ ଏ ୪ ପଏଣ୍ଟ ଓ ଯୁକ୍ତ ୦.୭୯୭ ରନରେଟ ସହ ତାଲିକାର ୧ନଂ ସ୍ଥାନରେ ପହଞ୍ଚି ଯାଇଛି। ପୂର୍ବରୁ ୧ ନମ୍ବରେ ଥିବା ଶ୍ରୀଲଙ୍କା ଏ ଦ୍ୱିତୀୟକୁ ଖସି ଯାଇଛି। ଆଫଗାନିସ୍ତାନ ଏ ପୂର୍ବଭଳି ୩ ନମ୍ବରରେ ରହିଛି। ଗ୍ରୁପ ପର୍ଯ୍ୟାୟର ଶେଷ ମ୍ୟାଚ୍ ଶୁକ୍ରବାର ଆଫଗାନିସ୍ତାନ ଏ ଓ ଶ୍ରୀଲଙ୍କା ଏ ମଧ୍ୟରେ ଖେଳାଯିବ। ଆଫଗାନିସ୍ତାନ ଏ କେବଳ ମ୍ୟାଚ୍ ଜିତିଲେ ମଧ୍ୟ ଫାଇନାଲକୁ ଯାଇ ପାରିବ ନାହିଁ। ଦଳର ରନ ରେଟ ଏବେ ମାଇନସ୍‌ରେ ରହିଛି। ତେଣୁ ଦଳକୁ ବଡ ବିଜୟ ଦରକାର।

ଘରୋଇ ଶ୍ରୀଲଙ୍କା ଏ କିନ୍ତୁ ଭଲ ସ୍ଥିତିରେ ରହିଛି। ଦଳ ମ୍ୟାଚ୍ ହାରିଲେ ମଧ୍ୟ ଫାଇନାଲ ଖେଳିବାକୁ ସକ୍ଷମ ହେବ। ଏବେ ଶ୍ରୀଲଙ୍କା ଏ ୪ ପଏଣ୍ଟ ପାଇଥିବା ବେଳେ ଦଳର ରନ ରେଟ୍ + ୦.୪୯୪ ରହିଛି। ଆଫଗାନିସ୍ତାନର ରନ ରେଟ୍ -୧.୯୮୩। ତେଣୁ ରବିବାର ଭାରତ ଏ ଓ ଶ୍ରୀଲଙ୍କା ଏ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯିବାର ସମ୍ଭାବନା ଅଧିକ। ଏପରି ହେଲେ ଭାରତ ଏ ଟିମ ସୁପର ଓଭର ପରାଜୟର ପ୍ରତିଶୋଧ ନେବାକୁ ମଧ୍ୟ ସୁଯୋଗ ପାଇବ। ଆଜିର ମ୍ୟାଚ୍ କଥା ବିଚାରକୁ ନେଲେ ଡମ୍ବୁଲାରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରୁଥିବା ଭାରତ ଏକୁ ଦୁଇ ଓପନର ବୈଭବ ସୂର୍ଯ୍ୟବଂଶୀ ଓ ପ୍ରିୟାଂଶ ଆର୍ଯ୍ୟ ଦମଦାର ଷ୍ଟାର୍ଟ ଦେଇଥିଲେ। ସୂର୍ଯ୍ୟବଂଶୀ ବଡ ଶଟ ଖେଳି ୨୮ ବଲରେ ୩୮ ରନ କରିଥିଲେ। କିନ୍ତୁ ଏହାକୁ ଆଗକୁ ନେଇ ପାରି ନଥିଲେ।



ତାଙ୍କ ୱିକେଟ ଫରିଦୁନ ଡାୱୁଡଜାଇ ନେଇଥିଲେ। କିନ୍ତୁ ପ୍ରିୟାଂଶ ନିଜର ଅର୍ଦ୍ଧଶତକ ହାସଲ କରିଥିଲେ। ପ୍ରିୟାଂଶଙ୍କ ୫୮, ଅଧିନାୟକ ତିଳକ ବର୍ମାଙ୍କ ୫୯, ତ୍ରିପାକ୍ଷିକ ସିରିଜରେ ପ୍ରଥମ ମ୍ୟାଚ୍ ଖେଳୁଥିବା କୁମାର କୁଶଗ୍ରାଙ୍କ ୫୮, ଋତୁରାଜ ଗାଏକ୍ୱାଡଙ୍କ ୩୦, ଶେଷ ଭାଗରେ ବିପରଜ ନିଗମଙ୍କ ଦ୍ରୁତ ୩୦ ଓ ନିଶାନ୍ତ ସିନ୍ଧୁଙ୍କ ୨୧ ରନ ବଳରେ ଭାରତ ଏ ନିର୍ଦ୍ଧାରିତ ୫୦ ଓଭରରେ ୯ ୱିକେଟ ହରାଇ ୩୧୯ ରନ କରିଥିଲା। ୩୨୦ ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଆଫଗାନିସ୍ତାନ ଏ ପାଇଁ ପ୍ରଥମ ଅଧିନାୟକ ଇମରାନ ମୀର ୩୨ ରନ ଯୋଡିଥିଲେ। ଏହାପରେ ମଧ୍ୟକ୍ରମରେ ଫୈଜଲ ଶିନୋଜାଦା ୪୬ ଓ ବହିର ଶାହ ୫୭ ରନ କରିଥିଲେ। କିନ୍ତୁ ବହିର ଆଉଟ ହେବା କ୍ଷଣି ଆଫଗାନିସ୍ତାନ ଏର ବ୍ୟାଟିଂ ଲାଇନ ଅପକୁ ନିଶାନ୍ତ ସିନ୍ଧୁ ତା’ସର ଘର ଭଳି ଭୁଶୁଡାଇ ଦେଇଥିଲେ।ସେ ଏକକୀ ୪ ୱିକେଟ ନେବାରୁ ଆଫଗାନିସ୍ତାନ ଏ ୩୬.୫ ଓଭରରେ ୨୧୮ ରନ କରିବାକୁ ସକ୍ଷମ ହୋଇଥିଲା। ଭାରତ ଏ ପାଇଁ ସିନ୍ଧୁଙ୍କ ବ୍ୟତୀତ ୟଶ ଠାକୁର ୨ଟି, ଅଂଶୁଲ କମ୍ବୋଜ, ବିପରଜ ନିଗମ, ସୂର୍ଯ୍ୟାଂଶୁ ଶେଡଗେ ଓ ଅନୁକୂଳ ରୟ ଗୋଟିଏ ଲେଖାଏ ୱିକେଟ ପାଇଛନ୍ତି।

## ୩୬ ବର୍ଷ ପରେ ଅଷ୍ଟ୍ରିଆକୁ ବିଶ୍ୱକପ୍ ବିଜୟ ସ୍ୱାଦ

ସାଣ୍ଟା କ୍ଲାରା:୧୭।୬: ଫୁଟ୍‌ବଲ୍ ବିଶ୍ୱକପ୍‌ରେ ଅଷ୍ଟ୍ରିଆ ବୁଧବାର ୩୬ ବର୍ଷ ପରେ ବିଜୟର ସ୍ୱାଦ ପାଇଛି। ଏଠାରେ ଖେଳାଯାଇଥିବା ଗ୍ରୁପ୍-ଜେ ମ୍ୟାଚ୍‌ରେ ଏହି ଦଳ ୩-୧ ଗୋଲ୍‌ରେ ପଦାର୍ପଣକାରୀ ଜୋର୍ଡାନ୍‌କୁ ପରାସ୍ତକରିଛି। ୧୯୯୦ରେ ଆମେରିକାକୁ ହରାଇବା ପରେ ବିଶ୍ୱକପ୍‌ରେ ଏହା ଥିଲା ଅଷ୍ଟ୍ରିଆର ପ୍ରଥମ ବିଜୟ। ଶେଷ ୬ ବିଶ୍ୱକପ୍ ଖେଳି ନଥିବା ଅଷ୍ଟ୍ରିଆ ୨୧ତମ ମିନିଟ୍‌ରେ ଅଗ୍ରଣୀ ନେଇଥିଲା। ଜାଭର ଶ୍ଲାଗରଙ୍କ ପାସ୍‌ରେ ରୋମାନୋ ଶ୍ମିଡ ଏହି ଗୋଲ୍ ଦେଇଥିଲେ। ପ୍ରଥମାର୍ଦ୍ଧ ୧-୦ରେ ଶେଷ ହେବା ପରେ ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ଜୋର୍ଡାନ୍ ଗୋଲ୍‌ଟି ଶୁଝି ସ୍ଥିତି ବରାବର କରି ଦେଇଥିଲା। ଜୋର୍ଡାନ ପାଇଁ ବିଶ୍ୱକପ୍‌ର ଏହି ପ୍ରଥମ ଗୋଲ୍‌ଟି ଅଲୀ ଓଲ୍ୱାନ ଦେଇଥିଲେ। ୭୬ ମିନିଟ୍‌ରେ ଜୋର୍ଡାନର ୟାଜନ ଅଲ୍-ଆରବଙ୍କ ଆତ୍ମଘାତୀ ଗୋଲ୍‌ରେ ଅଷ୍ଟ୍ରିଆ ପୁଣି ଆଗୁଆ ହୋଇ ଯାଇଥିଲା। ଶେଷ ଇନ୍‌ଜୁରି ସମୟରେ ଅଷ୍ଟ୍ରିଆକୁ ମିଳିଥିବା ପେନାଲ୍‌ଟିକୁ ମାର୍କୋ ଅର୍ନାଉଟୋଭିକ୍ ଗୋଲ୍‌ରେ ପରିଣତ କରି ଦଳକୁ ୩-୧ରେ ବିଜୟ ଭେଟି ଦେଇଥିଲେ। ପରାଜୟ ସତ୍ତ୍ୱେ ଜୋର୍ଡାନ୍‌ର ଅଲୀ ଓଲ୍ୱାନ୍ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ।

## ଫେସ୍‌ବୁକ୍ ପେଜ୍ ବିରୋଧରେ ଥାନାକୁ ଗଲେ ଗାଙ୍ଗୁଲି

କୋଲକାତା,୧୭।୬: ପୂର୍ବତନ ଭାରତୀୟ କ୍ରିକେଟ୍ ଦଳର ଅଧିନାୟକ ତଥା ବେଙ୍ଗଲ କ୍ରିକେଟ୍ ସଂଘ (ସିଏବି) ସଭାପତି ସୌରଭ ଗାଙ୍ଗୁଲି ନିଜ ନାମରେ ହୋଇଥିବା ଏକ ଫେସବୁକ୍ ପେଜ୍ ଓ ମିଡିଆ ପ୍ଲାଟ୍‌ଫର୍ମ ବିରୋଧରେ ଥାନାରେ ଏତଲା ଦେଇଛନ୍ତି। ତାଙ୍କ ନାଁରେ ମାନହାନିଜନକ ବିଷୟବସ୍ତୁ ପ୍ରସାରଣ ଏବଂ ଭାବମୂର୍ତ୍ତିକୁ ନଷ୍ଟ କରିବାକୁ ଚେଷ୍ଟା କରିବା ନେଇ କୋଲକାତା ପୁଲିସ ନିକଟରେ ଅଭିଯୋଗ କରିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ଠାକୁରପୁକୁର ଥାନାରେ ହୋଇଥିବା ଏତଲାରେ ଦର୍ଶାଯାଇଛି ଯେ, ‘ସୌରଭ ଗାଙ୍ଗୁଲି ପ୍ରଶଂସକ’ ନାମରେ କିଏ ଜଣେ ଫେସବୁକ୍ ପେଜ୍ ଖୋଲି ତାଙ୍କ ଭାବମୂର୍ତ୍ତିକୁ ନଷ୍ଟ କରିବାକୁ ଚେଷ୍ଟା କରୁଛି।

ଏଥିରେ ମିଡିଆ ପ୍ଲାଟ୍‌ଫର୍ମ ‘ସ୍ୱାର୍ଟଜଓ୍ୱିକି’ ନାଁ ଉଲ୍ଲେଖ ରହିଛି। ଏହି ପେଜ୍‌ରେ ମୋ ଭାବମୂର୍ତ୍ତି ନଷ୍ଟ କରିବା ପାଇଁ ଲଗାତାର ନକରାତ୍ମକ ପୋଷ୍ଟ କରାଯାଉଛି। ଜଣେ ସାଧାରଣ ବ୍ୟକ୍ତି ଭାବେ ମୁଁ ବୁଝୁଛି ଯେ ମତାମତ ଓ ସମାଲୋଚନା କରିବା ଏକ ଜୀବନର ଅଂଶ। କିନ୍ତୁ ଉଦେଶ୍ୟମୂଳକ ଭାବେ ମୋ ପ୍ରତିଷ୍ଠା ଓ ମାନରେ ଆଞ୍ଚ ଲାଗି କାର୍ଯ୍ୟ ହେଉଥିବାରୁ ମୁଁ ବାଧ୍ୟ ହୋଇ ଆଇନର ଦ୍ୱାରସ୍ଥ ହୋଇଛି। ମୁଁ ଅନୁରୋଧ କରୁଛି କି ଅଭିଯୋଗ ଗ୍ରହଣ କରିବା ସହ ଏହି ଫେସ୍‌ବୁକ୍ ପେଜ୍‌କୁ ପରିଚାଳନା କରୁଥିବା ବ୍ୟକ୍ତି ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ।

## ୟୁକେ ଗସ୍ତରେ ଭାରତୀୟ କନିଷ୍ଠ ମହିଳା ଦଳ, ୭ ମ୍ୟାଚ୍ ଖେଳିବ

ନୂଆଦିଲ୍ଲୀ,୧୭।୬: ଭାରତୀୟ କନିଷ୍ଠ ମହିଳା ହକି ଦଳ ଆସନ୍ତା ମାସ ୫ରୁ ୧୪ ତାରିଖ ପର୍ଯ୍ୟନ୍ତ ୟୁକେ ଗସ୍ତ କରିବ। ସେଠାରେ ଭାରତୀୟ ୨୧ ବର୍ଷରୁ କମ୍ ଦଳ ସ୍କଟ୍‌ଲାଣ୍ଡ ବରିଷ୍ଠ ଦଳ ବିପକ୍ଷରେ ୫ ଓ ୬ ତାରିଖରେ ଦୁଇଟି ମ୍ୟାଚ୍ ଖେଳିବ। ଏହାପରେ ୨୧ ବର୍ଷରୁ କମ୍ ଆମେରିକା (ଜୁଲାଇ ୮, ୧୧), ଇଂଲଣ୍ଡ (୯, ୧୨) ଓ ବେଲ୍‌ଜିୟମ୍ (୧୪) ବିପକ୍ଷରେ ୟୁକେ ଗସ୍ତ ଶେଷ କରିବ। ଭାରତ ଏହି ଗସ୍ତ ନୂଆ




ପ୍ରଶିକ୍ଷକ ଟିମ୍ ହ୍ୱାଇଟ୍‌ଙ୍କ ତତ୍ତ୍ୱାବଧାନରେ କରିବ। ଏହି ଗସ୍ତ ନେଇ ହ୍ୱାଇଟ୍ କହିଛନ୍ତି, ‘‘ଏହି ଗସ୍ତରେ ଆମର ଖେଳାଳିମାନେ ଗୁଣାତ୍ମକ ଅନ୍ତର୍ଜାତୀୟ ଅଭିଜ୍ଞତା ପାଇବ। ବିଶ୍ୱର ୩ ଶ୍ରେଷ୍ଠ କନିଷ୍ଠ ଶ୍ରେଷ୍ଠ ଦଳ ସହ ସ୍କଟଲାଣ୍ଡ ବରିଷ୍ଠ ଦଳ ବିପକ୍ଷ ମ୍ୟାଚ୍‌ରୁଆମ ଖେଳାଳି ବହୁତ କିଛି ଶିଖିବାକୁ ପାଇବେ। ଯୁବ ଖେଳାଳିମାନଙ୍କୁ ଏହି ଗସ୍ତ ଅନ୍ତର୍ଜାତୀୟ ମାନଦଣ୍ଡ ସହିତ ଖାପ ଖୁଆଇବା, ଆତ୍ମବିଶ୍ୱାସ ବାଢ଼ିବ ସହ ଚ୍ୟାଲେଞ୍ଜିଂ ପରିବେଶରେ ଖେଳିବାର ଅଭିଜ୍ଞତା ଦେବ। ଯାହା ପରବର୍ତ୍ତୀ ସମୟରେ ଏହି ଖେଳାଳିମାନେ ବରିଷ୍ଠ ଦଳରେ ସ୍ଥାନ ଦେବାରେ ସୁଯୋଗ ଆଣିବ’’।

# ମେସିଙ୍କ ହ୍ୟାଟ୍ରିକ୍ ଗୋଲ୍ : ଆର୍ଜେଣ୍ଟିନାର ବିଜୟ ଅଭିଯାନ

କନ୍‌ସାସ୍ ସିଟି,୧୭।୬: ପ୍ରଥମ ଖେଳାଳି ଭାବେ ଷଷ୍ଠ ବିଶ୍ୱକପ୍ ଖେଳୁଥିବା ଲିଓନେଲ୍ ମେସିଙ୍କ ହ୍ୟାଟ୍ରିକ୍‌ରେ ବିଜେତା ଆର୍ଜେଣ୍ଟିନାର ଅଭିଯାନ ବିଜୟରୁ ଆରମ୍ଭ ହୋଇଛି। ବୁଧବାର ଗ୍ରୁପ୍-ଜେ ମ୍ୟାଚ୍‌ରେ ଆର୍ଜେଣ୍ଟିନା ୩-୦ ଗୋଲ୍‌ରେ ଅଲ୍‌ଜେରିଆକୁ ପରାସ୍ତ କରି ପୁଣି ଟ୍ରଫିଦାବିଦାର ଥିବା ଦର୍ଶାଇଛି। ୨୦୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାର ମାଇଲ୍‌ଖୁଣ୍ଟ ଛୁଇଁଥିବା ୩୮ ବର୍ଷୀୟ ମେସି ପଞ୍ଚମ ମିନିଟ୍‌ରେ ଅଲ୍‌ଜେରିଆ ଗୋଲ୍‌ପୋଷ୍ଟକୁ ବଲ୍ ପଠାଇ ଦେଇଥିଲେ, ହେଲେ ଏହା ଅଫ୍‌ସାଇଡ୍ ହେବାରୁ ଆର୍ଜେଣ୍ଟିନା ଅଗ୍ରଣୀ ନେଇ ପାରି ନଥିଲା। ଏହାର ୧୨ ମିନିଟ୍ ପରେ ରୋଡ୍ରିଗ୍ ଡି’ପଲ୍‌ଙ୍କ ପାସ୍‌କୁ ତାରକା ଖେଳାଳି ମେସି (୧୭ ମିନିଟ୍) ଗୋଲ୍‌ରେ ପରିଣତ କରି ଆର୍ଜେଣ୍ଟିନାକୁ ପ୍ରାରମ୍ଭିକ ଅଗ୍ରଣୀ ଦେଇଥିଲେ।

ପୁଣି ଥରେ ମେସି ୨୫ତମ ମିନିଟ୍‌ରେ ଗୋଲ୍ ଦେବାର ଦ୍ୱାରରେ ପହଞ୍ଚିଥିଲେ। ହେଲେ ୫ ୟାର୍ଡରୁ ତାଙ୍କର ଏକ ଚମତ୍କାର ରକେଟ୍ ସଟ୍‌କୁ ଫ୍ରାନ୍ସ ମହାନ ଜନେଦିନେ ଜିଡାନ୍‌ଙ୍କ ପୁଅ ତଥା ଅଲ୍‌ଜେରିଆ ଗୋଲି ଲୁକା ଜିଡାନେଙ୍କ ଆଙ୍ଗଠି ଟିପରେ ଅଟକାଇ ପୋଷ୍ଟ୍‌ର ଡାହାଣକୋଣକୁ ପଠାଇ ଦେଇଥିଲେ। ଫଳରେ ଆର୍ଜେଣ୍ଟିନା ପ୍ରଥମାର୍ଦ୍ଧକୁ ୧-୦ରେ ନିଜ ପକ୍ଷରେ ରଖିଥିଲା। ଦ୍ୱିତୀୟାର୍ଦ୍ଧରେ ମେସିଙ୍କ ଚମକ ପୁଣି ଦେଖିବାକୁ ମିଳିଥିଲା। ୬୦ତମ ମିନିଟ୍‌ରେ ସେ ଦ୍ୱିତୀୟ ଗୋଲ୍ କରିଥିଲେ। ଆଲେକ୍ସିସ୍ ମ୍ୟାକ୍ ଆଲିଷ୍ଟରଙ୍କ ପାସ୍‌ରେ ମେସି ଏହି ଗୋଲ୍‌ଟି ଦେଇଥିଲେ। ଏହାର ୫ ମିନିଟ୍ ପରେ ମେସି ହ୍ୟାଟ୍ରିକ୍ ପୂରଣ କରିବାର ଦ୍ୱାରରେ ପହଞ୍ଚି ଯାଇଥିଲେ। ହେଲେ ତାଙ୍କର ସଟ୍‌କୁ ଜେଡାନ ବାର୍ ଓପରକୁ ଠେଲି ଏଥିରୁ ବଞ୍ଚିତ



କରିଥିଲେ। ହେଲେ ମେସି ୭୬ତମ ମିନିଟ୍‌ରେ ନିଜର ହ୍ୟାଟ୍ରିକ୍ ଅର୍ଜନ କରିବାରେ ସଫଳ ହୋଇଥିଲେ। ନିକୋ ଗୋଞ୍ଜାଲେଜଙ୍କ ପାସ୍‌ରେ ସେ ଏହି ଗୋଲ୍ ଦେଇ ବିଶ୍ୱକପ୍‌ରେ ପ୍ରଥମ ହ୍ୟାଟ୍ରିକ୍ ଅର୍ଜନ କରିଥିଲେ। ଏହାପରେ ମେସି ପଡିଆ ଛାଡିଥିଲେ। ଶେଷ ପର୍ଯ୍ୟନ୍ତ ଆଉ ଗୋଲ୍ ନହେବାରୁ ଆର୍ଜେଣ୍ଟିନା ୩-୦ରେ ବିଜୟୀ ହୋଇଥିଲା।

ଅଲ୍‌ଜେରିଆ ବିପକ୍ଷରେମେସି୩୮ ବର୍ଷ ୩୫୭ ଦିନ ବୟସରେ ହ୍ୟାଟ୍ରିକ୍ ଅର୍ଜନ କରିବାରେ ବୟସ୍କ ଖେଳାଳି ହୋଇଛନ୍ତି। ପୂର୍ବରୁ ଏହି ରେକର୍ଡ ପର୍ତ୍ତୁଗାଲର କ୍ରିଷ୍ଟିଆନୋରୋନାଲ୍‌ଡୋଙ୍କ ନାଁରେ ଥିଲା।-ଆର୍ଜେଣ୍ଟିନା ପାଇଁ ବିଶ୍ୱକପ୍‌ରେ ଗୋଲ୍ କରିବାରେ ମେସି ଉଭୟ ସର୍ବକନିଷ୍ଠ ଓ ବୟସ୍କ ଖେଳାଳି ହେବାର ଗୌରବ ପାଇଛନ୍ତି। ସେ ୧୮ ବର୍ଷ ବୟସରେ ୨୦୦୬ରେ ସର୍ବିୟା ବିପକ୍ଷରେ ପ୍ରଥମ ବିଶ୍ୱକପ୍ ଗୋଲ୍ କରିଥିଲେ।ଅଲ୍‌ଜେରିଆ ବିପକ୍ଷରେ ହ୍ୟାଟ୍ରିକ୍ ଅର୍ଜନ କରିବା ପରେ ମେସିଙ୍କ ବିଶ୍ୱକପ୍ ଗୋଲ୍ ସଂଖ୍ୟା ୧୬ରେ ପହଞ୍ଚିଛି। ଯାହା ସର୍ବାଧିକ ଗୋଲ୍ ସ୍କୋର୍ କରିଥିବା ଜର୍ମାନୀର ମିରୋସଲାଭ କ୍ଲୋଜଙ୍କ ସମକକ୍ଷ ହୋଇଛି। ରୋନାଲ୍‌ଡୋଙ୍କ ପରେ ମେସି ୫ ବିଶ୍ୱକପ୍‌ରେ ଗୋଲ୍ କରିବାରେ ଦ୍ୱିତୀୟ ଖେଳାଳିହୋଇଛନ୍ତି। ମେସି ୨୦୦୬, ୨୦୧୪, ୨୦୧୮, ୨୦୨୨, ୨୦୨୬ରେ ଏହି ସଫଳତା ପାଇଛନ୍ତି। ମେସି ପ୍ରଥମ ଖେଳାଳି ଭାବେ ୬ ବିଶ୍ୱକପ୍ ଖେଳିବାର ଗୌରବ ଅର୍ଜନ କରିଛନ୍ତି। ୨୦୦୬ଠୁ ସେ ପ୍ରତିବିଶ୍ୱକପ୍ ଖେଳି ଆସୁଛନ୍ତି। -ରୋନାଲ୍‌ଡୋ (୨୨୮) ଓ କୁଏତର ବାଡେର ଅଲ୍ ମୁତୱା (୨୦୨)ଙ୍କ ପରେ ମେସି ୨୦୦ ମ୍ୟାଚ୍ ଖେଳିବାରେ ତୃତୀୟ ଖେଳାଳି ହୋଇଛନ୍ତି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com
Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ